RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-287 ◆WEDNESDAY ◆15 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୮୭ ◆ବୁଧବାର ◆୧୫ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




**‘ରାକା’**
ଅଲ୍ଲୁଙ୍କୁ ୧୭୫,
ଦୀପିକାଙ୍କୁ ୨୫

▸ପୃଷ୍ଠା ୧୧ ଦେଖନ୍ତୁ...








## ଇରାନ ବନ୍ଦର ଅବରୋଧ ହଟାଇବାକୁ ଆମେରିକା ଉପରେ ସାଉଦିର ଚାପ

ରିୟାଦ, ୧୪।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ସାମ୍ନାକୁ ଆସିଛି। ହର୍ମୁଜ ପ୍ରଣାଳୀ ଉପରୁ ଅବରୋଧ ହଟାଇବା ଏବଂ ପୁଣି ଥରେ ଆଲୋଚନାକୁ ଫେରିବା ପାଇଁ ସାଉଦି ଆରବ ଏବେ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଉପରେ ଚାପ ପକାଉଥିବା ଜଣାପଡ଼ିଛି। ଲୋହିତ ସାଗର ଜଳପଥ ଉପରେ ବିପଦ ଥିବା ସୌଦି ଚିନ୍ତା ପ୍ରକଟ କରିଛି। ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀ ଦେଇ ରପ୍ତାନି ବାଧାପ୍ରାପ୍ତ ହୋଇଛି। ଏହାପରେ ସୌଦି ଆରବ ଏହାର ତୈଳକୁ ମରୁଭୂମି ମଧ୍ୟ ଦେଇ ପାଇପଲାଇନ ସାହାଯ୍ୟରେ ଲୋହିତ ସାଗର ପର୍ଯ୍ୟନ୍ତ ପହଞ୍ଚାଇ ପାରୁଛି। ଏହାଦ୍ୱାରା ସେମାନେ ଦୈନିକ ପ୍ରାୟ ୭ ନିୟୁତ ବ୍ୟାରେଲ ତୈଳ ରପ୍ତାନି କରୁଛନ୍ତି। କିନ୍ତୁ ଇରାନ ଯଦି ବାବ୍ ଅଲ-ମାଣ୍ଡେବ୍ ଚୋକ୍ ପଏଣ୍ଟକୁ ବନ୍ଦ କରିଦିଏ, ତେବେ ସୌଦିର ଏହି ବିକଳ୍ପ ରପ୍ତାନି ପଥ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଅନ୍ୟପଟେ ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି ଯେ, ରାଷ୍ଟ୍ରପତି ଟ୍ରମ୍ପ ହର୍ମୁଜ ପ୍ରଣାଳୀକୁ ମୁକ୍ତ ରଖିବାକୁ ଚାହାଁନ୍ତି। ଇରାନ ଯେପରି କୌଣସି ଦେଶକୁ ବ୍ଲାକମେଲ୍ ନକରିପାରେ ସେଥିପାଇଁ ଏହି ଅବରୋଧ କରାଯାଇଛି। ଆମେରିକା ଏହି ପ୍ରସଙ୍ଗରେ ତାର ଗଲ୍ ସହଯୋଗୀଙ୍କ ସହ ନିୟମିତ ଯୋଗାଯୋଗରେ ଥିବା କହିଛି।

## ଜିନ୍‌ପିଙ୍ଗଙ୍କ ୪ ସୂତ୍ରୀ ଶାନ୍ତି ପ୍ରସ୍ତାବ

ବେଜିଂ, ୧୪।୪(ଏଜେନ୍ସି): ମଧ୍ୟ ପ୍ରାଚ୍ୟରେ ବଢ଼ୁଥିବା ଉତ୍ତେଜନା ଏବଂ ଆମେରିକା-ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧର ସମାଧାନ ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏକ ୪ ସୂତ୍ରୀ ଶାନ୍ତି ପ୍ରସ୍ତାବ ପ୍ରଦାନ କରିଛନ୍ତି। ଆବୁଧାବିର କ୍ରାଉନ ପ୍ରିନ୍ସ ଶେଖ ଖାଲେଦ ବିନ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହିଆନଙ୍କ ବେଜିଂ ଗସ୍ତ ସମୟରେ ମଙ୍ଗଳବାର ଜିନପିଙ୍ଗ ଏହି ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି। ପାକିସ୍ତାନରେ ଆମେରିକା ଏବଂ ଇରାନ ମଧ୍ୟରେ ଅନୁଷ୍ଠିତ ଅସ୍ତ୍ରବିରତି ଆଲୋଚନା ବିଫଳ ହେବାର କିଛି ଦିନ ପରେ ଜିନପିଙ୍ଗଙ୍କ ଏହି ବୟାନ ସାମ୍ନାକୁ ଆସିଛି। ଏନେଇ ଜିନପିଙ୍ଗ ପ୍ରସ୍ତାବ ଦେଇଛନ୍ତି ଯେ, ୧. ସମସ୍ତ ପକ୍ଷ ଶାନ୍ତିପୂର୍ଣ୍ଣ ଭାବେ ସହଅବସ୍ଥାନ କରିବାର ନୀତିକୁ ଗୁରୁତ୍ୱ ଦେବା ଆବଶ୍ୟକ। ୨. ପ୍ରତ୍ୟେକ ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ସମସ୍ତେ ସମ୍ମାନ ଦେବା ଉଚିତ। ୩. ଆଞ୍ଚଳିକ ବିକାଶ ଏବଂ ସୁରକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଜରୁରୀ। ୪. ଅନ୍ତର୍ଜାତୀୟ ନିୟମ ଆଧାରିତ ବ୍ୟବସ୍ଥାକୁ ସୁରକ୍ଷିତ ରଖିବାକୁ ହେବ। ଜିନପିଙ୍ଗ କହିଛନ୍ତି ଯେ, ଆମେ ବିଶ୍ୱକୁ ଜଙ୍ଗଲ ନିୟମ ଆଡକୁ ଫେରିବାକୁ ଦେଇପାରିବା ନାହିଁ। ଅନ୍ତର୍ଜାତୀୟ ନିୟମକୁ ନିଜ ସୁବିଧା ଅନୁସାରେ ବ୍ୟବହାର କରିବା କିମ୍ବା ପରିତ୍ୟାଗ କରିବା ଅନୁଚିତ ବୋଲି ସେ ଦୃଢ଼ ଭାବେ କହିଛନ୍ତି।

## ନୋଏଡା ଆନ୍ଦୋଳନ: ୩୫୦ରୁ ଊର୍ଦ୍ଧ୍ୱ ଗିରଫ

ନୋଏଡା, ୧୪।୪(ଏଜେନ୍ସି): ଉତ୍ତର ପ୍ରଦେଶର ନୋଏଡାରେ ଦରମା ବୃଦ୍ଧି ଦାବି କରି ଶ୍ରମିକମାନଙ୍କ ଦ୍ୱାରା କରାଯାଉଥିବା ବିକ୍ଷୋଭ ହିଂସାତ୍ମକ ରୂପ ଧାରଣ କରିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଏପର୍ଯ୍ୟନ୍ତ ୩୫୦ରୁ ଅଧିକ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଶ୍ରମିକମାନେ ସେମାନଙ୍କର ସର୍ବନିମ୍ନ ମଜୁରୀ ବୃଦ୍ଧି ଦାବିରେ ପ୍ରତିବାଦ କରୁଥିବା ବେଳେ ଏହା ହିଂସାରେ ପରିଣତ ହୋଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସର୍ବନିମ୍ନ ମଜୁରୀରେ ବୃଦ୍ଧି କରାଯାଇଛି। ତଥାପି, ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସୁରକ୍ଷା ଭାବନା ସୃଷ୍ଟି କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରଭାବିତ ଅଞ୍ଚଳରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅତିରିକ୍ତ ରାପିଡ୍ ଆକ୍ସନ ଫୋର୍ସ ଏବଂ ପ୍ରାଦେଶିକ ସଶସ୍ତ୍ର କନଷ୍ଟେବୁଲାରୀର କମ୍ପାନୀଗୁଡ଼ିକୁ ତୁରନ୍ତ ମୁତୟନ କରାଯାଇଛି। ସୁରକ୍ଷା କର୍ମୀମାନେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଫ୍ଲାଗ୍ ମାର୍ଚ୍ଚ କରିଛନ୍ତି।

## ତୁର୍କୀ ବିଦ୍ୟାଳୟରେ ଗୁଳିକାଣ୍ଡ; ୧୬ ଆହତ

ତୁର୍କୀ, ୧୪।୪(ଏଜେନ୍ସି): ତୁର୍କୀର ଦକ୍ଷିଣ-ପୂର୍ବ ସାନଲିଉର୍ଫା ପ୍ରଦେଶର ଏକ ବିଦ୍ୟାଳୟରେ ମଙ୍ଗଳବାର ଜଣେ ୧୯ ବର୍ଷୀୟ ପୂର୍ବତନ ଛାତ୍ର ବିଦ୍ୟାଳୟ ପରିସରରେ ଅନ୍ଧ ଗୁଳିଚାଳନା କରି ଅତି କମରେ ୧୬ ଜଣଙ୍କୁ ଆହତ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପୂର୍ବରୁ ସେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଆକ୍ରମଣ ଶିବେରେକ୍ ଜିଲ୍ଲାର ଏକ ଶିକ୍ଷାନୁଷ୍ଠାନରେ ଘଟିଥିଲା। ଆକ୍ରମଣକାରୀ ଏକ ଶଟଗନ୍ ସହିତ ବିଦ୍ୟାଳୟ ପରିସରରେ ପ୍ରବେଶ କରିଥିଲର। ସେ ପ୍ରଥମେ ବିଦ୍ୟାଳୟର ପଡ଼ିଆରେ ଏବଂ ପରେ କୋଠା ଭିତରକୁ ପଶିଥିଲା ଏବଂ ଯିଏ ସାମ୍ନାକୁ ଆସିଲା ତାଙ୍କ ଉପରକୁ ଗୁଳି ଚଳାଇଥିଲର। ଏହି ଗୁଳିକାଣ୍ଡରେ ମୋଟ ୧୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୦ ଜଣ ଛାତ୍ର, ୪ ଜଣ ଶିକ୍ଷକ, ଜଣେ ପୋଲିସ ଅଧିକାରୀ ଏବଂ ଜଣେ ବିଦ୍ୟାଳୟ କ୍ୟାଣ୍ଟିନ୍ କର୍ମଚାରୀ ରହିଛନ୍ତି। ସମସ୍ତ ଆହତଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ପୁଣି କଥା ହେବେ ଇରାନ-ଆମେରିକା

## ଜେନେଭା କିମ୍ବା ଇସଲାମାବାଦରେ ବୈଠକ ସମ୍ଭାବନା

ୱାସିଂଟନ୍, ୧୪।୪(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ୬ ସପ୍ତାହର ଯୁଦ୍ଧର ଅନ୍ତ ଘଟାଇବା ପାଇଁ ନୂତନ ପ୍ରୟାସ ଆରମ୍ଭ ହୋଇଛି। ପାକିସ୍ତାନର ଇସଲାମାବାଦରେ ଅନୁଷ୍ଠିତ ୨୧ ଘଣ୍ଟାର ମୁହାଁମୁହିଁ ଆଲୋଚନା କୌଣସି ଚୂଡ଼ାନ୍ତ ନିଷ୍କର୍ଷରେ ପହଞ୍ଚି ପାରି ନାହିଁ। ମାତ୍ର ଏହାପରେ ଆସନ୍ତା ଗୁରୁବାର ପୁଣି ଏକ ପର୍ଯ୍ୟାୟ

**■ ଗୁରୁବାର ହୋଇପାରେ ଆଲୋଚନା**

ଆଲୋଚନା ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଅସ୍ତ୍ରବିରତି ଶେଷ ହେବା ପୂର୍ବରୁ ଚୁକ୍ତି ପାଇଁ ଲକ୍ଷ୍ୟ ରହିଛି। ଦୁଇ ଦେଶ ମଧ୍ୟରେ ବର୍ତ୍ତମାନ ଦୁଇ ସପ୍ତାହର ଅସ୍ତ୍ରବିରତି ରହିଛି, ଯାହାର ଅବଧି ଏପ୍ରିଲ ୨୧ରେ ଶେଷ ହେବ। ଏହି ସମୟ ସୀମା ପୂର୍ବରୁ ଏକ ସ୍ଥାୟୀ ସମାଧାନ ବାହାର କରିବାକୁ ଉଭୟ ୱାସିଂଟନ୍ ଏବଂ ତେହେରାନ ବିଚାର କରୁଥିବା ଜଣାପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି ଯେ, ଇରାନ ପକ୍ଷରୁ ବୁଝାମଣା ପାଇଁ ଆଗ୍ରହ ପ୍ରକାଶ କରାଯାଇଛି। ଯଦି ଇରାନ ଆମେରିକାର ସର୍ତ୍ତଗୁଡ଼ିକୁ ମାନିବାକୁ ପ୍ରସ୍ତୁତ ହୁଏ, ତେବେ ସେ ବ୍ୟକ୍ତିଗତ ଭାବେ ଆଲୋଚନାରେ



ସାମିଲ ହୋଇପାରନ୍ତି ବୋଲି ସଙ୍କେତ ମିଳିଛି।

ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ସ୍ଥାନ ମୁଖ୍ୟ ପ୍ରସଙ୍ଗ ହୋଇଛି। ଏଥିପାଇଁ ଇସଲାମାବାଦ ଏବଂ ଜେନେଭାକୁ ସମ୍ଭାବ୍ୟ ସ୍ଥାନ ଭାବେ ବିଚାର କରାଯାଉଛି। ପୂର୍ବରୁ ହୋଇଥିବା ଆଲୋଚନାରେ ଆମେରିକାର ପ୍ରତିନିଧି ଦଳର ନେତୃତ୍ୱ ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ନେଇଥିବା ବେଳେ ଇରାନ ପକ୍ଷରୁ ସଂସଦ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ନେତୃତ୍ୱ ନେଇଥିଲେ। ତେବେ ଏହି ବିବାଦର ସମାଧାନ ପଥରେ କେତେକ ଜଟିଳ ପ୍ରସଙ୍ଗ ବାଧା ସୃଷ୍ଟି କରୁଛି। ଇରାନ ହର୍ମୁଜ ପ୍ରଣାଳୀ ଜଳପଥକୁ ନିଜ ଅକ୍ତିଆରକୁ ଆଣିବାକୁ ଚାହିଁଥିବା ବେଳେ ଆମେରିକା ଏହାର ବିରୋଧ କରିଛି। ଏପରିକି ପ୍ରଥମ ଆଲୋଚନା ବିଫଳ ହେବା ପରେ ଆମେରିକା ମଧ୍ୟ ହର୍ମୁଜରେ ଇରାନ ତୈଳ ପରିବହନକୁ ପ୍ରତିରୋଧ କରି ଇରାନର ପ୍ରଭାବ ହ୍ରାସ କରିବାକୁ ଚେଷ୍ଟା କରିଛି। ସେପଟେ ଏହି ଅବରୋଧ ଯୋଗୁଁ ଇରାନକୁ ଦୈନିକ ପ୍ରାୟ ୪୩୫ ନିୟୁତ ଡଲାରର ଆର୍ଥିକ କ୍ଷତି ସହିବାକୁ ପଡୁଛି। ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଇରାନର ପରମାଣୁ କାର୍ଯ୍ୟକ୍ରମ, ଅନ୍ତର୍ଜାତୀୟ ପ୍ରତିବନ୍ଧକ ଏବଂ ଲେବାନନରେ ହିଜବୁଲ୍ଲା ଉପରେ ଇସ୍ରାଏଲର ଆକ୍ରମଣ ଏହି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ରହିଛି। ଏପରି ସ୍ଥିତିରେ ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଇସଲାମାବାଦ ଆଲୋଚନାରେ କିଛି ସକାରାତ୍ମକ ସଙ୍କେତ ମିଳିଥିଲେ ମଧ୍ୟ ଇରାନ ପର୍ଯ୍ୟାପ୍ତ ପଦକ୍ଷେପ ନେଇନାହିଁ ବୋଲି କହିଛନ୍ତି। ବର୍ତ୍ତମାନ ପରବର୍ତ୍ତୀ ପଦକ୍ଷେପ ଇରାନକୁ ନେବାକୁ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# କାହିଁକି ବିଫଳ ହେଲା ଇସଲାମାବାଦ ଆଲୋଚନା

ନୂଆଦିଲ୍ଲୀ, ୧୪।୪(ଏଜେନ୍ସି): ପାକିସ୍ତାନର ଇସଲାମାବାଦଠାରେ ଆମେରିକା ଏବଂ ଇରାନ ମଧ୍ୟରେ ଅନୁଷ୍ଠିତ ଐତିହାସିକ ଆଲୋଚନା କୌଣସି ନିଶ୍ଚିତ ସମାଧାନ ବିନା ଶେଷ ହୋଇଛି। ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ବିଶେଷ କରି ୟୁରାନିୟମ ସମ୍ପ୍ରସାରଣକୁ ସ୍ଥଗିତ ରଖିବା ସମୟସୀମା ଉପରେ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା। ଏନେଇ ଦୁଇ ଦେଶ ମଧ୍ୟରେ ରହିଥିବା ବଡ଼ ଧରଣର ମତଭେଦ ଆଲୋଚନାରେ ମୁଖ୍ୟ ପ୍ରତିବନ୍ଧକ ସାଜିଥିଲା। ୱାସିଂଟନ ଇରାନର ୟୁରାନିୟମ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଉପରେ ଅତି କମରେ ୨୦ ବର୍ଷର ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତାବ ଦେଇଥିଲା। କିନ୍ତୁ ତେହେରାନ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା ଏବଂ କେବଳ ୫ ବର୍ଷ ପାଇଁ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଥିଲା। ଆମେରିକାର ଚାପ ସତ୍ତ୍ୱେ ଇରାନ ଏହି ସମୟସୀମା ବଢ଼ାଇବାକୁ ମନା କରିଦେଇଛି। ତେବେ ରାଜନୀତି ବିଶାରଦ ଇଆନ୍ ବ୍ରେମର୍ ଦୁଇ ପକ୍ଷ ମଧ୍ୟରେ ୧୨.୫ ବର୍ଷର ଏକ ମଧ୍ୟବର୍ତ୍ତୀକାଳୀନ ସମୟସୀମା ଉପରେ ସହମତି ହେବାର ସମ୍ଭାବନା ଏବେ ମଧ୍ୟ ରହିଛି ବୋଲି କହିଛନ୍ତି।





ସୂତ୍ର ଅନୁଯାୟୀ, ଇସଲାମାବାଦର ସେରେନା ହୋଟେଲରେ ପ୍ରାୟ ୨୦ ଘଣ୍ଟା ଧରି ମାରାଥନ୍ ବୈଠକ ହୋଇଥିଲା। ଏଥିରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ସଂସଦୀୟ ବାଚସ୍ପତି ମହମ୍ମଦ ବାକର କାଲିବାଫ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଲୋଚନାରେ କେବଳ ପରମାଣୁ ପ୍ରସଙ୍ଗ ନୁହେଁ, ବରଂ ହର୍ମୁଜ ପ୍ରଣାଳୀର ପୁନଃ ଉନ୍ମୋଚନ, ଅନ୍ତର୍ଜାତୀୟ କଟକଣା ପ୍ରତ୍ୟାହାର ଏବଂ ସୁରକ୍ଷା ଗ୍ୟାରେଣ୍ଟି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପାକିସ୍ତାନ ସମେତ ମିଶର ଏବଂ ତୁର୍କୀ ଏହି ସଙ୍କଟ ସମାଧାନ ପାଇଁ ମଧ୍ୟସ୍ଥି ଭାବେ କାର୍ଯ୍ୟ କରୁଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ପ୍ରୟାସ ଜାରି ରହିଛି। ତେବେ ଆଲୋଚନା ସଫଳ ହୋଇନଥିଲେ ମଧ୍ୟ କୂଟନୈତିକ ଦ୍ୱାର ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇନାହିଁ ବୋଲି କୁହାଯାଇଛି।

**■ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ୨୦ ବର୍ଷ ବନ୍ଦ ପାଇଁ ଚାହିଁଥିଲା ଆମେରିକା**

**■ ଇରାନ ୫ ବର୍ଷ ପାଇଁ ରାଜି ହୋଇଥିଲା**

ସେପଟେ ଇରାନ ସରକାରଙ୍କ ପକ୍ଷରୁ ସମ୍ପର୍କ କରାଯାଇଛି ଏବଂ ସେମାନେ ଏକ ଚୁକ୍ତି କରିବାକୁ ଆଗ୍ରହୀ ଅଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏପରି ସ୍ଥଳରେ ସ୍ଥିତି ଅଧିକ ଜଟିଳ ହୋଇପଡ଼ିଛି। କାରଣ ସୋମବାରଠାରୁ ଆମେରିକା ସେନା ଇରାନର ବନ୍ଦରଗୁଡ଼ିକ ଉପରେ ଅବରୋଧ ଆରମ୍ଭ କରିଦେଇଛି। ଆମେରିକାର ଏପରି ପଦକ୍ଷେପ ୨ ସପ୍ତାହର ଅସ୍ତ୍ରବିରତିକୁ ବିପଦରେ ପକାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

**ଟ୍ରମ୍ପଙ୍କ ନୌସେନା ଅବରୋଧକୁ ଚ୍ୟାଲେଞ୍ଜ**

# ହର୍ମୁଜ ଦେଇ ଅତିକ୍ରମ କଲା ଚୀନ୍‌ର ତେଲ ଟ୍ୟାଙ୍କର




ତେହେରାନ, ୧୪।୪(ଏଜେନ୍ସି): ଇରାନର ତେଲ ରପ୍ତାନି ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ନୌସେନା ଅବରୋଧକୁ ଏକ ବଡ଼ ଆହ୍ୱାନ ମିଳିଛି। ଚୀନ୍ ସହିତ ସମ୍ପୃକ୍ତ ଏବଂ ଆମେରିକା ଦ୍ୱାରା ପ୍ରତିବନ୍ଧିତ ଏକ ତେଲ ଟ୍ୟାଙ୍କର 'ରିଚ୍ ଷ୍ଟାରି' ହର୍ମୁଜ ପ୍ରଣାଳୀ ଦେଇ ଗତି କରି ଏହି ଅବରୋଧର ଗମ୍ଭୀରତାକୁ ପରୀକ୍ଷା କରିଥିବା ଜଣାପଡ଼ିଛି। ପୂର୍ବରୁ 'ଫୁଲ୍ ଷ୍ଟାର୍' ନାମରେ ପରିଚିତ ଏହି ଟ୍ୟାଙ୍କରକୁ ୱାସିଂଟନ କଳାତାଲିକାଭୁକ୍ତ କରିଥିଲା। ଇରାନ ବିରୋଧରେ ଆମେରିକା ପକ୍ଷରୁ ଥିବା ଶକ୍ତି ପ୍ରତିବନ୍ଧକକୁ ଅମାନ୍ୟ କରିବା ଅଭିଯୋଗରେ ଆମେରିକା ଏହି କାର୍ଯ୍ୟାନୁଷ୍ଠାନ ନେଇଥିଲା। ଗତ ସୋମବାର ଟ୍ରମ୍ପ ପ୍ରଶାସନ ଇରାନର ତେଲ ବିକ୍ରୟ କ୍ଷମତାକୁ ସୀମିତ କରିବା ପାଇଁ ଏହି ନୌସେନା ଅବରୋଧ ଆରମ୍ଭ କରିଛି। ଯାହା ବିଶ୍ୱ ଶକ୍ତି ବଜାରରେ ଉତ୍ତେଜନା ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ରିଚ୍ ଷ୍ଟାରି ଜାହାଜଟି ଗତ ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ପାରସ୍ୟ ଉପସାଗରରୁ ବାହାରିବାକୁ ଚେଷ୍ଟା କରିଥିଲା। ଅବରୋଧ କାର୍ଯ୍ୟକାରୀ ହେବା ମାତ୍ରେ ଜାହାଜଟି ପ୍ରଥମେ ପଛକୁ ଫେରିଯାଇଥିଲା, କିନ୍ତୁ କିଛି ଘଣ୍ଟା ପରେ ନିଜର ଚୀନ୍ ମାଲିକାନା ଏବଂ ଚୀନ୍‌କୁ ଥିବା ପ୍ରସାରଣ କରି ପୁଣି ଯାତ୍ରା ଆରମ୍ଭ କରିଥିଲା। ଏହା ସହିତ 'ଏଲପିସ୍' ନାମକ ଅନ୍ୟ ଏକ ଟ୍ୟାଙ୍କର ମଧ୍ୟ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଥିବା ରିପୋର୍ଟ ମିଳିଛି। ଏହି ଅବରୋଧ ଯୋଗୁଁ ଇରାନ ଦୈନିକ ପ୍ରାୟ ୪୩୫ ନିୟୁତ ଡଲାର କ୍ଷତି ସହୁଥିବା ଅନୁମାନ କରାଯାଉଛି। ଅନ୍ୟପଟେ, ଚୀନ୍ ବିଦେଶ ମନ୍ତ୍ରୀ ୱାଙ୍ଗ ୟି ଏହି ପଦକ୍ଷେପକୁ ନିନ୍ଦା କରିବା ସହ ଉଭୟ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ଅପିଲ କରିଛନ୍ତି। ରିଚ୍ ଷ୍ଟାରି ଜାହାଜଟି ମାଲାୱି ପତାକା ବ୍ୟବହାର କରୁଥିବା ଦାବି କରୁଥିଲେ ହେଁ ମାଲାୱି ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି।

## ନୀତୀଶଙ୍କୁ ହଟାଇବାକୁ ପ୍ରତିଜ୍ଞା କରିଥିଲେ ସମ୍ରାଟ

ପାଟନା, ୧୪।୪(ଏଜେନ୍ସି): ବିହାର ରାଜନୀତିରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଦୀର୍ଘ ଦୁଇ ଦଶନ୍ଧି ଧରି ଚାଲିଆସିଥିବା ନୀତିଶ କୁମାରଙ୍କ ଶାସନ କାଳର ପରିସମାପ୍ତି ଘଟିବା ସହ ବିଜେପି ନେତା ସମ୍ରାଟ ଚୌଧୁରୀ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହା ସହିତ ବିହାରରେ ବିଜେପି ପ୍ରଥମ ଥର ପାଇଁ ନିଜର ମୁଖ୍ୟମନ୍ତ୍ରୀ ପାଇବାକୁ ଯାଉଛି। ମଙ୍ଗଳବାର ଅନୁଷ୍ଠିତ ବିଜେପି ବିଧାୟକ ଦଳ ବୈଠକରେ ୫୭ ବର୍ଷୀୟ ସମ୍ରାଟ ଚୌଧୁରୀଙ୍କୁ ସର୍ବସମ୍ମତି କ୍ରମେ ନେତା ଭାବେ ଚୟନ କରାଯାଇଛି। ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ଉପ-ମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା ତାଙ୍କ ନାମ ସୁପାରିଶ କରିଥିଲେ। ଅନ୍ୟ ବରିଷ୍ଠ ନେତାମାନେ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ସୂଚନା ଅନୁଯାୟୀ, ଆସନ୍ତାକାଲି ଅର୍ଥାତ ଏପ୍ରିଲ ୧୫ରେ ଲୋକ ଭବନଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ସମ୍ରାଟ ଚୌଧୁରୀ ବର୍ତ୍ତମାନ ରାଜ୍ୟର ଗୃହ ବିଭାଗ ସମ୍ଭାଳୁଥିବା ବେଳେ ପୂର୍ବରୁ ସେ ବିହାର ବିଜେପିର ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ଜଣେ ଶକ୍ତିଶାଳୀ ଓବିସି (କୁଶୱାହ-କୋଏରୀ) ଚେହେରା ଭାବେ ତାଙ୍କର ରାଜ୍ୟରେ ବେଶ ପ୍ରଭାବ ରହିଛି। ନିଜର ଚୟନ ପରେ ଶ୍ରୀ ଚୌଧୁରୀ ସୋସିଆଲ ମିଡିଆ 'ଏକ୍ସ' ମାଧ୍ୟମରେ କେନ୍ଦ୍ରୀୟ ନେତୃତ୍ୱ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିହାରର ଜନସାଧାରଣଙ୍କ ସେବା କରିବା ପାଇଁ ନିଷ୍ଠା ଓ ସାଧୁତାର ସହ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରୀ ଚୌଧୁରୀ ଜଣେ ପ୍ରତିଷ୍ଠିତ ରାଜନେତା ଶକୁନି ଚୌଧୁରୀଙ୍କ ପୁତ୍ର। ସେ ୧୯୯୯ରେ ଆରଜେଡି ସରକାରରେ କୃଷି ମନ୍ତ୍ରୀ ଭାବେ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ ଏବଂ ପରେ ଜେଡିୟୁ ଦେଇ ୨୦୧୮ରେ ବିଜେପିରେ ସାମିଲ ହୋଇଥିଲେ। ୨୦୨୫ ବିଧାନସଭା ନିର୍ବାଚନରେ ବିଜେପିକୁ ସବୁଠାରୁ ବଡ଼ ଦଳ ଭାବେ ଉଭା କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏକଦା ନୀତିଶ କୁମାରଙ୍କ ପ୍ରଖର ସମାଲୋଚକ ଥିବା ଚୌଧୁରୀ, ନୀତିଶଙ୍କୁ କ୍ଷମତାରୁ ହଟାଇବା ପର୍ଯ୍ୟନ୍ତ ନିଜ ମୁଣ୍ଡରୁ 'ମୁରେଠା' (ପଗଡ଼ି) ନଖୋଲିବାକୁ ଶପଥ ନେଇଥିଲେ, ଯାହା ଏବେ ପୂର୍ଣ୍ଣ ହୋଇଛି ବୋଲି କୁହାଯାଉଛି।





## ୬ ଥର ଇସ୍ତଫା, ୧୦ ଥର ଶପଥ

ପାଟନା, ୧୪।୪(ଏଜେନ୍ସି): ଭାରତୀୟ ରାଜନୀତିରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ରାଜନୈତିକ ଜୀବନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବାରମ୍ବାର ଶପଥ ଗ୍ରହଣ ଏବଂ ବାରମ୍ବାର ଇସ୍ତଫା ଦେବାର ଏକ ବିରଳ ନୀତି ତାଙ୍କୁ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ଉଭା କରିଛି। ନୀତିଶ ମୋଟ ୧୦ ଥର ବିହାରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ୬ ଥର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହା କୌଣସି ଭାରତୀୟ ରାଜନେତାଙ୍କ ପାଇଁ ଏକ ରେକର୍ଡ।.

ନୀତିଶ କୁମାରଙ୍କ ରାଜନୈତିକ ଜୀବନ ୩ ମାର୍ଚ୍ଚ ୨୦୦୦ରୁ ଆରମ୍ଭ ହୋଇଥିଲା। ଯଦିଓ ସେହି ସରକାର ମାତ୍ର କିଛି ଦିନ ପାଇଁ ରହିଥିଲା ଏବଂ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାରେ ବିଫଳ ହୋଇ ସେ ୧୦ ମାର୍ଚ୍ଚ ୨୦୦୦ରେ ପ୍ରଥମ ଥର ପାଇଁ ଇସ୍ତଫା ଦେଇଥିଲେ। ଏହା ପରଠାରୁ ୨୦୦୫ରେ ସେ ପୁଣି କ୍ଷମତାକୁ ଫେରିଥିଲେ ଏବଂ ବିହାର ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ୨୦୧୦ରେ ସେ ତୃତୀୟ ଥର ପାଇଁ ଶପଥ ନେଇଥିଲେ। ୨୦୧୪ ଲୋକସଭା ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ ପାଇଁ ନୈତିକ ଦାୟିତ୍ୱ ଗ୍ରହଣ କରି ସେ ଇସ୍ତଫା ଦେଇଥିଲେ। କିନ୍ତୁ ଫେବୃଆରୀ ୨୦୧୫ରେ ଜିତନ ରାମ ମାଞ୍ଝୀଙ୍କୁ ହଟାଇ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୫ ବିଧାନସଭା ନିର୍ବାଚନ ପରେ ଆରଜେଡି ସହ ମିଶି ପଞ୍ଚମ ଥର, ୨୦୧୭ ରେ ମହାଗଠବନ୍ଧନ ଭାଙ୍ଗି ଏନଡିଏ ସହ ମିଶି ଷଷ୍ଠ ଥର ଏବଂ ୨୦୨୦ରେ ସପ୍ତମ ଥର ପାଇଁ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ୨୦୨୨ରେ ଏନଡିଏ ଛାଡି ପୁଣି ବିରୋଧୀଙ୍କ ସହ ମିଶି ଅଷ୍ଟମ ଥର, ୨୦୨୪ରେ ପୁଣି ଏନଡିଏକୁ ଫେରି ନବମ ଥର ଏବଂ ଶେଷରେ ୨୦୨୫ ବିଧାନସଭା ନିର୍ବାଚନ ପରେ ସେ ଦଶମ ଥର ପାଇଁ ଶପଥ ଗ୍ରହଣ କରିଛନ୍ତି।

ନୀତିଶଙ୍କ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ, ତାଙ୍କ ଦଳ ଜନତା ଦଳ (ୟୁନାଇଟେଡ୍) କେବେବି ନିଜ ବଳରେ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିନାହିଁ। ୨୦୧୦ରେ ଜେଡିୟୁ ସର୍ବାଧିକ ୧୧୫ଟି ଆସନ ଜିତିଥିଲେ ମଧ୍ୟ ବହୁମତ ପାଇଁ ଆବଶ୍ୟକ ୧୨୨ଟି ଆସନଠାରୁ ୭ଟି ପଛରେ ଥିଲା। ତେଣୁ ବିଜେପି ନେତୃତ୍ୱାଧୀନ ଏନଡିଏ ହେଉ ବା ଆରଜେଡି-କଂଗ୍ରେସର ମହାଗଠବନ୍ଧନ, ନୀତିଶ ସବୁବେଳେ ମେଣ୍ଟ ଉପରେ ନିର୍ଭର କରି ଶାସନ ଗାଦିରେ ରହିଛନ୍ତି। ନୀତିଶଙ୍କ ଏହି ରଣନୀତିକୁ ପାଇଁ ସମାଲୋଚକମାନେ ତାଙ୍କର ବାରମ୍ବାର ଦଳ ବଦଳ ଓ ଇସ୍ତଫାକୁ ନେଇ ତାଙ୍କ ନୈତିକତା ଏବଂ ଜନାଦେଶ ପ୍ରତି ସମ୍ମାନ ଉପରେ ପ୍ରଶ୍ନ ଉଠାଇ ଆସିଛନ୍ତି। ତଥାପି, ଏହି ସମସ୍ତ ବିତର୍କ ମଧ୍ୟରେ ଏକ କଥା ସ୍ପଷ୍ଟ ଯେ, ନୀତିଶ କୁମାର ଏଭଳି ଏକ ରାଜନୈତିକ ମଡେଲ ତିଆରି କରିଛନ୍ତି ଯେଉଁଠାରେ ସେ ସମୟ ଅନୁଯାୟୀ ନିଷ୍ପତ୍ତି ନେଇ ଏବଂ ମେଣ୍ଟ ପରିଚାଳନା କରି ନିଜର କ୍ଷମତା ବଜାୟ ରଖିବାରେ ସଫଳ ହୋଇଛନ୍ତି।

# ଛତିଶଗଡ଼ ବିଦ୍ୟୁତ ପ୍ରକଳ୍ପରେ ବିସ୍ଫୋରଣ, ୧୦ ମୃତ

ନୂଆଦିଲ୍ଲୀ, ୧୪।୪(ଏଜେନ୍ସି): ଛତିଶଗଡ଼ର ଶକ୍ତି ଜିଲ୍ଲା ସ୍ଥିତ ବେଦାନ୍ତ ଲିମିଟେଡ୍ ପାୱାର ପ୍ଲାଣ୍ଟରେ ମଙ୍ଗଳବାର ଏକ ଭୟଙ୍କର ବଏଲର ବିସ୍ଫୋରଣ ଘଟିଛି। ଦୁର୍ଘଟଣାରେ ଅତିକମରେ ୯ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏସ୍‌ପି ପ୍ରଫୁଲ୍ଲ ଠାକୁରଙ୍କ ଅନୁଯାୟୀ, ଦୁର୍ଘଟଣା ସ୍ଥଳରେ ହିଁ ୩ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ବିସ୍ଫୋରଣ ପରେ ତୁରନ୍ତ ସ୍ଥାନୀୟ ପ୍ରଶାସନ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତ ଶ୍ରମିକମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ପଡୋଶୀ ରାୟଗଡ଼ ଜିଲ୍ଲାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ପ୍ଲାଣ୍ଟ ପରିସର ଅତ୍ୟଧିକ ଗରମ ଥିବାରୁ ସେଠାରୁ ସମସ୍ତ ଶ୍ରମିକ ଓ କର୍ମଚାରୀଙ୍କୁ ବାହାର କରି ଦିଆଯାଇଛି। ରାୟଗଡ଼ ଏସ୍‌ଡିଏମ୍ ମହେଶ ଶର୍ମା ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବେଦାନ୍ତ ପ୍ଲାଣ୍ଟ ପରିଚାଳନା କର୍ତ୍ତୃପକ୍ଷ ଏକ ବିବୃତ୍ତିରେ କହିଛନ୍ତି ଯେ, ସିଂଘିତରାଇ ପ୍ଲାଣ୍ଟର ଏହି ବଏଲର ୟୁନିଟ୍‌କୁ ଏକ ସବ୍-କଣ୍ଟ୍ରାକ୍ଟର ସଂସ୍ଥା 'ଏନ୍‌ଜିଏସ୍‌ଏଲ୍' ଦ୍ୱାରା ପରିଚାଳନା ଓ ରକ୍ଷଣାବେକ୍ଷଣ କରାଯାଉଥିଲା। ପ୍ରଭାବିତଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇଦେବା ଏବଂ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ତଦନ୍ତରେ ସହଯୋଗ କରୁଥିବା ସେ କହିଛନ୍ତି।





ସଞ୍ଜୁ ମାର୍ଚ୍ଚର ଶ୍ରେଷ୍ଠ କ୍ରିକେଟର

▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-287 ◆WEDNESDAY ◆15 APRIL 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୮୭ ◆ବୁଧବାର ◆୧୫ ଏପ୍ରିଲ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

# ହର୍ମୁଜ ଘେରିଲା ଆମେରିକା; ଇରାନର କ୍ଷେପଣାସ୍ତ୍ର ମାଡ଼

■ ତେହେରାନ, ୧୪।୪(ଏଜେନ୍ସି): ଇରାନର କଟକଣା ଏବଂ ଆମେରିକାର ନୌସେନା ଅବରୋଧକୁ ନେଇ ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ଲାଗି ରହିଥିବା ବେଳେ ଇରାନ ଆଜି ଆ।।ମେରିକା ଜାହାଜକୁ କ୍ଷେପଣାସ୍ତ୍ର ମାଡ଼ କରିଥିବାର ଖବର ମିଳିଛି। ଇରାନୀ ଗଣମାଧ୍ୟମରେ ପ୍ରସାରିତ ଭିଡିଓ ଫୁଟେଜ୍ ଅନୁଯାୟୀ ଇରାନ ପକ୍ଷରୁ ଆଜି ଜାହାଜ ବିଧ୍ୱଂସକାରୀ କ୍ରୁଜ୍ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଉପସାଗରରେ ମୁତୟନ ଆମରିକାର ଶକ୍ତିଶାଳୀ ଯୁଦ୍ଧ ଜାହାଜ ୟୁଏସଏସ୍ ଆବ୍ରାହମ ଲିଙ୍କନ୍ (ସିଭିଏନ୍-୭୨)କୁ ଲକ୍ଷ୍ୟ କରି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିବା କୁହାଯାଇଛି। ଇରାନର ରେଭଲ୍ୟୁସନାରୀ ଗାର୍ଡ ସୂତ୍ରକୁ ଉଦ୍ଧାର କରି କୁହାଯାଇଛି ଯେ ୟୁଏସଏସ୍ ଆବ୍ରାହମ ଲିଙ୍କନ୍ ଓମାନ ସାଗରରୁ ପାରସ୍ୟ ଉପସାଗରକୁ ଆସୁଥିବା ବେଳେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଇରାନର ୩୪୦ କିଲୋମିଟର ସମୁଦ୍ର ସୀମା ନିକଟରେ ଏହି ଆକ୍ରମଣ ହୋଇଛି।

ଇରାନୀ ଗଣମାଧ୍ୟମ କ୍ଷେପଣାସ୍ତ୍ର ଆକ୍ରମଣର ଫୁଟେଜ୍ ଜାରି କରିଥିଲେ ମଧ୍ୟ ସରକାରୀ ଭାବେ କିଛି କୁହାଯାଇ ନାହିଁ। ଆମେରିକା ମଧ୍ୟ ଏସଂପର୍କରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ୟୁଏସଏସ୍ ଆବ୍ରାହମ ଲିଙ୍କନରେ ଏକ ଲକ୍ଷ ଟନ୍ ପରମାଣୁ ଅସ୍ତ୍ର ଥିବା କୁହାଯାଉଛି।



**ଚିଠା ପ୍ରସ୍ତୁତ**

# ୮୫୦କୁ ବଢ଼ିବ ଲୋକସଭା ଆସନ

## ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ୩୩% ଆସନ

■ ନୂଆଦିଲ୍ଲୀ, ୧୪।୪(ଏଜେନ୍ସି): ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାଣ ପାଇଁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ଲୋକସଭାରେ ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି ପାଇବ। ରାଜ୍ୟମାନଙ୍କ ପାଇଁ ୮୧୫ଟି ଆସନ ରଖାଯାଇଥିବା ବେଳେ ୩୫ଟି ଆସନ କେନ୍ଦ୍ର ଶାସିତ ଅଞ୍ଚଳ ଲାଗି ରଖାଯାଇଛି। ଏହାସହିତ ମହିଳାଙ୍କ ଲାଗି ୩୩ ପ୍ରତିଶତ ଆସନ ସଂରକ୍ଷଣ ପାଇଁ ମଧ୍ୟ ବାଟ ଫିଟିବ। ।।କେନ୍ଦ୍ର ସରକାର ଆଜି ଏସଂକ୍ରାନ୍ତ ଚିଠାପ୍ରସ୍ତାବ ସାଂସଦମାନଙ୍କୁ ଦେଇଛନ୍ତି। ଏଥିପାଇଁ ଆସନ୍ତା ୧୬ ତାରିଖରୁ ଆହୂତ ସଂସଦର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନରେ ସମ୍ବିଧାନ ସଂଶୋଧନ ବିଲ୍ ସମେତ ତିନଟି ବିଲ୍ ଆଗତ କରିବାକୁ ଯାଉଛନ୍ତି। ୨୦୧୧ ଜନଗଣନା ଆଧାରରେ ସୀମା ପୁନଃନିର୍ଦ୍ଧାରଣ ଲାଗି ସରକାର ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ବିରୋଧ କରିଛନ୍ତି ବିରୋଧୀ ଦଳ। ୨୦୨୧ ଆଧାରେରେ ସୀମାପୁନଃନିର୍ଦ୍ଧାରଣ ଲାଗି ସେମାନେ ଦାବି କରିଛନ୍ତି।

**୧୬ରୁ ସ୍ୱତନ୍ତ୍ର ଅଧିବେଶନ, ଉପସ୍ଥାପିତ ହେବ ୩ଟି ବିଲ୍**

**୨୦୧୧ ଜନଗଣନା ଆଧାରରେ ହେବ ସୀମା ପୁନଃ ନିର୍ଦ୍ଧାରଣ**

**ବିରୋଧୀଙ୍କ ତୀବ୍ର ବିରୋଧ**



ସୀମା ପୁନଃନିର୍ଦ୍ଧାରଣ ବିଲ୍ ଏବଂ ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବା ନିମନ୍ତେ ସରକାର ତିନି ଦିନିଆ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଏହି ଅଧିବେଶନରେ ଯେଉଁ ତିନିଟି ବିଲ୍ ଆଗତ ହେବ, ତାହାହେଲା ଲୋକସଭା ସୀମା ପୁନଃନିର୍ଦ୍ଧାଣ ବିଲ, ମହିଳା ଆସନ ସଂରକ୍ଷଣ ବିଲ୍ ଏବଂ ତିନିଟି ।।କେନ୍ଦ୍ର ଶାସିତ ଅଞ୍ଚଳ ସଂକ୍ରାନ୍ତ ବିଲ୍। ରାଜ୍ୟମାନଙ୍କରୁ ୮୧୫ ସଭ୍ୟ ପ୍ରତ୍ୟକ୍ଷ ନିର୍ବାଚନ ଲାଗି ସମ୍ବିଧାନର ଧାରା ୮୧ରେ ସଂଶୋଧନ କରାଯିବ। କେନ୍ଦ୍ର ଶାସିତ ଅଞ୍ଚଳରୁ ୩୫ ଜଣ ସଭ୍ୟ ନିର୍ବାଚନ ଲାଗି ମଧ୍ୟ ଏଥିରେ ବ୍ୟବସ୍ଥା କରାଯାଇଛି।

ଏସଂର୍କରେ ସରକାର ବିଭିନ୍ନ ବିରୋଧୀ ଦଳମାନଙ୍କ ସହିତ ଆଲୋଚନା କରିଛନ୍ତି। କିନ୍ତୁ କଂଗ୍ରେସ ଏବଂ ଟିଏମସି ନେତାମାନଙ୍କ ସହିତ ଖୁବଶୀଘ୍ର ଆଲୋଚନା କରିବେ ବୋଲି ଜଣାପଡ଼ିଛି। ତେବେ ୨୦୧୧ ଜନଗଣନାକୁ ଆଧାର କରି ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଲାଗି ସରକାର ପ୍ରସ୍ତାବ ଦେଇଥିବା ବେଳେ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିଛନ୍ତି। ୨୦୨୧ ଜନଗଣନା ଆଧାରରେ ସୀମା ପୁନଃନିର୍ଦ୍ଧାରଣ ପାଇଁ ସେମାନେ ଦାବି କରିଛନ୍ତି। ଆପ୍, ଆରଜେଡି ଏବଂ ଡିଏମକେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ପୁଣି ମହିଳାଙ୍କ ସଂରକ୍ଷିତ ଆସନ ମଧ୍ୟରେ ପଛୁଆବର୍ଗ ମହିଳାଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ରହିବ କି ନାହିଁ, ଏସଂପର୍କରେ ବିରୋଧୀ ଦଳ ସରକାରଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ସରକାରଙ୍କର ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ଆସନ ସଂରକ୍ଷଣ ପ୍ରସ୍ତାବ ସଂପର୍କରେ ମିଳିତ ରଣନୀତି ଲାଗି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଦିଲ୍ଲୀ ବାସଭବନରେ ଇଣ୍ଡିଆ ମେଣ୍ଟ ନେତାମାନଙ୍କର ବୈଠକ ବସିବ। ଏଥିରେ କଂଗ୍ରେସ ସମେତ ଆପ୍, ଆରଜେଡି, ଡିଏମକେ ଏବଂ ତୃଣମୂଳ କଂଗ୍ରେସର ପ୍ରତିନିଧି ▶ପୃଷ୍ଠା-୭

# ମହଙ୍ଗା ହେବ ତେଲ

## ପେଟ୍ରୋଲ ବଢ଼ିବ ୧୮ ଟଙ୍କା, ଡିଜେଲ ୩୫ ଟଙ୍କା

■ ନୂଆଦିଲ୍ଲୀ,୧୪।୪(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଭାରତକୁ ଖୁବ୍ ଶୀଘ୍ର ବଡ଼ ଝଟ୍କା ଲାଗିବାକୁ ଯାଉଛି। କାରଣ ଘରୋଇ ବଜାରରେ ମହଙ୍ଗା ହେବାକୁ ଯାଉଛି ପେଟ୍ରୋଲ ଏବଂ ଡିଜେଲ। ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ଏକାଥରକେ ବଡ଼ ଧରଣର ବୃଦ୍ଧି ଖାଉଟିଙ୍କ ସ୍ଥିତି ଦୋହଲାଇ ଦେବାକୁ ଯାଉଛି। ଏଥିରେ ପେଟ୍ରୋଲ ଲିଟର ପିଛା ୧୮ ଟଙ୍କା ଏବଂ ଡିଜେଲ ୩୫ ଟଙ୍କା ମହଙ୍ଗା ହୋଇପାରେ। କେନ୍ଦ୍ର ସରକାର ପଶ୍ଚିମବଙ୍ଗ ସମେତ ୫ ରାଜ୍ୟରେ ନିର୍ବାଚନ ଶେଷ ହେବା ପରେ ପେଟ୍ରୋଲ-ଡିଜେଲ ମୂଲ୍ୟରେ ଏଭଳି ବୃଦ୍ଧି ଘଟାଇବାକୁ ଯାଉଛନ୍ତି।



ଆମେରିକା ଏବଂ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଭାରତୀୟ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ଉପରେ ପଡିବାରେ ଲାଗିଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଯୋଗୁ ତୈଳ କମ୍ପାନୀଗୁଡ଼ିକ ପ୍ରତି ଲିଟର ପେଟ୍ରୋଲରେ ପ୍ରାୟ ୧୮ ଏବଂ ଡିଜେଲରେ ୩୫ ଟଙ୍କା କ୍ଷତି ସହୁଛନ୍ତି। ଗତ ମାସରେ ତିନି କମ୍ପାନୀ ତେଲ ବିକ୍ରିରେ ପ୍ରାୟ ୨୪୦୦ କୋଟି ଟଙ୍କା କ୍ଷତି ସହିଛନ୍ତି। ସରକାରଙ୍କ ଦ୍ୱାରା ଉତ୍ପାଦ ଶୁଳ୍କରେ ୧୦ ଟଙ୍କା ଛାଡ଼ ପରେ ଏହି କ୍ଷତି ୧୬୦୦ କୋଟି ଟଙ୍କାକୁ ହ୍ରାସ ହୋଇଛି। ଅପରପକ୍ଷେ ଅଶୋଧିତ ତୈଳ ମୂଲ୍ୟରେ ପ୍ରତି ୧୦ ଡଲାର ବୃଦ୍ଧି ପେଟ୍ରୋଲ ଲିଟରରେ ପ୍ରାୟ ୬ ଟଙ୍କା ବୃଦ୍ଧି ଘଟାଉଛି। ତୈଳ କମ୍ପାନୀଗୁଡ଼ିକ ସମ୍ମୁଖୀନ ହେଉଥିବା ଆର୍ଥିକ କ୍ଷତିକୁ ପୂରଣ କରିବା ପାଇଁ ସରକାର ଖୁଚୁରା ବଜାରରେ ମୂଲ୍ୟ ବୃଦ୍ଧି ପଦକ୍ଷେପ ନେଉଛନ୍ତି। ଯାହାଫଳରେ ନିର୍ବାଚନ ପରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ଘଟିପାରେ।

ମ୍ୟାକ୍ୱାରି ଗ୍ରୁପର ଏକ ରିପୋର୍ଟ ଅନୁଯାୟୀ, ଚଳିତ ମାସ ▶ପୃଷ୍ଠା-୭

# ପହିଲି ବୈଶାଖରେ ତାତି ଟପିଲା ୪୧

## ୧୭ ତାରିଖ ପର୍ଯ୍ୟନ୍ତ ଅସମ୍ଭାଳ

■ ଭୁବନେଶ୍ୱର, ୧୪।୪ (ସମିସ): ପହିଲି ବୈଶାଖରେ ରାଜ୍ୟରେ ପାରା ଟପିଛି ୪୧ ଡ଼ିଗ୍ରୀ। ରାଜ୍ୟର ୭ଟି ସହରର ତାପମାତ୍ରା ୪୦ ଉପରେ ପହଞ୍ଚିଥିବାବେଳେ ଟିଟିଲାଗଡ଼ରେ ୪୧.୭ ଓ ସମ୍ବଲପୁରରେ ୪୧.୫ ଡ଼ିଗ୍ରୀ ରେକଡର୍ ହୋଇଛି। ଅନୁରୂପ ଭାବରେ ଝାରସୁଗୁଡ଼ାରେ ୪୧, ଭବାନୀପାଟଣାରେ ୪୧, ସୋନପୁରରେ ୪୦.୬ ଓ ତାଳଚେରରେ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ସ୍ଥିତି ଜାରି ରହିବ। ଅନ୍ୟପଟେ ଆସନ୍ତା ୩ ଦିନ ମଧ୍ୟରେ ଅଧିକାଂଶ ସ୍ଥାନରେ ତାତି ଆହୁରି ୪ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

**୩ ଦିନରେ ଆହୁରି ୪ ଡିଗ୍ରୀ ବଢ଼ିପାରେ ତାପମାତ୍ରା**

**ଟିଟିଲାଗଡ଼ରେ ୪୧.୭ ଡିଗ୍ରୀ, ସମ୍ବଲପୁରରେ ୪୧.୫**

**ରାଜ୍ୟର ୭ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ**

ରାଜ୍ୟକୁ ବର୍ତ୍ତମାନ କ୍ରମାଗତ ଭାବେ ଶୁଷ୍କ ଗରମ ବାୟୁ ପ୍ରବେଶ କରୁଛି। ଏହା ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ବଢ଼ିବାରେ ଲାଗିଛି। ଅନ୍ୟପଟେ ଉପକୂଳ ଓଡ଼ିଶାରେ ଆର୍ଦ୍ରତା ଅଧିକ ▶ପୃଷ୍ଠା-୭

**ଶକାବ୍ଦ ୧୯୪୮, ସମ୍ବତ୍ ୨୦୮୩**

# କମିବ କୃଷି ଉତ୍ପାଦନ; ବଢ଼ିବ ଭ୍ରଷ୍ଟାଚାର, ଅପରାଧ

■ ପୁରୀ, ୧୪।୪ (ସମିସ): ସୌରମାସ ଅନୁସାରେ ଆଜିଠାରୁ ଆରମ୍ଭ ହୋଇଛି ଓଡ଼ିଆ ବର୍ଷର ପ୍ରଥମ ଦିନ। ଏହିଦିନଠାରୁ ଏକମାସ ସୂର୍ଯ୍ୟ ଦେବ ମେଷ ରାଶିରେ ଅବସ୍ଥାନ କରୁଥିବାରୁ ଏହାକୁ ମେଷ ସଂକ୍ରାନ୍ତି ଓ ମହାବିଷୁବ ସଂକ୍ରାନ୍ତି ଭାବରେ ଅଭିହିତ କରାଯାଇଥାଏ। ଶକାବ୍ଦ ୧୯୪୮, ସମ୍ବତ୍ ୨୦୮୩ର ନୂତନ ପଞ୍ଜିକା ଆଜିଠାରୁ ପ୍ରଚଳନ ହୋଇଛି। ଚଳିତ ବର୍ଷ ରାଜ୍ୟରେ ବର୍ଷା ହ୍ରାସ ଯୋଗୁଁ କୃଷି ଉତ୍ପାଦନ କମିବ। ରାଜ୍ୟରେ ଭ୍ରଷ୍ଟାଚାର, ଦୁର୍ନୀତି, ଅପରାଧ ବୃଦ୍ଧି ପାଇବ ବୋଲି ନୂତନ ପଞ୍ଜିକାରେ ପୂର୍ବାନୁମାନ କରାଯାଇଛି।

**ଏ ବର୍ଷ ଓଡ଼ିଶାକୁ ଦିଶିବ ନାହିଁ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ**

ଦୋଳ ପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ଚଳିତ ବର୍ଷର ପାଞ୍ଜି ଆକଳନ ସମ୍ପର୍କରେ ବିଶିଷ୍ଟ ଜ୍ୟୋର୍ତିବିଦ୍ ତଥା ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି ଯେ ଓଡ଼ିଶାରେ ଏ ବର୍ଷ ପ୍ରଚଣ୍ଡ ରୌଦ୍ର ଓ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ କୃଷି ଉତ୍ପାଦନ ହ୍ରାସ ପାଇବ। ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଘଟିବ। ଆଇନ କାନୁନ କ୍ଷେତ୍ରରେ ଉନ୍ନତି ଘଟିବ ଓ ବାରମ୍ବାର ଶାସକୀୟ ବିଭାଗର ଅଦଳବଦଳ ହେବ। ମାଓବାଦୀମାନଙ୍କୁ ଦମନ ସତ୍ତ୍ୱେ ହିଂସାକାଣ୍ଡ, ରକ୍ତପାତ, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ଚୋରି ଆଦି ବଢିବ। ସମଗ୍ର ରାଜ୍ୟ ▶ପୃଷ୍ଠା-୭

**ବିହାରରେ ନୀତୀଶ ଯୁଗର ଅବସାନ**

# ସମ୍ରାଟ ହେବେ ମୁଖ୍ୟମନ୍ତ୍ରୀ; ଆଜି ଶପଥ

■ ପାଟନା, ୧୪।୪(ଏଜେନ୍ସି): ବିହାର ରାଜନୀତିରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟର ଅନ୍ତ ଘଟିଛି। ଦୀର୍ଘ ଦୁଇ ଦଶନ୍ଧି ଧରି ରାଜ୍ୟର ମଙ୍ଗ ଧରିଥିବା ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆଜି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ଆଜି ଅପରାହ୍ନରେ ଲୋକ ଭବନଠାରେ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ୍ (ଅବସରପ୍ରାପ୍ତ) ସୟଦ ଅତା ହସନୈନଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ନୀତିଶଙ୍କ ଏହି ନିଷ୍ପତ୍ତି ପରେ ବିହାରରେ ପ୍ରଥମ ଥର ପାଇଁ ବିଜେପି ନେତୃତ୍ୱାଧୀନ ସରକାର ଗଠନ ହେବାକୁ ଯାଉଛି। ବିଜେପିର ବରିଷ୍ଠ ନେତା ସମ୍ରାଟ ଚୌଧୁରୀ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଆସନ୍ତାକାଲି ଏପ୍ରିଲ ୧୫ ତାରିଖ ପୂର୍ବାହ୍ନ ୧୧ଟାରେ ରାଜଭବନଠାରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ନୀତିଶଙ୍କ ଇସ୍ତଫା ପରେ ବିହାର ରାଜନୀତିରେ ଏକ ଯୁଗର ଅବସାନ ହୋଇଥିବା କୁହାଯାଉଛି। ସେ ୨୦୦୦ରୁ ୨୦୨୬ ମଧ୍ୟରେ ରେକର୍ଡ ୧୦ ଥର ▶ପୃଷ୍ଠା-୭



**ଫକୀରମୋହନ ମହାବିଦ୍ୟାଳୟରେ ପୁଣି ସାଂଘାତିକ ଅଭିଯୋଗ**

# ବିଭାଗୀୟ ମୁଖ୍ୟ ପଦରୁ ହଟିଲେ ଅଧ୍ୟାପକ

■ ବାଲେଶ୍ୱର,୧୪।୪(ସମିସ): ଗତବର୍ଷ ଫକୀରମୋହନ ମହାବିଦ୍ୟାଳୟରେ ଘଟିଥିବା ଅଭାବନୀୟ ଘଟଣା ମନରୁ ନଯାଉଣୁ ଏବେ ପୁଣି ଜଣେ ଓଡ଼ିଆ ଅଧ୍ୟାପକଙ୍କ ନାମରେ ଆସିଛି ସାଂଘାତିକ ଅଭିଯୋଗ। ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ଆସିଥିବା ଏକ ଚିଠିକୁ ନେଇ ଏବେ ଚର୍ଚ୍ଚା ଜୋର୍‌ଧରିଛି। ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ସନ୍ତୋଷ କୁମାର ନାୟକଙ୍କ ନାମରେ ଏହି ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ୧୫୮୪ନମ୍ବର ଚିଠିର ନିର୍ଦ୍ଦେଶ ଅନୁସାରେ ତାଙ୍କୁ ତୁରନ୍ତ ପଦରୁ ହଟାଯିବା ସହ ଏହାର ତଦନ୍ତ ପାଇଁ କଲେଜ ଆଭ୍ୟନ୍ତରୀଣ କମିଟିକୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ସୂଚନା ଅନୁସାରେ, ଫକୀରମୋହନ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ତଥା ବିଭାଗୀୟ ଅଧିକାରୀ ▶ପୃଷ୍ଠା-୭




**ଛତିଶଗଡ଼ ଛଳ**

# କଲମା ଉଚ୍ଛୁଳା, ମହାନଦୀ ଶୁଖିଲା

■ ଭୁବନେଶ୍ୱର,୧୪।୪(ସମିସ): ମହାନଦୀ ସମେତ ଏହାର ଶାଖାନଦୀଗୁଡିକ ଏବେ ଶୁଖିଲା ପଡିଛି। ଉପରମୁଣ୍ଡରୁ ବିନ୍ଦୁଏ ଜଳ ଆସୁ ନ ଥିବାରୁ ମହାନଦୀ ଏବେ ମରୁଭୂମିର ଭ୍ରମ ସୃଷ୍ଟି କରିଛି। ଅନ୍ୟପଟେ ଛତିଶଗଡର କଲମା ଜଳଭଣ୍ଡାରରେ ବର୍ତ୍ତମାନ ଜଳଧାରଣ କ୍ଷମତାର ୬୭ ପ୍ରତିଶତରୁ ଅଧିକ ପାଣି ମହଜୁଦ ରହିଛି। ଜଳଭଣ୍ଡାରର ବର୍ତ୍ତମାନ ୬୩ ଟି ଗେଟ୍ ବନ୍ଦ ରହିଥିବାରୁ ତଳମୁଣ୍ଡରେ ଥିବା ମହାନଦୀକୁ ପାଣି ଆସିବା ଏକ ପ୍ରକାର ବନ୍ଦ ହୋଇଯାଇଛି। ଏଥିପାଇଁ ହୀରାକୁଦରେ ମଧ୍ୟ ଜଳସ୍ତର କମିବାରେ ଲାଗିଛି। ମୌସୁମୀ ବର୍ଷା ଆସିବାକୁ ଆହୁରି ପାଖାପାଖି ୨ ମାସ ବାକି ଥିବା ବେଳେ ଏହି ସମୟ ମଧ୍ୟରେ ତଳମୁଣ୍ଡରେ ଆବଶ୍ୟକୀୟ ପାଣି ସଠିକ ପରିମାଣରେ ମିଳିପାରିବ କି ନାହିଁ ତାକୁ ନେଇ ସଂଶୟ ସୃଷ୍ଟି ହୋଇଛି। ସାଧାରଣତଃ ଉପରମୁଣ୍ଡରେ ବର୍ଷା ହେଲେ ଛତିଶଗଡର ଜଳଭଣ୍ଡାର ଏକାବେଳକେ ଅଧିକ ଗେଟ୍ ଖୋଲାଯାଉଥିବାରୁ ଓଡ଼ିଶାକୁ ପ୍ରଚୁର ମାତ୍ରାରେ ଜଳ ଆସୁଛି। ହେଲେ ଖରାଦିନରେ ରାଜ୍ୟକୁ ଆବଶ୍ୟକୀୟ ଜଳ ମିଳିପାରୁ ନ ଥିବାରୁ ବନ୍ୟା ବି ଓଡ଼ିଶାର ଓ ମରୁଡ଼ି ମଧ୍ୟ ଓଡ଼ିଶା ଭାଗରେ ପଡୁଛି।



**ଟ୍ରିପଲ ଇଞ୍ଜିନ ସତ୍ତ୍ୱେ ଆଗକୁ ବଢୁନି କଥାବାର୍ତ୍ତା**

**ସରକାରଙ୍କ କାମ କେବଳ କମିଟି ଗଠନରେ ସୀମିତ**

କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ଯୋଜନା ଆଳରେ ଛତିଶଗଡ ହୀରାକୁଦର ଉପରମୁଣ୍ଡରେ ୭୦ରୁ ଅଧିକ ବନ୍ଧ ବାନ୍ଧିଛି। ଫଳରେ ମହାନଦୀକୁ ସଂଯୋଗ କରୁଥିବା ସେଠାକାର ଅନେକ ଉପନଦୀର ଜଳପ୍ରବାହ କମୁଛି। ଜଳସେଚନ ଯୋଜନା ନାମରେ ବନ୍ଧ ବାନ୍ଧାଯାଉଥିଲେ ମଧ୍ୟ ସ୍ଥାନୀୟ ସରକାର ବିଭିନ୍ନ ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଇ ଦେବା ପାଇଁ ରାଜିନାମା ଉପରେ ରାଜିନାମା କରୁଛନ୍ତି। ତେବେ ଇତି ମଧ୍ୟରେ ସେଠାରେ କେତେକ କଳକାରଖାନା ବନ୍ଦହୋଇ ଯାଇଥିବାରୁ କଲମା ବ୍ୟାରେଜ୍‌ରେ ଆବଶ୍ୟକତାଠାରୁ ଅଧିକ ପରିମାଣରେ ଜଳ ମହଜୁଦ୍ ଥିବା ଚର୍ଚ୍ଚା ହେଉଛି। ଅନ୍ୟ ପକ୍ଷରେ ▶ପୃଷ୍ଠା-୭

ସକାଳ THE SAKALA



# ସାହିବାସୀଙ୍କ ନିଷ୍ପତ୍ତି; ମଦମୁକ୍ତ ହେବ କାଳିକ ଗ୍ରାମ

ଜଳେଶ୍ୱର ବ୍ଲକ୍,୧୪।୪(ସମିସ)



ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନ କାଳିକ ପଞ୍ଚାୟତର କାଳିକ ଗ୍ରାମରେ ଆଜକୁ ୨୦ ବର୍ଷ ଧରି ଏକ ସରକାରୀ ବିଦେଶୀ ଠିପି ବନ୍ଦ ମଦ ଦୋକାନ ରହିଥିଲା। ଯାହା ଦ୍ୱାରା କାଳିକ ଗ୍ରାମ ଏବଂ ଆଖପାଖ ଅଞ୍ଚଳର ଲୋକେ ଅଧିକ ମଦ ପାନ କରି ନିଶାସକ୍ତ ହୋଇ ବହୁ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ। ସ୍କୁଲ, କଲେଜ ପିଲାମାନେ ଏହି ମଦ ନିଶା ପ୍ରତି ଆକୃଷ୍ଟ ହେଉଥିବାବେଳେ କାଳିକ ଗ୍ରାମର ବମ୍ବେ ଛକ ଠାରେ ଥିବା ଏକ ସରକାରୀ ଠିପି ବନ୍ଦ ମଦ ଦୋକାନର ୫ ବର୍ଷୀୟା କାର୍ଯ୍ୟକାଳ ଗତ ମାର୍ଚ୍ଚ ୩୧ ତାରିଖରେ ଶେଷ ହୋଇଥିଲା। ତେବେ ସରକାରଙ୍କ ପକ୍ଷରୁ ଏହାର ଅବଧିକୁ ଆଉ ୨ ମାସ (ମେ ମାସ ପର୍ଯ୍ୟନ୍ତ) ବୃଦ୍ଧି କରାଯାଇଛି। ମେ'ରେ ଏହାର ଅବଧି ସରିଲେ ଆଉ ଗ୍ରାମରେ ସରକାରୀ ମଦ ଦୋକାନ ଖୋଲିବା ପାଇଁ ଜାଗା କିମ୍ବା ଘର ଭଡ଼ା ନ ଦେବାକୁ ଗ୍ରାମବାସୀ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଉଛନ୍ତି। ଏ ନେଇ ରବିବାର ସନ୍ଧ୍ୟାରେ କାଳିକ ଚନ୍ଦେନେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମରେ ଶାନ୍ତିଶୃଙ୍ଖଳା ରଖିବା ଏବଂ ମଦ୍ୟପାନରୁ ଯୁବପିଢ଼ିକୁ ରକ୍ଷା କରିବ ପାଇଁ ଆଲୋଚନା ହୋଇଛି। ଏହି ବୈଠକରେ ଗ୍ରାମବାସୀ ଏକଜୁଟ ହୋଇ ଗ୍ରାମର କୌଣସି ବ୍ୟକ୍ତି ମଦ ଦୋକାନ ଖୋଲିବା ପାଇଁ ନିଜର ଜାଗା କିମ୍ବା ଘର ଦେବେ ନାହିଁ। ଯଦି କେହି ଏହି ନିଷ୍ପତ୍ତିର ଖିଲାପି କରି ଜାଗା ଯୋଗାଇ ଦିଅନ୍ତି, ତେବେ ତାଙ୍କୁ ଗ୍ରାମ ତରଫରୁ କୌଣସି ପ୍ରକାର ସାହାଯ୍ୟ କିମ୍ବା ସହଯୋଗ କରାଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି। ଏହି ବିରୋଧ ସମ୍ପର୍କରେ ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳ ଏବଂ ଜିଲ୍ଲା ଅବକାରୀ ବିଭାଗକୁ ଏକ ଲିଖିତ ଦରଖାସ୍ତ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀଙ୍କ କହିବା କଥା ଯେ, କାଳିକ ଗ୍ରାମକୁ ବାଦଦେଇ ଅନ୍ୟ କୌଣସି ସ୍ଥାନରେ ମଦ ଦୋକାନ ହେଲେ ସେମାନଙ୍କର କୌଣସି ଆପତ୍ତି ରହିବ ନାହିଁ, ମାତ୍ର ନିଜ ଗ୍ରାମ ଭିତରେ ସେମାନେ ଏହାକୁ ପ୍ରଶ୍ରୟ ଦେବେ ନାହିଁ ଓ ଆଗକୁ ଗ୍ରାମରେ ଯଦି କେହି ମଦ ପିଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ଗ୍ରାମର ତରୁଣ ପଟ୍ଟନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ମୁନୀଲ ବିଶ୍ୱାଳ, ମୁକ୍ତିକାନ୍ତ ପଟ୍ଟନାୟକ, ରାଜ କୁମାର ମଲ୍ଲିକ, ଗୋପାଳ ଚନ୍ଦ୍ର ମହାନ୍ତି, ଚନ୍ଦନ ଦାସଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ରହି ପ୍ରକାଶ କରିଥିଲେ।

## ଆମ୍ବେଦକରଙ୍କ ଜୟନ୍ତୀ

ବାଲେଶ୍ୱର,୧୪।୪(ସମିସ): ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଅବସରରେ ଆଜି ସ୍ଥାନୀୟ ପୁଲିସ ଲାଇନ ଛକ ଠାରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯିବା ସହ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ସୁଦର୍ଶନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ,ଏସଡିପିଆରଓ ବୁଢ଼ାନ ମୁର୍ମୁ,ଜିଲ୍ଲା ଜରୁରୀ ଅଧିକାରୀ ସାଇକୃଷ୍ଣ ଜେନାଙ୍କ ସମେତ ଜିଲ୍ଲା ପ୍ରଶାସନ ବହୁ ଅଧିକାରୀ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବାଲେଶ୍ୱର ଜିଲ୍ଲାର ବହୁ ଗଣସଙ୍ଗଠନ, ସାମାଜିକ ସଙ୍ଗଠନ ଓ ରାଜନୈତିକ ଦଳର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ସମାରୋହରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସାମାଜିକ କର୍ମୀ ଅରୁଣ ଜେନା, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ବାର୍ ଆସୋସିଏସନ୍ ସଭାପତି ମନୋଜ ନାୟକ, ଆଇନଜୀବୀ ନିରଞ୍ଜନ ପରିଡ଼ା, ମହମ୍ମଦ ଇସଲାମ, ତୁଷାରକାନ୍ତି ମହାପାତ୍ର, କବି ଡ.କାଳିପଦ ପଣ୍ଡା ଓ ଅଭୟ ଦାସ, ଉର୍ମିଳା ମାଝୀ, ସ୍ନେହଲତା ଦାସ, ରାମଚନ୍ଦ୍ର ଦଣ୍ଡପାଟଙ୍କ ସମେତ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ସାଧୁଚରଣ ମଲ୍ଲିକ, ଶ୍ୟାମସୁନ୍ଦର ଜେନା, ସଂଗ୍ରାମ ମାଝୀ, ଇଂ ବସନ୍ତ ବେହେରା, ନିଶିଥ ବାରିକ, ସୀତାରାମ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଡ. ଆମ୍ବେଦକରଙ୍କ ବିଚାର ଓ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସେହିପରି ବିଜୁ ଜନତା ଦଳ ପକ୍ଷରୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ସ୍ୱରୂପ କୁମାର ଦାସ, ବିଜେଡି ନେତା ରଞ୍ଜନ ବାଗ ସଭାରେ ବକ୍ତବ୍ୟ ପ୍ରଦାନ କରି ଆମ୍ବେଦକରଙ୍କ ଦର୍ଶନ ଓ ବିଚାରର ସ୍ମୃତିଚାରଣ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ମଲ୍ଲିକ, ପ୍ରଫୁଲ୍ଲ ଜେନା, ଅରୁଣ ମଲିକ, ବିଜୟ ବେହେରା, ମୃତ୍ୟୁଞ୍ଜୟ ଜେନା, ଗଗନ ପାତ୍ର, ମାନସ ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ମନୋଜ ମାଝୀ ଧନ୍ୟବାଦ ଦେଇଥିଲେ।



## ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆମ୍ବେଦକର ଜୟନ୍ତୀ

ବାଲେଶ୍ୱର,୧୪।୪(ସମିସ): ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ଭାରତରତ୍ନ ବାବାସାହେବ ଡ. ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଜିଲ୍ଲା ସଭାପତି ସତ୍ୟଶିବ ଦାସ ସଭାପତିତ୍ୱ କରିଥିଲେ। ଭାରତୀୟ ସମ୍ବିଧାନର ପ୍ରଧାନ ସ୍ଥପତି ଆମ୍ବେଦକର ସାମାଜିକ ନ୍ୟାୟର ମୁଖ୍ୟ ପ୍ରବର୍ତ୍ତକ ଥିଲେ ବୋଲି ଶ୍ରୀ ଦାସ ନିଜ ବକ୍ତବ୍ୟରେ କହିଥିଲେ। ଆମ୍ବେଦକରଙ୍କ ଜୀବନାଦର୍ଶ ଉପରେ ଜିଲ୍ଲା କଂଗ୍ରେସ ଉପସଭାପତି ଉର୍ମିଳା ମାଝୀ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନେତା ତଥା କାଉନସିଲର ପଦ୍ମଲୋଚନ ଲେଙ୍କା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ପ୍ରତିମା ପଣ୍ଡା, ଟାଉନ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ନିଶିଥ ବାରିକ, ବରିଷ୍ଠ କୃଷକ ନେତା ଅରୁଣ ଜେନା, ନିରଞ୍ଜନ ବେହେରା, ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ବିଧାନ ଜେନା, ଜିଲ୍ଲା କଂଗ୍ରେସ ସମ୍ପାଦକ ପଶୁପତି ଉପାଧ୍ୟାୟ ଓ ସାହେବା ଅକତର ପ୍ରମୁଖ ନିଜନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ତୁଷାରକାନ୍ତି ତପସ୍ୱୀ, ଦେବଦତ୍ତ ଦାସ, ଆଶିଷ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ପୂର୍ବରୁ କଂଗ୍ରେସ ପକ୍ଷରୁ ପୁଲିସ ଲାଇନ୍ ଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା।



## ନଦୀରେ ବୁଡ଼ି ନାବାଳକ ନିଖୋଜ

ରାଜଘାଟ/ଜଳେଶ୍ୱର,୧୪।୪(ସମିସ): ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ବେଲି ମା' ଦାରବୁଢ଼ୀ ମନ୍ଦିର ନିକଟ ସୁବର୍ଣ୍ଣରେଖା ନଦୀରେ ବୁଡ଼ି ଜଳେଶ୍ୱର ବ୍ଲକ୍ କୋଟସାହି ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଚିତ୍ରମ ନାଥଙ୍କ ୧୫ ବର୍ଷୀୟ ଶିଶୁପୁତ୍ର ସୁନୀଲ। ସୂଚନା ଅନୁସାରେ ଆଜି ପଣା ସଂକ୍ରାନ୍ତିରେ ନଦୀ କୂଳରେ ମେଳା ଚାଲିଥିଲା। ମେଳା ଦେଖିବା ପାଇଁ ସୁନୀଲ ୩ ଜଣ ସାଙ୍ଗ ସହିତ ସେଠାକୁ ଆସିଥିଲେ। ମେଳା ଦେଖି ସାରି ନୌକାରେ ନ ଫେରି ୪ ସାଙ୍ଗ ହାତ ଧରାଧରି ହୋଇ ପାଣିରେ ପଶି ଚାଲି ଚାଲି ଯାଉଥିଲେ। ମାତ୍ର ସୁନୀଲ ହାତରେ ଧରିଥିବା ଜୋତାଟି ନଦୀରେ ଖସିପଡ଼ି ଭାସିଯାଇଥିଲା। ଜୋତାଟିକୁ ପାଣିରୁ ଉଦ୍ଧାର କରିବା ପାଇଁ ସାଙ୍ଗମାନଙ୍କ ହାତ ଛାଡ଼ି ସୁନୀଲ ଅଧିକ ପାଣିକୁ ଚାଲିଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ନମିଳିବାରୁ ସାଙ୍ଗମାନେ ଚିତ୍କାର କରି ଲୋକମାନଙ୍କୁ ଡାକ ପକାଇଥିଲେ। ସେଠାରେ ଲୋକମାନେ ପହଞ୍ଚି ଖୋଜାଖୋଜି କରିଥିଲେ। ମାତ୍ର ନପାଇବାରୁ ପରେ ବସ୍ତା ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀ ଆସି ଖୋଜାଖୋଜି କରିଥିଲେ ହେଁ ସୁନୀଲଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ତେବେ ଆସନ୍ତା କାଲି ଅଗ୍ନିଶମ ବାହିନୀର କର୍ମଚାରୀ ପୁଣି ଖୋଜାଖୋଜି କରିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଏହି ସ୍ଥାନରେ ନିଖୋଜ ସୁନୀଲଙ୍କ ବଡ଼ ଭାଇ ୨୦୧୮ କାର୍ତ୍ତିକ ପୂର୍ଣ୍ଣିମାରେ ନୌକା ଭସାଇବା ପାଇଁ ଯାଇ ବୁଡ଼ିଯାଇଥିଲେ। ଫଳରେ ତାଙ୍କର ସେଠାରେ ମୃତ୍ୟୁ ହୋଇଯାଇଥିଲା।



**ସେହି ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣିମାରେ ବୁଡ଼ିଯାଇଥିଲେ ବଡ଼ଭାଇ**

## ପୂଜ୍ୟପୂଜା ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ




ବାଲିଆପାଳ,୧୪।୪(ସମିସ): ବାଲିଆପାଳ ପୂଜ୍ୟପୂଜା ସଂସଦ ତରଫରୁ ଓଡ଼ିଆ ନବବର୍ଷ ଓ ପଣାସଂକ୍ରାନ୍ତି ପାଳିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ସେବା ସଂସ୍ଥା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଂସଦ ସଭାପତି ଝାଡ଼େଶ୍ୱର ପ୍ରଧାନ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ କବି ବ୍ରଜେନ୍ଦ୍ରନାଥ ଗିରି ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ କବି ଜଗନ୍ନାଥ ପ୍ରଧାନ,ଅଧ୍ୟାପକ ଦୟାନିଧି ସାହୁ, ମନୋଜ କୁମାର ସାମଲ, ଅଜୟ କୁମାର ସାହୁ, ରଞ୍ଜିତା ବେହେରା, ପୂଜାରାଣୀ ସାହୁ, ବିଜୟ କୁମାର ପାତ୍ର, ସଚୀନ୍ଦ୍ରନାଥ ନନ୍ଦୀ, କାଳିଚରଣ ମାଝୀ, ପ୍ରଫୁଲ୍ଲ ବାଗ, ଧୀରେନ୍ଦ୍ର କୁମାର ପାତ୍ର, ଭୀମ ଚରଣ ବେହେରା, ଅର୍ଦ୍ଧେନ୍ଦୁ କୁମାର ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ପ୍ରଧାନ, ସାଗର ପଟ୍ଟନାୟକ, ଉମାକାନ୍ତ ନାୟକ, ସତ୍ୟନାରାୟଣ ନାୟକ, ଉମାକା ଜେନା, ଅର୍ପିତା ଦାସ, ଜୟନ୍ତୀ ପ୍ରଧାନ, ସ୍ୱାଗତିକା ପିଳା, ଲକ୍ଷ୍ମୀପ୍ରିୟା ପରିଡ଼ା, ଗିରିଧାରୀ ଭୂୟାଁ, ସୁଜାତା ସାହୁ, ସୁବାଳା ମହାନ୍ତି, ଦିଲ୍ଲୀପ କୁମାର ଦାସ, ଗୋପାଳ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ଦାସ, ଗୁରୁପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅର୍ପିତା ଦାସ, ଲକ୍ଷ୍ମୀପ୍ରିୟା ପରିଡ଼ା ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବ୍ୟୋମକେଶ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଉପସ୍ଥିତ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିବା ସହିତ ଓଡ଼ିଶାର ଅସ୍ମିତା ରଖିବା ପାଇଁ ଏହି ଭଳି କାର୍ଯ୍ୟକ୍ରମ ସବୁ ଆୟୋଜନ କରିଲେ ଆମ ଭାଷା ସାହିତ୍ୟ ଓ ସଂସ୍କୃତି ଋଦ୍ଧିମନ୍ତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅର୍ଦ୍ଧେନ୍ଦୁ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ନବବର୍ଷ ପାଳିଲା ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘ



ବାଲେଶ୍ୱର,୧୪।୪(ସମିସ): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଇଂ. ବନମାଳୀ ନାୟକ ସଭାପତିତ୍ୱ କରିଥିଲେ। ଦିବଂଗତ ପୃଷ୍ଠପୋଷକ ସଦସ୍ୟ ଭଗବାନ ରାଉତଙ୍କ ଅମର ଆତ୍ମାର ସଦଗତି କାମନାକରି ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ସଙ୍ଗଠନ ସମ୍ପାଦକ ପଣ୍ଡିତ ସଞ୍ଜୟ ପଣ୍ଡା,ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ ଯୋଗଦେଇ ଏହି ଦିବସପାଳନର ତାତ୍ପର୍ଯ୍ୟ ଓ ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରିଥିଲେ। ବରିଷ୍ଠ ଉପଦେଷ୍ଟା ଜ୍ଞାନେନ୍ଦ୍ର ସାହୁ, ଗୌରପ୍ରିୟ ମିଶ୍ର, ସଦସ୍ୟ ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ, ରଘୁନାଥ ପଣ୍ଡା,ନରେଶ ଦାଶ, ତପନ ପଣ୍ଡା, ଗିରିଜା କୁମାର ଦାସ, ବୀରେନ୍ଦ୍ର ପ୍ରହରାଜ, ପ୍ରତିମା ପଣ୍ଡା ପ୍ରମୁଖ ଯୋଗଦେଇ ଅବକ୍ଷୟମୁଖୀ ଓଡ଼ିଆ ସଂସ୍କୃତି, ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସିଂହ, ହରେକୃଷ୍ଣ ପଲେଇ, ବସନ୍ତ ନାୟକ, ନିତ୍ୟାନନ୍ଦ ରାଉତ, ଶ୍ରୀରାମ ଦାଶ, ହଳଧର ନାୟକ, ସତ୍ୟନାରାୟଣ ନାୟକ, ସାବିତ୍ରୀ ଦାସ, ଶଚୀନ୍ଦ୍ର ଦାସ, ଡା. ତାରାକାନ୍ତ ନନ୍ଦ, ସଞ୍ଜୟ ପଣ୍ଡା, ଚିତ୍ତରଞ୍ଜନ ଜେନା, ଯୋଗେଶ ପ୍ରଧାନ, କୃଷ୍ଣ ମୋହନ ଜେନା, ରଘୁନାଥ ଦାସ, ସୁରେନ୍ଦ୍ର ଧଳ, ଶିବ ଶଙ୍କର ନନ୍ଦୀ, ଯଶୋଦା ନନ୍ଦନ ଆଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭବେଶ ପଣ୍ଡା, ଶେଖ ଆଲ୍ଲାଉଦ୍ଦିନ, ଦିଲ୍ଲୀପ ଚକ୍ରବର୍ତ୍ତୀ, ରମାକାନ୍ତ ମଲିକ, କ୍ଷେତ୍ରମୋହନ ନାୟକ, ଶଶାଙ୍କ ଦତ୍ତ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସମସ୍ତ ସଦସ୍ୟଙ୍କୁ ପଣା ଦିଆଯାଇଥିଲା। କେଶବ ମହାନ୍ତି, କାମିନୀକାନ୍ତ ପାଢ଼ୀ ଓ ହେମନ୍ତ ଜେନା ବିତରଣରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଦାମୋଦର ନାୟକ ଧନ୍ୟବାଦ ଦେଇଥିଲେ।

## ପଥଚାରୀଙ୍କୁ ପଣା ବଣ୍ଟନ

ବାଲେଶ୍ୱର,୧୪।୪(ସମିସ): ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ସଦର ବ୍ଲକ ଅର୍ନ୍ତଗତ ହଳଦୀପଦା ବାଇପାସ ଠାରେ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ଏବଂ ଅଗ୍ରୱାଲା ବିଦ୍ୟାପୀଠର ୧୯୯୦ମସିହା ବ୍ୟାଚର ଛାତ୍ରଙ୍କ ପକ୍ଷରୁ ପଣା ବଣ୍ଟନ କରାଯାଇଛି। ବାଇପାସଠାରେ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ସମେତ ବସ ଏବଂ ଅନ୍ୟାନ୍ୟ ଗାଡି ଗୁଡ଼ିକରେ ଯାଉଥିବା ଲୋକମାନଙ୍କୁ ପଣା ପ୍ରଦାନ କରାଯାଇଲା। ଆଜି ସକାଳ ୧୦ଟା ଠାରୁ ଅପରାହ୍ଣ ପର୍ଯ୍ୟନ୍ତ ସେଠାରେ ଯାଉଥିବା ପ୍ରତ୍ୟେକ ଲୋକମାନଙ୍କୁ ଏହା ପ୍ରଦାନ କରାଯାଇଥିଲା। ବିଶେଷ କରି ଅନୁଷ୍ଠାନର ମହେନ୍ଦ୍ର ସାହୁ, ସମ୍ପାଦକ ଅନୀଲ କୁମାର ସାହୁ, ନିତ୍ୟାନନ୍ଦ ସାହୁ, କିଶୋର ସାହୁ, ସନ୍ତୋଷ ସାହୁ, ପ୍ରଦ୍ୟୁମ୍ନ ସାହୁ, ଚୈତନ୍ୟ ସାହୁ, ମୋନାଲିସା ସାହୁ, ସୁମତି ସାହୁଙ୍କ ସମେତ ଅଗ୍ରୱାଲା ବିଦ୍ୟାପୀଠରେ ୯୦ବ୍ୟାଚର ଦେବାଶିଷ ରଣା, ପଙ୍କଜ ନନ୍ଦ, ହରିଚନ୍ଦ୍ର ମନ୍ତ୍ରୀ ପ୍ରମୁଖଙ୍କ ସହ ଅନ୍ୟମାନେ ପଣା ପ୍ରଦାନ କରିଥିଲେ।



## ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ବାଲେଶ୍ୱର ବିଜେଡି




ବାଲେଶ୍ୱର,୧୪।୪(ସମିସ): ଡ. ବି.ଆର୍ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ଅବସରରେ ଆଜି ପୁଲିସ ଲାଇନ ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବାଲେଶ୍ୱର ସଦର ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ଏକତ୍ରିତ ହୋଇ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ତଥା ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଆ ନବବର୍ଷ ଏବଂ ପଣା ସଂକ୍ରାନ୍ତି ଉପଲକ୍ଷେ ସହରର ଷ୍ଟେସନ ଛକରେ ପଣା ଉତ୍ସବ ସହ ବେଲ ପଣା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଦରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବରିଷ୍ଠ ବିଜେଡି ନେତା ରଂଜନ ବାଗ,ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ଟାଉନ ବିଜେଡି ସଭାପତି ମନୋଜ ରାଉତ,ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା,ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ,କାଉନସିଲର କବିତା ମୃମୁ,ମିରାଜ ବାନୋ, ସବିତା ରାଣୀ ଦାସ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଶଶିରେଖା ମହାନ୍ତି, ସେକ ଆୟୁବ, କାର୍ତ୍ତିକ ସାହୁ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ସାକିର ଖାନ, ରମେଶ ମାଝୀ, ସଞ୍ଜୟ ବେହେରା, ନଳିନୀକାନ୍ତ ଦାସ, ଦେବାଶିଷ ଦାଶ, ଉମାଶଙ୍କର ତିଆଡି, ଅତୁଲ ଶତପଥି, ସେକ ଅନସର, ରଂଜନ ଦାସ, କୌଶିକ ପଣ୍ଡା, ସୁନିଆ ମୃମୁ, ରାଜଲକ୍ଷ୍ମୀ ଚାଟାର୍ଜୀ, ଯୁବ ନେତା ଜିତ୍ ପ୍ରକାଶ ଦାଶ, ଛାତ୍ର ନେତା ବିଭୁଦତ୍ତ ପରିଡା, ହରେକୃଷ୍ଣ ପ୍ରଧାନ, ତପନ ଦାସ, ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପୋଥିଦାନ ଓ ପୋଥି ସମ୍ପର୍କିତ ଆଲୋଚନା




ବାଲେଶ୍ୱର,୧୪।୪(ସମିସ): 'ଓଡ଼ିଶାରେ ରହିଥିବା ୧ ଲକ୍ଷରୁ ଅଧିକ ତାଳପତ୍ର ପୋଥି ଜାତିର ଆତ୍ମା ଭାବରେ ପରିଚିତ। ସେହି ପୋଥିରୁ ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ କାବ୍ୟ ସଂଗ୍ରହ କରି ତତ୍କାଳୀନ ଜିଲ୍ଲାପାଳ ଜନ୍ ବିମସ୍ ଏସିଆଟିକ୍ ସୋସାଇଟି ପତ୍ରିକାରେ ପ୍ରବନ୍ଧ ପ୍ରକାଶ କରିଥିଲେ। ତାହା ଥିଲା ଓଡ଼ିଶାର ସାହିତ୍ୟ ଭିତ୍ତିକ ପ୍ରଥମ ପ୍ରବନ୍ଧ ବୋଲି ପୋଥିଦାନ ଓ ପୋଥି ସମ୍ପର୍କିତ ଏକ ଆଲୋଚନାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ୫୦ ଖଣ୍ଡ ପୋଥି ଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଯୋଗଦେଇ ଓଡ଼ିଶାର ପୋଥି ବ୍ୟବହାର ଅନନ୍ୟ ବୋଲି ମତ ଦେଇଥିଲେ। ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଜିଲ୍ଲା ସଂସ୍କୃତି ନିର୍ଦ୍ଦେଶକ ପଣ୍ଡିତ ସଂଜୟ କୁମାର ପଣ୍ଡା, ଶ୍ରୀରାମ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଲକ୍ଷ୍ମଣ ଚରଣ ବିଶ୍?ାଳ ପୋଥିର ସଂଗ୍ରହ ଓ ସଂରକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆଗାମୀ ୪ ବର୍ଷ ପାଇଁ ବିଶ୍ୱବିଦ୍ୟାଳୟର ପୁନଃନିଯୁକ୍ତି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଭାଷା ବିକାଶ ଆନ୍ଦୋଳନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କଲ୍ୟାଣୀ ନନ୍ଦ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର "ଗ' ଗୀତ ଗାନ କରିଥିଲେ। ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୋଥି ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଜ୍ଞମରନାଥ ପାତ୍ର ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ଓ ସଂଗଠନ ସମ୍ପାଦକ ତପନ ରାୟ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଡ. ରମାକାନ୍ତ ନାୟକ, ଅରୁଣା ରାୟ, ରଶ୍ମିରେଖା ପତି, ଶରତ କୁମାର ମହାପାତ୍ର, ବାସନ୍ତୀ ଦେ, ଅର୍ଚ୍ଚନା କର, ସଙ୍ଗୀତା ବାରିକ, କୃଷ୍ଣା ପ୍ରଧାନ, ଡା. ଲକ୍ଷ୍ମୀକାନ୍ତ ହୋତା, ପୁଷ୍ପଲତା ଚକ୍ରବର୍ତ୍ତୀ, ଦୀପକ ଦାସ, ଜ୍ୟୋତ୍ସ୍ନା ରାୟ, ଡ. କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ, ନିବାରଣ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ସମାଜସେବୀଙ୍କ ଆରୋଗ୍ୟ କାମନା କରି ଦୀପଦାନ

ଜଳେଶ୍ୱର ବ୍ଲକ,୨୪।୪(ସମିସ): ଜଳେଶ୍ୱର ବ୍ଲକ୍ ମହମ୍ମଦ ନଗର ପାଟଣା ପଞ୍ଚାୟତର ଲୋକମାନଙ୍କ ଦ୍ୱାରା ବାଲି ମାଫିଆଙ୍କ ଦ୍ୱାରା ସମାଜସେବୀ ହରିପଦ ମାନ୍ନାଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରି ଶେଖସରାଇ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଏକ ନିନ୍ଦା ସଭା ଆୟୋଜନ କରାଯାଇଥିଲା। ଏଥିସହ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଦୀପଦାନ କରାଯାଇଥିଲା। ଏହି ସଭାରେ ସମଗ୍ର ପଞ୍ଚାୟତର ଲୋକମାନେ ଯୋଗଦେଇଥିଲେ। ମହମ୍ମଦ ନଗର ପାଟଣା ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ସେନାପତି ଓ ରାଜପୁର ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଦିଲ୍ଲୀପ କୁମାର ପରିଡ଼ା ମଧ୍ୟ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ରାଧାଶ୍ୟାମ ସାହୁ, ସମୀର ପାତ୍ର, ମଧୁସୂଦନ ଦାସ ଓ ଅନ୍ୟମାନେ ସଭାରେ ଯୋଗଦେଇ ଏହି ଜଘନ୍ୟ କାଣ୍ଡକୁ ଦୃଢ଼ ଭାବରେ ବିରୋଧ କରିଥିଲେ। ଏଥିସହ କଠୋର କାର୍ଯ୍ୟାନୁଷ୍ଠାନ ସହିତ ନ୍ୟାୟ ଦାବି କରିଥିଲେ। ସମାଜସେବୀ ସମୀର ପାତ୍ର ବେଆଇନ ବାଲି ଉତ୍ତୋଳନର କୁପ୍ରଭାବ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏପରି କାପୁରୁଷ ମାଫିଆଙ୍କ ବିରୋଧରେ ସମସ୍ତଙ୍କୁ ଏକ ହୋଇ ଲଢ଼ିବା ପାଇଁ ଆହ୍ୱାନ କରିଥିଲେ। ଏହି ନିନ୍ଦା ସଭାରେ ଅନ୍ୟ ସମାଜସେବୀଙ୍କ ମଧ୍ୟରେ ସେକ୍ ମୁଜୀବ, ଅଜୁ ସାହୁ, ମୁନା ମାଝୀ, ମୋନଜ ଦାସ, କାଳୀଚରଣ ସାହୁ, ରାଜେନ୍ଦ୍ର ଦତ୍ତ, ଜଳଧର ଦଣ୍ଡପାଟ, ସୀତାକାନ୍ତ ମହାନ୍ତି, ଧ୍ରୁବ ଚରଣ ପାଳ, ବିଜୟ ମାଝୀ, ସୁବଳ ସାହୁ, ଖକନ ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ନରେଶ ଦାସ, ତାପସ ସାହୁ, ତପମନ୍ୟୁ ସାହୁ ଯୋଗ ଦେଇଥିଲେ। ଏହି ନିନ୍ଦା ସଭାରେ ବିଭିନ୍ନ ଗ୍ରାମରୁ ୨୦୦ରୁ ଅଧିକ ସମାଜସେବୀ ଯୋଗ ଦେଇଥିଲେ। ପରିଶେଷରେ ସମାଜସେବୀ ହରିପଦ ମାନ୍ନାଙ୍କର ଆଶୁ ଆରୋଗ୍ୟ କାମନା କରି ହନୁମାନ ମନ୍ଦିରରେ ଦୀପ ପ୍ରଜ୍ୱଳନ କରିଥିଲେ।



## ହନୁମାନ ଜୟନ୍ତୀ ପାଳିତ

ବାଲେଶ୍ୱର,୧୪।୪(ସମିସ): ବାଲିଆସ୍ଥିତ ମା' ତାରିଣୀଙ୍କ ମନ୍ଦିରର ପଞ୍ଚଦଶ ବାର୍ଷିକ ମହୋତ୍ସବ ସହ ମହାବୀର ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରୁ ଶତାଧିକ ବ୍ରତଧାରୀ ଘଟ ନେଇ ରାମେଶ୍ୱର ମନ୍ଦିର ପୋଖରୀକୁ ଯାଇ ଘଟଉତ୍ତୋଳନ କରିଥିଲେ। ପରେ ସମସ୍ତ ଭକ୍ତାଙ୍କୁ ପଣାସଙ୍କ୍ରାନ୍ତି ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ପଣା ପ୍ରଦାନ କରାଯାଇଥିଲା। ଏହାପରେ ଜଗତ କଲ୍ୟାଣ ପାଇଁ ମା'ଙ୍କର ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ସେଠାରେ ୩ ହଜାରରୁ ଅଧିକ ଭକ୍ତଙ୍କୁ ପ୍ରସାଦ ପ୍ରଦାନ କରାଯାଇଥିଲା। ଏଥିରେ କାଳିଦାସପୁର, ନୂଆସାହି, ବାଲିଆ, କୁକୁଡ଼ାପଦା, ବୃନ୍ଦାବନପୁର ଶାସନ, ସମଲପୁର ଗ୍ରାମବାସୀ ଉପସ୍ଥିତ ରହି ଆଶିଷ ଲାଭ କରିଥିଲେ।

## ଜାତୀୟ ଅଗ୍ନି ସୁରକ୍ଷା ସଚେତନତା ସପ୍ତାହ ଆରମ୍ଭ

ସୋର,୧୪।୪(ସମିସ)



ସୋର ଅଗ୍ନିଶମ ବିଭାଗ ପକ୍ଷରୁ ଆଜିଠାରୁ ଏପ୍ରିଲ ମାସ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଅଗ୍ନିଶମ ସେବା ସହିଦ ଓ ସୁରକ୍ଷା ଦିବସ ଆରମ୍ଭ ହୋଇଛି। ୧୯୮୪ ଏପ୍ରିଲ ୧୪ ତାରିଖରେ ଫୋର୍ଥ ଷ୍ଟିଫେନ ନାମକ ଏକ ଜାହାଜରେ ତୁଳା ଓ ବିସ୍ଫୋରକ ଯୁଦ୍ଧ ଉପକରଣ ନେଇ ମୁମ୍ବାଇରେ ଲାଗିଥିଲା। ହଠାତ କୌଣସି କାରଣରୁ ଜାହାଜରେ ନିଆଁ ଲାଗିଯିବାରୁ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ମୁମ୍ବାଇ ଅଗ୍ନିଶମ ବିଭାଗର ଶତାଧିକ କର୍ମଚାରୀ ନିଆଁକୁ ଆୟତ୍ତ କରିବା ପାଇଁ ଏଥିରେ ନିୟୋଜିତ ହୋଇଥିଲେ। ନିଆଁ ଆୟତ୍ତ କରାଯାଇଥିଲେ ମଧ୍ୟ ଦୁର୍ଭାଗ୍ୟବଶତଃ ୬୬ ଜଣ ଅଗ୍ନିଶମ କର୍ମଚାରୀ ସହିଦ ହୋଇଥିବାରୁ ଆଜିର ଦିନକୁ ଜାତୀୟସ୍ତରରେ ଅଗ୍ନିଶମ ସହିଦ ଦିବସ ଭାବେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଆଜି ସୋର ଅଗ୍ନିଶମ ଶାଖା ପକ୍ଷରୁ ଅଗ୍ନିଶମ ସେବା ସହିଦ ଦିବସ ଓ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ରଥ ସହର ପରିକ୍ରମା କରିବା ସହିତ ଲୋକଙ୍କୁ ସୁରକ୍ଷା ଓ ସତର୍କତା ବିଷୟରେ ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଅଧିକାରୀ ଯମୁନା ପ୍ରସାଦ ମହନ୍ତ, ମୁଖ୍ୟ ଅଗ୍ନି ଯୋଦ୍ଧା ଶମ୍ଭୁନାଥ ଦାସ, ଅଗ୍ନିଯୋଦ୍ଧା ପ୍ରୀତମ ସ୍ୱାଇଁ, ମାନ୍ଧା ମାରାଣ୍ଡି, ମାନସ କୁମାର ପଲାଇ, ହେମନ୍ତ ସାହୁ ଓ ଗାଡ଼ି ଚାଳକ ଦୀପେନ କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଐତିହାସିକ ପ୍ରସିଦ୍ଧ ସିଂହାପୁର ଯାତ୍ରା ଆରମ୍ଭ

କୁଆଖିଆ,୧୪।୪(ସମିସ):

ମହାବିଷୁବ ସଂକ୍ରାନ୍ତି ଅବସରରେ ରସୁଲପୁର ବ୍ଲକ ସିଂହାପୁରଠାରେ ଆରମ୍ଭ ହେଲା ନାରାୟଣ ଗୋସାଇଁଙ୍କ ଯାତ୍ରା। ବର୍ଷକ ଯାକ ଜଳଶାୟୀ ନାରାୟଣ ଗୋସାଇଁ ମାତ୍ର ତିନିଦିନ ପାଇଁ ପୁଷ୍କରିଣୀରୁ ବାହାରି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। କିନ୍ତୁ ଚଳିତ ବର୍ଷ ୩ ଦିନ ବଦଳରେ ୪ଦିନ ମନ୍ଦିରରେ ରହି ଦର୍ଶନ ଦେବେ। ହଜାର ହଜାର ଭକ୍ତଙ୍କ ଗହଳିରେ ଆଜି ଏହି ଯାତ୍ରା ଆରମ୍ଭ ହୋଇଛି। ପ୍ରଭୁ ନାରାୟଣ ଗୋସାଇଁ ବର୍ଷତମାମ ଜଳାଶାୟୀ ହୋଇ ରହିଥାନ୍ତି। ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତି ଦିନ ପ୍ରଭୁ ନାରାୟଣ ଗୋସେଇଁଙ୍କୁ ମାତ୍ର ୩ଦିନ ପାଇଁ ପୁଷ୍କରିଣୀରୁ ଆଣି ମନ୍ଦିରରେ ସ୍ଥାପନା କରାଯାଏ ଓ ପରମ୍ପରା ଅନୁସାରେ ଗଡ଼ମଧୁପୁର ରାଣୀ ଅପର୍ଣ୍ଣା ଧୀର ସିଂ ଭରଦ୍ୱାଜ ମଧୁତୀର୍ଥ ପୁଷ୍କରିଣୀ ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ପୁଷ୍କରିଣୀରୁ ମହାପ୍ରଭୁଙ୍କୁ ପାଣିରେ ଚାପ ଖେଳାଇ



କୂଳକୁ ଅଣାଯାଏ। ଚଳିତ ବର୍ଷ ଏହି ଯାତ୍ରା ଅବଧିକୁ ୩ ଦିନ ବଦଳରେ ୪ଦିନ କରାଯାଇଛି। ପୂର୍ବରୁ ଠାକୁର ୩ଦିନ ଭକ୍ତଙ୍କୁ ଦର୍ଶନ ଦେଉଥିବା ବେଳେ ଚଳିତ ବର୍ଷ ୪ଦିନ ମନ୍ଦିରରେ ରହି ଭକ୍ତଙ୍କୁ ଦର୍ଶନ ଦେବେ। ଆଜି ପ୍ରଭୁ ନାରାୟଣ ଗୋସେଇଁଙ୍କୁ ପାଣିରୁ ଆଣି ମନ୍ଦିରରେ ସ୍ଥାପନା କରାଯାଇଥିବା ବେଳେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। କିମ୍ବଦନ୍ତୀ ଅନୁସାରେ ଶହ ଶହ ବର୍ଷ ପୂର୍ବେ କଳାପାହାଡ଼ ଆକ୍ରମଣରୁ ପ୍ରଭୁଙ୍କୁ ବଞ୍ଚାଇବା ପାଇଁ ତାଙ୍କର ଭକ୍ତ ମାନେ ନାରାୟଣ ଗୋସେଇଁଙ୍କୁ ଏହି ପୁଷ୍କରିଣୀରେ ଲୁଚାଇ ରଖିଥିଲେ ଓ ବହୁ ବର୍ଷ ପରେ ତତ୍କାଳୀନ ଗଡ଼ମଧୁପୁର ରାଜାଙ୍କୁ ସ୍ୱପ୍ନାଦେଶ ପରେ ଏହି ପୁଷ୍କରିଣୀରୁ ନାରାୟଣ ଗୋସେଇଁଙ୍କୁ ଉଦ୍ଧାର କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସୁଥିବା ବେଳେ ଏହି ସମୟରେ ମହାପ୍ରଭୁଙ୍କ ଯଜ୍ଞକାର୍ଯ୍ୟ ସହ ଦଶ ଅବତାର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ନାରାୟଣ ଗୋସେଇଁ। ଚଳିତ ବର୍ଷ ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହ ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଓ କୁଆଖିଆ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି।

## ବବିଙ୍କ ଦ୍ୱାରା ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ



ମଙ୍ଗଳପୁର,୧୪।୪(ସମିସ): ଓଡ଼ିଆ ନବବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତ ବିଜେଡି ପକ୍ଷରୁ ଏକ ଜଳଛତ୍ର ଶିବିର ମଙ୍ଗଳପୁର ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଜଳଛତ୍ର ଶିବିରଟିକୁ ଯାଜପୁରର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ ଉଦଘାଟନ କରିଥିଲେ। ମଙ୍ଗଳପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଶିଶିର କୁମାର ଧଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଜଳଛତ୍ର ଶିବିର ଉଦଘାଟନ ଉତ୍ସବରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ସମାଜସେବୀ ପ୍ରଦୀପ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ନାୟକ, ଯୁବନେତା ପୂର୍ଣ୍ଣଚନ୍ଦ୍ର ରାଉତ, ଶିକ୍ଷାବିତ ଦାମୋଦର ରାଉତ, ଅମିୟ ରାୟ, ସମାଜସେବୀ ପରୀକ୍ଷିତ ରାୟ, ମାନସ ରଞ୍ଜନ ଦାଶ, ଫକୀର ମୋହନ ଦାଶ, ସତ୍ୟସଚୀ ଦାଶ, ମାନସ ରଞ୍ଜନ, ମାନଗୋବିନ୍ଦ ଧଳ ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସକାଳ ୭. ୩୦ ମିନିଟରେ ଏହି ଶିବିର ଉଦଘାଟନ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବହୁ ଯୁବକର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାଲିଚନ୍ଦ୍ରପୁର,୧୪।୪(ସମିସ): ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳନ ଅବସରରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ମିଳିତ ଆନୁକୂଲ୍ୟରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବାଲିଚନ୍ଦ୍ରପୁର ସରପଞ୍ଚ ଅନୁପମା ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୁଭାଷ ଚନ୍ଦ୍ର ନନ୍ଦ ଯୋଗଦେଇଥିଲେ। ବଜରଙ୍ଗ ଦଳର ବଡ଼ଚଣା ପ୍ରଖଣ୍ଡର ସଂଯୋଜକ ଅନନ୍ତ କିଶୋର ଦାସଙ୍କ ମୁଖ୍ୟ ଆୟୋଜନ କ୍ରମେ ଏହି ପ୍ରତିମୂର୍ତ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାପିତ କରାଯାଇଥିଲା।

## ବରୁଣେଶ୍ୱର ପୀଠରେ ମହାବିଷୁବ ସଂକ୍ରାନ୍ତି

ବିଞ୍ଝାରପୁର,୧୪।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକର ପ୍ରସିଦ୍ଧ ଶୈବପୀଠ ବାବା ବରୁଣେଶ୍ୱର ମନ୍ଦିରରେ ଭକ୍ତମାନଙ୍କର ବ୍ୟାପକ ଭିଡ଼ ଦେଖାଯାଇଥିଲା। ଦିନଭରି ଭକ୍ତମାନେ ଦର୍ଶନ ଓ ପୂଜାରେ ବ୍ୟସ୍ତ ରହିଥିଲେ। ଏହି ଅବସରରେ ବଜରଙ୍ଗ ଦଳ ବିଞ୍ଝାରପୁର ପ୍ରଖଣ୍ଡ ପକ୍ଷରୁ ହଜାର ହଜାର ଭକ୍ତଙ୍କୁ ଶୀତଳ ପଣା ବଣ୍ଟନ କରାଯାଇଥିଲା। ପ୍ରଖଣ୍ଡ ସଂଯୋଜକ ସୁବୋଧ ଧଳଙ୍କ ନେତୃତ୍ୱରେ ଆୟୋଜିତ ଏହି ସେବା କାର୍ଯ୍ୟରେ ସଂଗଠନର କର୍ମୀମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ଉପସଭାପତି ଟିକିଲତା ବେହେରା ସହ ଅନେକ ସମାଜସେବୀ ଓ ବୁଦ୍ଧିଜୀବୀ ଯୋଗଦେଇ କର୍ମକର୍ତ୍ତାମାନଙ୍କୁ ଉତ୍ସାହ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିରଣ କୁମାର ଜେନା, ବିଶ୍ୱଜିତ ସାମଲ, ସୋମ୍ୟରଞ୍ଜନ ସାମଲ, ସୋମ୍ୟରଞ୍ଜନ ବିନ୍ଧାଣୀ, ପିଣ୍ଟୁ ମଲ୍ଲିକ, ଶଙ୍କରକ୍ଷଣ ମିଶ୍ର, ପ୍ରକାଶ ସାମଲ, ସୁମନ୍ତ ସ୍ୱାଇଁ ଓ ଶ୍ରୀକାନ୍ତ ପ୍ରଧାନ ସମେତ ବଜରଙ୍ଗ ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ନବ ବର୍ଷ




ଯାଜପୁର,୧୪।୪(ସମିସ): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଓଡ଼ିଆ ନବବର୍ଷ ପାଳନ ଅନନ୍ୟାର ସଭାପତି ସନ୍ତୋଷ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହ ଅବସରରେ ମହାବିଷୁବ ସଂକ୍ରାନ୍ତି, ମହାବୀର ଜୟନ୍ତୀ, ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ, କବି ସମ୍ମିଳନୀ ଓ କବି ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ପଣ୍ଡିତ ହୃଷିକେଶ ପତି ସ୍ତୋତ୍ରପାଠ କରିଥିବା ବେଳେ ଉପସଭାପତି ବିଭୂତି ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନନ୍ୟାର ଉପଦେଷ୍ଟା ସୁବାସ ଚନ୍ଦ୍ର ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକ ଡ. କାହ୍ନୁଚରଣ ମିଶ୍ର ଓଡ଼ିଆ ନବବର୍ଷର ତାତ୍ପର୍ଯ୍ୟ ଓ ବିଷୁବ ସଂକ୍ରାନ୍ତି ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଚିରନ୍ତନୀ ପତ୍ରିକାର ସଂପାଦିକା ସଂଯୁକ୍ତା ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ନାରାୟଣ ସାମନ୍ତ, ଉପଦେଷ୍ଟା ଉଦୟ ନାରାୟ ପରିଡ଼ା, ଉପଦେଷ୍ଟା ବିନୋଦ ନାୟକ, ପ୍ରାକ୍ତନ ପ୍ରଧାପକ ଡ. ନିରୀକ୍ଷକ କୁମାରସେନ ସେନାପତି ପ୍ରମୁଖ ଓଡ଼ିଆ ନବବର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

## ସୁକିନ୍ଦା ସାହିତ୍ୟ ସମାଜର ବିଷୁବ ମିଳନ



ସୁକିନ୍ଦା,୧୪।୪(ସମିସ): ସୁକିନ୍ଦା ସାହିତ୍ୟ ସମାଜ ପକ୍ଷରୁ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ବିଷୁବ ମିଳନ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ସମାରୋହକୁ ସୁକିନ୍ଦା ରାଜାସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର ଉଦଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ପ୍ରଫେସର ବିଜୟ କୁମାର ଶତପଥୀ ଓ ମୁଖ୍ୟବକ୍ତା ଭାବେ କଟକ କଳା ବିକାଶ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଯୋଗଦେଇଥିଲେ। ସାହିତ୍ୟ ସମାଜର ସଭାପତି କୁଳମଣି ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ସମ୍ପାଦକ ପ୍ରାଧାପକ ହିମାଂଶୁ ଶେଖର ଦ୍ୱିବେଦୀ ସଂପାଦକୀୟ ପାଠ, ଅଜୟ କୁମାର ଖୁଣ୍ଟିଆ ଅତିଥି ପରିଚୟ ଓ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଫେସର ବିଜୟାନନ୍ଦ ସିଂହଙ୍କୁ ବିଷୁବ ସମ୍ମାନ ଓ ପ୍ରଫେସର ବିଜୟ କୁମାର ଶତପଥୀଙ୍କୁ ପ୍ରଫୁଲ୍ଲ କୁମାର ଦାଶ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚାସୀନ ଅତିଥି ମାନେ ଶ୍ରୀନିବାସ ରାଉତଙ୍କ ପୁସ୍ତକ ଶ୍ରୀକୃଷ୍ଣ କଥା ଭାଗ-୨କୁ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଗୁରୁ ନିମାଇଁ ଚରଣ ମାଝୀଙ୍କ ନିର୍ଦ୍ଦେଶନାରେ ଶ୍ରଦ୍ଧାଞ୍ଜଳି ଦାସ, ମନୋଜିତ ଦାସ ସଙ୍ଗୀତ ଓ ସମୀକ୍ଷା ରଥ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। କବିତାପାଠ କାର୍ଯ୍ୟକ୍ରମରେ ଜ୍ୟୋତିଶଙ୍କର ମିଶ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସୁରେନ୍ଦ୍ର କୁମାର ଦାଶଙ୍କ ସଭାପତିତ୍ୱରେ ଓ କବୟିତ୍ରୀ କାଞ୍ଚନବାଳା ମଲ୍ଲ, ଦୀପ୍ତି ସାମଲ ଓ ଡ. ଦୟାନିଧି ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅନେକ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅଧିବେଶନରେ ନିର୍ମଳ ଚନ୍ଦ୍ର ରାଉତ, ଗୋକୁଳ ବିହାରୀ ପୃଷ୍ଟି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ



ଯାଜପୁର,୧୪।୪(ସମିସ): ଜିଲ୍ଲା ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ସୁଧୀର ଚନ୍ଦ୍ର ଜେନା ସଭାରେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ମୁଖ୍ୟ ବକ୍ତା ସୁଧୀର ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଆୟୋଜିତ ହୋଇଥିବା ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପଣା ବଣ୍ଟନ



ଧର୍ମଶାଳା,୧୪।୪(ସମିସ): ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପବିତ୍ର ପଣା ସଂକ୍ରାନ୍ତି ଅବସରରେ ଆଜି ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା। ମଞ୍ଚର ସଭାପତି ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚର କର୍ମକର୍ତ୍ତା ବିବେକାନନ୍ଦ ନାୟକ, ପୀତବାସ ପାତ୍ର, ଯୁଧିଷ୍ଠିର ସ୍ୱାଇଁ, ଭିକାରୀ ମଲ୍ଲିକ, ଆଦିକନ୍ଦ ସ୍ୱାଇଁ, ସତ୍ୟାନନ୍ଦ ପ୍ରଧାନ, ବଟକୃଷ୍ଣ ସାହୁ, ବନମାଳୀ ରାଉତ, ନୃସିଂହ ମହାନ୍ତି, ହୃଷିକେଶ ସାମଲ, ନିରଜ ମହାନ୍ତି ଓ ନାରାୟଣ ଲେଙ୍କା ପ୍ରମୁଖ ଯୋଗଦେଇ ଜାରକା ବସ୍‌ଷ୍ଟାଣ୍ଡ ଯାତ୍ରୀମାନଙ୍କୁ ପଣା ପ୍ରଦାନ କରିଥିଲେ। ଆଜି ସକାଳୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପଣା କରାଯାଇ ଜାରକା ଫ୍ଲାଏ ଓଭର ବ୍ରିଜ ତଳେ ଯାତାୟାତ କରୁଥିବା ପଥଚାରୀ ଓ ବସ୍‌ଷ୍ଟାଣ୍ଡରେ ଥିବା ଲୋକମାନଙ୍କୁ ପଣା ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା।

## ଧର୍ମଶାଳାରେ ଆମ୍ବେଦକର ଜୟନ୍ତୀ

ଧର୍ମଶାଳା,୧୪।୪(ସମିସ): ଧର୍ମଶାଳା ବିଜେପି ପକ୍ଷରୁ ସମ୍ବିଧାନ ପ୍ରଣେତାଡ. ଭିମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ଜାରକାସ୍ଥିତ ଷ୍ଟାଡିୟମ ହଲରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେପି ସଭାପତି ଦେବଜାନୀ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ରୀତା ତରେଇ, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ବିଜେପି ନେତା ପ୍ରିୟନାଥ ମହାପାତ୍ର, ଅନାମ ଚରଣ ମଲିକ, ନାରାୟଣ ମଲିକ ଓ ବିନୋଦ ବିହାରି ମଲିକ ପ୍ରମୁଖ ଯୋଗଦେଇଥିଲେ। ଜାରକା ନିକଟସ୍ଥ କୁମାରି ପଞ୍ଚାୟତର ଜାମୁବଣିଆଁ ଠାରେ ନିର୍ମିତ ଅମ୍ବେଦକର ଭବନକୁ ବିଧାୟକ ଓ ଜିଲ୍ଲା ସଭାପତି ଉଦଘାଟନ କରିଥିଲେ। ଶେଷରେ ସରୋଜ କୁମାର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ରାଜେଶ ପାଲ, ଦେବରାଜ ମିଶ୍ର, ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଶ୍ରୀବତ୍ସ ଧିର, ଦେବଦତ ପଣ୍ଡା, ତୀର୍ଥରାଜ ପଣ୍ଡା ଓ ଅଭିଶେକ ରାଉତ, ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ପରିଚାଳନା କରିଥିଲେ।

## କଂଗ୍ରେସ ପକ୍ଷରୁ ଆମ୍ବେଦକର ଜୟନ୍ତୀ

ଯାଜପୁର,୧୪।୪(ସମିସ): ଯାଜପୁର ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥବରେ ପୂର୍ବତନ ଲୋକସଭା ସାଂସଦ ଅଞ୍ଚଳ ଦାସ, ସନ୍ତୋଷ ନନ୍ଦ, ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ପୂର୍ଣ୍ଣ ଜେନା, ହୃଷୀକେଶ ପତି, ସଂଗ୍ରାମ ଜେନା, ନକୁଳ ଦେବ ସାହୁ, ଉତ୍ସବ ଦାସ, ନଟବର ଜେନା, ଅବଦୁଲ ରୌଫ, ବିଜୟ ମହାପାତ୍ର, ଗୋବିନ୍ଦ ବେହେରା, ସଂଜୀବ ଦାସ, ଭାରତ ବେହେରା, ବିଜୟ ମାପାତ୍ର ପ୍ରଭୃତି ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅଗ୍ନିଶମ ବାହିନୀର ସେବା ସପ୍ତାହ

ବିଞ୍ଝାରପୁର,୧୪।୪(ସମିସ): ବିଞ୍ଝାରପୁର ବ୍ଲକ୍‌ରେ ଅଗ୍ନିଶମ ବାହିନୀ ପକ୍ଷରୁ ସେବା ସପ୍ତାହ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଅଗ୍ନିଶମ ବାହିନୀର ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା କରି ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। ବ୍ଲକର ବିଞ୍ଝାରପୁର, ସିଂହପୁର, ମାଂସଡ଼ା ଆଦି ଅଞ୍ଚଳରେ ଏହି ସଚେତନତା କାର୍ଯ୍ୟକ୍ରମ ସଫଳଭାବେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ବନ୍ଧରେ ଅଗ୍ନାଶ୍ରମ ବାହିନୀର ମୁଖ୍ୟ ଯୋଦ୍ଧା ବୃନ୍ଦାବନ ଜେନା ସୂଚନା ଦେଇଛନ୍ତି।

## ବିଞ୍ଝାରପୁରରେ ମହାବିଷୁବ ସଂକ୍ରାନ୍ତି

ବିଞ୍ଝାରପୁର,୧୪।୪(ସମିସ): ଆଜି ଥିଲା ପବିତ୍ର ମହାବିଷୁବ ସଂକ୍ରାନ୍ତି। ଏହି ଦିନ ପ୍ରତ୍ୟେକ ଓଡ଼ିଆ ପରିବାର ଶ୍ରଦ୍ଧାର ସହ ଦେବଦେବୀଙ୍କ ପୂଜା, ଭୋଗ ଓ ହୋମ କରିଥାନ୍ତି। ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ମହାବୀର ହନୁମାନଙ୍କ ଜୟନ୍ତୀ ଅବସରରେ ବିଞ୍ଝାରପୁର ବ୍ଲକ ଅଞ୍ଚଳର ବିଭିନ୍ନ ମନ୍ଦିର ଓ ମଠରେ ଶ୍ରଦ୍ଧାଳୁଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ଅରେଇ ସ୍ଥିତ ବରୁଣେଶ୍ୱର କ୍ଷେତ୍ରରେ ବାବା ବରୁଣେଶ୍ୱରଙ୍କ ଦର୍ଶନ ପାଇଁ ଭକ୍ତମାନେ ବହୁ ସଂଖ୍ୟାରେ ଭିଡ଼ କରିଥିବା ବେଳେ ବାଙ୍କିପାଳ ସ୍ଥିତ ମାକାଳ ପୀଠ ,ସିଂହପୁର ଅଞ୍ଚଳର ଇଷ୍ଟଦେବୀ ଦରିଆ ନାଆକାଣୀଙ୍କ ପୀଠରେ ଏହି ଅବସରରେ ବିଶେଷ ହୋମ ଯଜ୍ଞ ଆୟୋଜିତ ହୋଇଥିଲା।

## ପୁଷ୍ପଗିରି ପରିଷଦର ବିଷୁବ ମିଳନ

ବରୀ,୧୪।୪(ସମିସ): ରତ୍ନଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୁଷ୍ପଗିରି ପରିଷଦ, ରତ୍ନଗିରି ପକ୍ଷରୁ ବିଷୁବ ମିଳନ, ପଣା ଉତ୍ସବ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସ୍ଥାୟୀ ସଭାପତି ଦୁଃଖୀରାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କାଶୀନାଥ ମହାବିଦ୍ୟାଳୟ, କାଇପଡ଼ାର ଅଧ୍ୟକ୍ଷ ପ୍ରମୋଦ କୁମାର ଶତପଥି, ମୁଖ୍ୟବକ୍ତା ଭାବେ 'ଗୁଣ୍ଡୁଚିମୂଷା' ପତ୍ରିକାର ସମ୍ପାଦକ ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଡ. ଭାଗ୍ୟଧର ସାହୁ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର କାର୍ଯ୍ୟକାରୀ ସଭାପତି ଡ. ନୃସିଂହ ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ମକରଧ୍ୱଜ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଅଜୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରୀ ବାର୍ ଆସୋସିଏସନର ସଭାପତି ରାଜକିଶୋର ସାମଲ, ଶିକ୍ଷାବିତ ଅଶୋକ କୁମାର ଦାସ, ଅନିରୁଦ୍ଧ ମଲ୍ଲ, କୁଶଧ୍ୱଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ମଧୁବନ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

 କୁଆଖିଆ,୧୪।୪(ସମିସ): ରସୁଲପୁର ବ୍ଲକ ମଧୁବନ ସାହିତ୍ୟ ସଂସଦର ତ୍ରିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ଆବାହକ ତଥା ଉପସଭାପତି କୈଳାସ ଚନ୍ଦ୍ର ମଲିକଙ୍କ ଆବାହକତ୍ୱରେ ମଧୁବନ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ପ୍ରାଧାପକ ବିଶିଷ୍ଟ ସାହିତ୍ୟିକ ଡ. ରବୀନ୍ଦ୍ର ବିହାରୀ, ମୁଖ୍ୟବକ୍ତା ଭାବରେ ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମହେଶ୍ୱର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ରବି ଶତପଥି ଯୋଗଦେଇଥିଲେ। ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସନ୍ତୋଷ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାବନ୍ଧିକ ଅଶୋକ କୁମାର ଶତପଥି ଅତିଥି ପରିଚୟ ପ୍ରଧାନ କରିଥିଲେ। ଏହି ଅବସରରେ ମଧୁପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ତୁହିନାଂଶୁ ରଥ ଏବଂ କାଶତଣ୍ଡୀର ସମ୍ପାଦକ ଅଚ୍ୟୁତାନନ୍ଦ ପାତ୍ରଙ୍କୁ



ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ମୁଖପତ୍ର "ଯୁଗାରମ୍ଭ' ଉନ୍ମୋଚିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସଂସଦର ପ୍ରଥମ ଅଧିବେଶନରେ ଗୀତିକାର ପ୍ରତାପରୁଦ୍ର ପଣ୍ଡା, କବୟିତ୍ରୀ ସରୋଜିନୀ ଶତପଥି, କବୟିତ୍ରୀ ନିରୁପମା ବେହେରା ଓ କବି ରବୀନ୍ଦ୍ର କୁମାର ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କବି ସୁରେନ୍ଦ୍ର କୁମାର ବେହେରା, ପଣ୍ଡିତ ଅଭୟ କୁମାର ତ୍ରିପାଠୀ, ମମତାମୟୀ ଖୁଣ୍ଟିଆ, ନରୋତ୍ତମ ସାହୁ, ଶୁଭସ୍ମିତା ସାହୁ, ଶୁଚିସ୍ମିତା ସାହୁ, ସୁଲୋଚନା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସହ ସମ୍ପାଦକ ସନ୍ତୋଷ କୁମାର ପାଢ଼ୀ, ରମାକାନ୍ତ ସ୍ୱାଇଁ, କୋଷାଧକ୍ଷ ଧୀରେନ୍ଦ୍ର କୁମାର ସାହୁ, ଗୟାଧର ସାହୁ, କୈଳାସ ଚନ୍ଦ୍ର ପତି, ଉମେଶ ଚନ୍ଦ୍ର ସାହୁ, ପ୍ରହଲ୍ଲାଦ ମଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁନିଦାପାଟଣା ଶାରଳା ପୀଠରେ ଝାମୁଯାତ୍ରା

ଦଶରଥପୁର,୧୪।୪ (ସମିସ):

ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଜୁନିଦାପାଟଣା ଗ୍ରାମରେ ଥିବା ଶାରଳା ପୀଠରେ ପ୍ରସିଦ୍ଧ ଝାମୁଯାତ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଝାମୁଯାତ୍ରାଟି ପ୍ରାୟ ୩୯ ବର୍ଷରୁ ଉର୍ଦ୍ଧ ହେବ ଅନୁଷ୍ଠିତ ହୋଇଆସୁଥିବା ବେଳେ ଗ୍ରାମର ଶାରଳା ପୂଜକ ଶାରଦା ଦାସ ମା'ଙ୍କ ବିଗ୍ରହକୁ ମୁଣ୍ଡରେ ବସାଇ ନିଆଁରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଘଣ୍ଟ, ଢୋଲର ତାଳେତାଳେ ମା' ଶାରଳାଙ୍କ ବିଗ୍ରହ ଧରି ଶାରଦା ଦାସ ନାଚିବା ବେଳେ ଶ୍ରଦ୍ଧାଳୁମାନେ ମଧ ନାଚୁଥିବାର ଦେଖିବାକୁ ମିଳିଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଜେଡି ସଭାପତି ସରୋଜ ମହାପାତ୍ର, କର୍ଣ୍ଣାଟ



କେଶରୀ ଦାସ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ, ସବ୍ୟସାଚି ଦାସ, ଇନ୍ଦ୍ରଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଝାମୁଯାତ୍ରା ସପ୍ତାହ ଧରି ଚାଲିବାକୁଥିବା ବେଳେ ଝଙ୍କଡସ୍ଥ ଶାରଳା ପୀଠରୁ ଆସିଥିବା ଭକ୍ତମାନେ ଚିତ୍ତାକର୍ଷକ ଘଣ୍ଟ ନୃତ୍ୟ ପରିବେଷଣ, ଭଜନସନ୍ଧ୍ୟା, ଓଡିଶୀ ନୃତ୍ୟ କୀର୍ତ୍ତନ, ପ୍ରବଚନ, କୀର୍ତ୍ତନ ଓ ଚଣ୍ଡୀଯଜ୍ଞ ଆଦି କାର୍ଯ୍ୟ କରାଯାଇଥାଏ। ଏହି କାର୍ଯ୍ୟକ୍ରମ ୭ ଦିନ ବ୍ୟାପି ୧୦୮ ବ୍ରହ୍ମଣଙ୍କୁ ସମ୍ବର୍ଦ୍ଧନା, ଚଣ୍ଡିପାଠ, ଘଣ୍ଟ ନୃତ୍ୟ, ସାଧୁ ସମ୍ମିଳନୀ, ନାମଯଜ୍ଞ ଆଦି କାର୍ଯ୍ୟକ୍ରମ ରହିଛି। ଏହି ଯାତ୍ରାକୁ ରାଜ୍ୟର ରାଉରକେଲା, ଭୁବନେଶ୍ୱର, ଜଗତସିଂହପୁର, କେନ୍ଦ୍ରପଡା, କଟକ, ଭଦ୍ରକ, ଯାଜପୁର ଆଦି ବିଭିନ୍ନ ଆଞ୍ଚ ଶାରଳାଭକ୍ତମାନେ ଆସି ଜୁନିଦା ଗ୍ରାମରେ ରହିଥାନ୍ତି। ମା ବିରଜା ମନ୍ଦିରର ମୁଖ୍ୟ ପୂଜକ ସରୋଜ କୁମାର ପତି, ଗିରିଧାରୀ ଦାସ, ସୂର୍ଯ୍ୟମଣୀ ପଢି, ବାସୁଦେବ ଦାସ, ରଞ୍ଜନ ମାଝୀ, ମିହିର ସାହୁ, ସତ୍ୟବ୍ରତ ସାହୁ, ହୃଦାନନ୍ଦ ସାହୁ, ଅରୁଣ କୁମାର ସାହୁ, ସରୋଜ କୁମାର ସାହୁ, ନିରାକାର ମାହୁନ୍ତ, ସୁକାନ୍ତ ସାହୁ, ଦିଲିପ ସାହୁ, ଉମାକାନ୍ତ ସାହୁ, ସୁମିତ୍ରା ସାହୁ ପ୍ରମୁଖ ଝାମୁଯାତ୍ର ପରିଚାଳନା କରୁଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



କଷ୍ଟକର କାମ କରିବା ପାଇଁ ମୁଁ ଅଳସୁଆ ବ୍ୟକ୍ତିମାନଙ୍କୁ ପସନ୍ଦ କରେ; କାରଣ ସେମାନେ କଷ୍ଟ କାମଟି କରିବା ପାଇଁ ସହଜ ଉପାୟଟିଏ ବାହାର କରନ୍ତି ।
-ବିଲ୍ ଗେଟ୍ସ

## ଡଲାର ଅସ୍ତ୍ର

ପାକିସ୍ତାନର ଇସଲାମାବାଦରେ ଶାନ୍ତି ଆଲୋଚନା ବିଫଳ ହେବା ପରେ ଏବେ ପୁଣି ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟା ମଧ୍ୟକୁ ଠେଲି ହୋଇଯାଇଛି । ଇରାନ୍‌କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ନୂଆ ଧମକ, ହର୍ମୁଜ୍ ପ୍ରଣାଳୀକୁ ନେଇ ଟ୍ରମ୍ପଙ୍କ ନୂଆ ପଇଁତରା ଏବଂ ଏହା ଭିତରେ ଚୀନ୍‌ର ଆମେରିକାକୁ ଚେତାବନୀ ସମଗ୍ର ବିଶ୍ୱ ପାଇଁ ବଡ଼ ଅଘଟଣର ସଂକେତ ଦେଉଛି । ଆଗାମୀ ଦିନରେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି । ଏ ଆଶଙ୍କା ସତ ହେଲେ ପୂରା ବିଶ୍ୱକୁ ଭୟଙ୍କର ପରିଣତି ଭୋଗିବାକୁ ପଡ଼ିବ, ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ବିଶ୍ୱ କ'ଣ ହରାଇବ, ତାହା ପରବର୍ତ୍ତୀ କଥା; କିନ୍ତୁ ଇସ୍ରାଏଲ ପ୍ରରୋଚନାରେ ଆମେରିକା ଆରମ୍ଭ କରିଥିବା ଏହି ଯୁଦ୍ଧ ତାକୁ ଅଠାକାଠିରେ ପକାଇସାରିଛି । ଧଣ୍ଡ ଗିଳିବା ଭଳି ନା ଆମେରିକା ଯୁଦ୍ଧରୁ ସମ୍ମାନର ସହ ଓହରିପାରୁଛି ନା ଆଗକୁ ବଢ଼ିବାକୁ ସାହସ ଯୋଗାଡ଼ କରିପାରୁଛି । ବର୍ତ୍ତମାନ ପର୍ଯ୍ୟନ୍ତ ଇରାନ୍ ସହ ହୋଇଥିବା ବଳ କଷାକଷିରେ ନୈତିକ, ମାନସିକ ଓ ସାମରିକସ୍ତରରେ ଆମେରିକା ଏକପ୍ରକାର ବିଫଳ ହୋଇସାରିଛି ବୋଲି ଆମେରିକୀୟମାନେ ବି ଅନୁଭବ କରୁଛନ୍ତି । ଆମେରିକାର ପ୍ରଭୁତ୍ୱବାଦୀ ନୀତି ଉପରେ ରୋକ୍ ଲଗାଇବାରେ ଏହି ଅନ୍ତସାରଶୂନ୍ୟ ଯୁଦ୍ଧ ବହୁମାତ୍ରାରେ ସଫଳ ହୋଇପାରିଛି ବୋଲି କହିବା ଅତିଶୟୋକ୍ତି ହେବ ନାହିଁ । ଏହି ଯୁଦ୍ଧରେ ଆମେରିକା ପାଇବା ଅପେକ୍ଷା ଅଧିକ ହରାଇଛି ଏବଂ ଆଗକୁ ମଧ୍ୟ ଏକ ତା'ର ଅର୍ଥନୀତି ପ୍ରତି ଏକ ବଡ଼ ବିପଦ ମାଡ଼ି ଆସୁଛି ବୋଲି ବିଶ୍ୱର ବଡ଼ ବଡ଼ ଅର୍ଥନୀତିଜ୍ଞମାନେ ଯୁକ୍ତି ବାଢ଼ୁଛନ୍ତି । ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଉଠାଇ ଆଣିବା, କ୍ୟୁବାରେ ଦୁର୍ବିସହ ପରିସ୍ଥିତି ସୃଷ୍ଟି କରିବା, ଗ୍ରିନ୍‌ଲାଣ୍ଡକୁ ଅକ୍ତିଆର କରିବାକୁ ଧମକ ଦେବା ଭଳି ଟ୍ରମ୍ପଙ୍କ ପାଗଳାମି ଏମିତିରେ ଆମେରିକା ଭଳି ଶକ୍ତିଶାଳୀ ରାଷ୍ଟ୍ରର ପ୍ରତିଛବିକୁ ଚମକହୀନ ଓ ଦୁର୍ବଳ କରିସାରିଛି । ଏପରି ସ୍ଥିତିରେ ପରଦା ପଛପଟେ ରହି ଗୋଟି ଚଳାଉଥିବା ବିଶ୍ୱର ଅନ୍ୟ ଦୁଇ ମହାଶକ୍ତି ରୁଷ ଓ ଚୀନ୍ ନିଜର ରଣନୀତିରେ ସଫଳ ହେଲେ ଦଶନ୍ଧିଦଶନ୍ଧି ଧରି ବିଶ୍ୱରେ ନିଜର ପ୍ରଭୁତ୍ୱବାଦ ସ୍ଥାପନ କରିଆସୁଥିବା ଆମେରିକାର ଅର୍ଥନୀତି ଓ ଅସ୍ତିତ୍ୱ ପାଇଁ ଏହା ଘାତକ ହେବ ବୋଲି ବିବେଚନା କରାଯାଉଛି ।

ଡଲାର ପାଇଁ ଆମେରିକାର ଅର୍ଥନୀତି ସ୍ୱଚ୍ଛଳ, ସୁଦୃଢ଼ ଓ ଶକ୍ତିଶାଳୀ । ଜିଡିପିଠାରୁ ଋଣଭାର ବହୁ ଅଧିକ ଥିଲେ ହେଁ ଡଲାର ଆମେରିକାକୁ ସବୁ କଠିନ ଅର୍ଥନୈତିକ ପରିସ୍ଥିତିରୁ ଉଦ୍ଧାର କରି ଆସିଛି । ଆମେରିକା ଏହାକୁ ଅସ୍ତ୍ର ଭାବେ ବ୍ୟବହାର କରିଆସୁଛି । ବିଶ୍ୱ ମୁଦ୍ରା ଜଗତରେ 'କୁଏତ୍ ଦିନାର୍', 'ବାହାରିନ୍ ଦିନାର୍', 'ଓମାନ ରିଆଲ', 'ଜୋର୍ଡାନିଆନ୍ ଦିନାର୍', 'ବ୍ରିଟିଶ ପାଉଣ୍ଡ', 'ସ୍ୱିସ୍ ଫ୍ରାଙ୍କ' ଭଳି ଡଲାରଠାରୁ ଓଜନଦାର ମୁଦ୍ରା ପ୍ରଚଳନ ଥିଲେ ହେଁ ପ୍ରାୟ ସମସ୍ତ କାରବାର ଡଲାର୍‌ରେ ହୋଇ ଆସୁଛି । ଡଲାର୍ ବଳରେ ଆମେରିକା ବିଶ୍ୱ ଅର୍ଥନୀତିକୁ ପରିଚାଳିତ ଓ ହେରଫେର୍ କରିଆସୁଛି । ଯେକୌଣସି ଦେଶ ଉପରେ କଟକଣା ଲଗାଇ ତା'ର ଅର୍ଥନୀତିକୁ ଧୂଳିସାତ୍ କରିପାରୁଛି । ଆମେରିକା ପାଇଁ ଡଲାର୍‌ର ପ୍ରଭୁତ୍ୱବାଦ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ଯିଏ ଏହା ଆଗରେ କଣ୍ଟା ହେବାକୁ ଚେଷ୍ଟା କରିଛି ଆମେରିକା ତା'ର ଅସ୍ତିତ୍ୱକୁ ନଷ୍ଟ କରିଦେଇଛି । ଏଠାରେ ଇରାକ୍‌ର ଭୂତପୂର୍ବ ରାଷ୍ଟ୍ରପତି ସଦ୍ଦାମ ହୁସେନ୍ ଓ ଲିବ୍ୟା ରାଷ୍ଟ୍ରପତି ମୁଆମର୍ ଗଦ୍ଦାଫିଙ୍କୁ ବଳିଷ୍ଠ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ ।




ଆମେରିକୀୟ ଡଲାର୍‌ର ଇତିହାସ ବହୁ ପୁରୁଣା ଓ ସମୃଦ୍ଧ । ବିଭିନ୍ନ ପରିସ୍ଥିତି ଦେଇ ଗତି କରି ଏହା ନିଜକୁ ଅଧିକ ସଶକ୍ତ କରିଛି । କିନ୍ତୁ, ଏବେ ସେହି 'ଡଲାର୍' ଉପରେ ବିପଦ ଦେଖାଦେଇଛି । ପୂର୍ବରୁ, ପୂରା ବିଶ୍ୱର ଅର୍ଥନୀତି ସୁନା ଉପରେ ନିର୍ଭରଶୀଳ ଥିଲା । ଯେଉଁ ଦେଶ ପାଖରେ ଯେତେ ସୁନା ମହଜୁଦ ଥିଲା, ସେ ସେତିକି ମୁଦ୍ରା ମୁଦ୍ରଣ/ପ୍ରଚଳନ କରିପାରୁଥିଲା । ଆମେରିକା ବିଭିନ୍ନ ଦେଶ ସହ ବାଣିଜ୍ୟିକ କାରବାର କରି ଧୀରେଧୀରେ ବହୁମାତ୍ରାରେ ସୁନା ନିଜ ଦେଶରେ ମହଜୁଦ କରିନେଇଥିଲା । କିନ୍ତୁ, ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳକୁ ପୂରା ସ୍ଥିତି ବଦଳିଗଲା । ଆମେରିକା ବିଭିନ୍ନ ଦେଶକୁ ଅସ୍ତ୍ର ରପ୍ତାନୀ କରି ପୂରା ବିଶ୍ୱର ସିଂହଭାଗ ସୁନା ନିଜର କରିନେଇଥିଲା । କୁହାଯାଏ, ସେତେବେଳେ ପୂରା ବିଶ୍ୱର ୭୦ ପ୍ରତିଶତ ପାଖାପାଖି ୨୨ ହଜାର ଟନ୍ ସୁନା ଆମେରିକା ପାଖରେ ମହଜୁଦ ହୋଇଯାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତିମ ପର୍ଯ୍ୟାୟରେ ପୂରା ବିଶ୍ୱ ଦେବାଳିଆ ସ୍ଥିତିରେ ଥିବା ବେଳେ କେବଳ ଆମେରିକାର ଅର୍ଥନୀତି ମଜଭୁତ ଥିଲା । ତେଣୁ, ଅନ୍ତର୍ଜାତୀୟ କାରବାରକୁ ସ୍ୱାଭାବିକ ରଖିବା ପାଇଁ 'ଡଲାର୍' ପ୍ରଚଳନ ଉପରେ ଆମେରିକା ଜୋର୍ ଦେଇଥିଲା ଏବଂ ଏହାକୁ ବାକି ଦେଶଗୁଡ଼ିକ ମଧ୍ୟ ମାନି ନେଇଥିଲେ । ମୋଟାମୋଟି ଭାବେ କହିବାକୁ ଗଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସରିବା ବେଳକୁ ଅନ୍ତର୍ଜାତୀୟ ମୁଦ୍ରାମାନଙ୍କରେ 'ଡଲାର୍'ର ଦବ୍‌ଦବା ଆରମ୍ଭ ହୋଇଯାଇଥିଲା । ଏକ ଆଉନ୍ସ ସୁନା ବା ପାଖାପାଖି ୨୮.୩ ଗ୍ରାମ ସୁନାର ମୂଲ୍ୟ ୩୫ ଡଲାର୍ ସ୍ଥିରୀକୃତ ହୋଇଥିଲା । କିନ୍ତୁ ୮୦ଦଶକ ଆରମ୍ଭରୁ 'ଡଲାର୍'ର ପ୍ରଚଳନ ଉପରେ ପ୍ରଶ୍ନବାଚୀ ଠିଆ ହେଲା । ଆମେରିକାର 'ଡଲାର୍ ବଦଳରେ ସୁନା' ନୀତି ଉପରେ ବିଭିନ୍ନ ଦେଶର ସନ୍ଦେହ ହେଲା । ଡଲାର୍ ଅନୁପାତରେ ଆମେରିକା ପାଖରେ ସେତିକି ସୁନା ମହଜୁଦ ନଥିବା ସନ୍ଦେହ ହେବାରୁ ବିଭିନ୍ନ ଦେଶ ଆମେରିକାକୁ ଡଲାର୍ ଦେଇ ସୁନା ନେବାକୁ ଆଗ୍ରହୀ ହେଲେ । ତେଣୁ, ୧୯୭୧ମସିହାରେ ସେତେବେଳର ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନ୍ 'ଡଲାର୍'ର ପ୍ରଭୁତ୍ୱକୁ ଜାରି ରଖିବା ପାଇଁ ନୂଆ ପଇଁତରା କଲେ । ଡଲାର୍ ବଦଳରେ ଆଉ ସୁନା ମିଳିବ ନାହିଁ ବୋଲି ଘୋଷଣା କରିବା ସହ ଆମେରିକା ଡଲାର୍ ସହ ସୁନାର ସଂପର୍କକୁ ଯୋଡ଼ିଦେଲେ । ସେତେବେଳେ ଉପସାଗରୀୟ ଦେଶଗୁଡ଼ିକରେ ଥିବା ତୈଳଭଣ୍ଡାରର ଚିହ୍ନଟ, ତୈଳ ଉତ୍ପାଦନ, ବିକ୍ରିରେ ଆମେରିକା ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେଲା । ଏସବୁ ସହ ସୁରକ୍ଷା ଓ ସାମରିକ ସହାୟତା ଯୋଗାଇଦେବ ବୋଲି ଆମେରିକା ପ୍ରଲୋଭିତ କରି ସେମାନଙ୍କ ସହ ଚୁକ୍ତି କରିନେଲା । ଏହି ପରିପ୍ରେକ୍ଷୀରେ ୧୯୭୪ମସିହାରେ ଆମେରିକା ସହ ସାଉଦି ଆରବର ଐତିହାସିକ ଚୁକ୍ତି ସଂପନ୍ନ ହୋଇଥିଲା । ଆମେରିକାର ସୁରକ୍ଷା ଓ ସାମରିକ ସହାୟତା ବଦଳରେ ସବୁ ଦେଶ ସହ 'ଡଲାର୍'ରେ ତୈଳ କାରବାର କରିବାକୁ ସାଉଦିଆରବ ଚୁକ୍ତିବଦ୍ଧ ହୋଇଥିଲା । ସାଉଦି ଆରବ ଅଶୋଧିତ ତେଲ କାରବାର ଡଲାର୍‌ରେ କରିବାକୁ ଲାଗିଲା । ସେବେଠାରୁ ବହୁଚର୍ଚ୍ଚିତ ଶବ୍ଦ 'ପେଟ୍ରୋ-ଡଲାର୍'ର ପ୍ରଚଳନ ହୋଇଆସୁଛି । ଏହାର ଅର୍ଥ ହେଉଛି ଡଲାର୍ ବଦଳରେ ତେଲ । ଏହା ଫଳରେ ଆମେରିକା ଅର୍ଥନୀତିର ସୁଦୃଢ଼ ସ୍ଥିତି ବଜାୟ ରହି ଆସିଛି ।

କିନ୍ତୁ, ବର୍ତ୍ତମାନ ଇରାନ୍ ସହ ଯୁଦ୍ଧର ପ୍ରଭାବ 'ପେଟ୍ରୋ ଡଲାର୍' ଉପରେ ସିଧାସଳଖ ପଡୁଛି । ସାଉଦି, ଓମାନ, କୁଏତ୍, ବାହାରିନ୍ ଭଳି ଉପସାଗରୀୟ ଦେଶଗୁଡ଼ିକ ଉପରେ ଇରାନ୍ ଘନଘନ ଆକ୍ରମଣ କରିଥିବା ବେଳେ ଆମେରିକା ସେମାନଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛି । ସେହିପରି ଇରାନ୍ ପଛରେ ରହି ଚୀନ୍, ରୁଷ ଭଳି ଦେଶ ଡଲାର୍‌ର ଦବ୍‌ଦବାକୁ ଶେଷ କରିବାକୁ ଗୋଟି ଚଳାଇଛନ୍ତି । ହର୍ମୁଜ୍‌ରେ ଜାହାଜ ପାର କରିବା ପାଇଁ ବାହାର ଦେଶଗୁଡ଼ିକ ଚୀନ୍‌ର ମୁଦ୍ରା 'ୟୁଆନ୍'ରେ କାରବାର କରିବାକୁ ପଡ଼ିବ ବୋଲି ଇରାନ୍ ସର୍ତ୍ତ ରଖିଛି । ଏହାବ୍ୟତୀତ, ଏହି ଯୁଦ୍ଧରେ ଆମେରିକାର ସାମରିକ ଦୁର୍ବଳତା ମଧ୍ୟ ପଦାରେ ପଡ଼ିଥିବାରୁ ଉପସାଗରୀୟ ଦେଶଗୁଡ଼ିକ ଆମେରିକା ଉପରେ ପୂର୍ବବତ୍ ଭରସା ବଜାୟ ରଖିବେ କି ନାହିଁ, ତାହା ଚିନ୍ତା କରିବା ଆରମ୍ଭ କଲେଣି ।

# ସୁନାବେଢ଼ାର ଗୁମର କଥା

ପ୍ରମୋଦ କୁମାର ମହାପାତ୍ର

ଉଠାଣି ଗଡ଼ାଣି ଦେଇ ଆଗକୁ ଧାଉଁଥାଏ ଆମ ଗାଡ଼ିଟି । ଆଖି ଆଗରେ କେବଳ ପାହାଡ଼ିଆ ଘୁମନ୍ତ ଘାଟି, ଘଞ୍ଚ ଜଙ୍ଗଲର ସବୁଜ ସାମିଆନା, ନିରବ ଉପତ୍ୟକା ଓ ବିସ୍ତୀର୍ଣ୍ଣ ମାଳଭୂମି । ନିର୍ଜନ ରାସ୍ତା, କାଁଭାଁ କେତେବେଳେ ଗୋଟିଏ ଦୁଇଟି ଦୁଇଚକିଆ ଗାଡ଼ି, ଠାଏଠାଏ କିଛି ମୂଲିଆ ଧରି ରାସ୍ତାକଡ଼ ଶୁଖିଲା ଘାସଲତା ସଫା କରିବାରେ ବ୍ୟସ୍ତ ଜଙ୍ଗଲ ବିଭାଗର କର୍ମଚାରୀ, ଛୋଟିଆ ଛୋଟିଆ ଗାଁ, ବଜାର ପ୍ରାଙ୍ଗଣ, ମଝିରେ ମଝିରେ ପଇଁତରା ମାରୁଥିବା ସଶସ୍ତ୍ର ସୁରକ୍ଷା ଯବାନ ଓ ତାଙ୍କ ବେସ୍ କ୍ୟାମ୍ପ ନଜର ଆସୁଥିଲା । ଏମିତି କିଛି ସମୟ ପରେ ପିଚୁ ରାସ୍ତା ସରି ଆରମ୍ଭ ହେଲା କଚ୍ଚା, ମୋରମ ରାସ୍ତା, ତା' ପରେ କେବଳ ଘାଟି ପର ଜଙ୍ଗଲ ଉପତ୍ୟକାର ଖୋଲା ଟାଙ୍ଗରା ରାସ୍ତା । ମାଘ ମାସର କଁଅଳିଆ ଖରା... ମୁଁ ଗାଡ଼ିର ଏସି ବନ୍ଦ କରି ଝରକା ଅଳ୍ପ ଖୋଲିଦେବା ପାଇଁ ଡ୍ରାଇଭରକୁ କହିଲି । ଆଃ... ତାଜା ପବନ ଦଲକାଏ ପଶି ଆସି ଦେହ ମନକୁ ସତେଜ କରିଦେଲା.. "ଏହାକୁ ମନଭରି ଆଘ୍ରାଣ କର, ଭରପୂର ଶୋଷିନିଅ; ଏହା ହେଉଛି ନିଚ୍ଛକ ବିଶୁଦ୍ଧ ଅମ୍ଳଜାନ ସମୃଦ୍ଧ ବାୟୁ... କାହିଁ ରାଜଧାନୀର ସାଙ୍ଘାତିକ ତିନିଶହ ଉପରେ ଏୟାର କ୍ୱାଲିଟି ଇଣ୍ଡେକ୍ସ, ଆଉ ଏଠି ନିର୍ମଳ, ସ୍ୱାସ୍ଥ୍ୟପ୍ରଦ ବାୟୁମଣ୍ଡଳ!" ସମସ୍ତେ ଆନନ୍ଦରେ କୁରୁଳି ଉଠିଲେ । ପ୍ରାୟ ୬୦୦ ବର୍ଗ କିମି ବ୍ୟାପ୍ତ ସୁନାବେଢ଼ା ଅଭୟାରଣ୍ୟଟି କେବଳ ନୂଆପଡ଼ା ଜିଲ୍ଲା ନୁହେଁ, ଓଡ଼ିଶା ପାଇଁ ପ୍ରକୃତିର ଏକ ବରଦାନ । ଛତିଶଗଡ଼ ସୀମାନ୍ତ ହୋଇଥିବାରୁ ଏକଦା ସୁନାବେଢ଼ା ଅଭୟାରଣ୍ୟ ଥିଲା ମାଓବାଦୀଙ୍କ ଅବାଧ ବିଚରଣସ୍ଥଳ । ମାଓମୁକ୍ତ ଅଭିଯାନ ଶେଷ ପର୍ଯ୍ୟାୟରେ ଥିଲେ ବି ସତର୍କତା ଦୃଷ୍ଟିରୁ ସୁରକ୍ଷା ପାଇଁ ଏକ ମୋଟର ସାଇକେଲରେ ଆଗରେ ଯାଉଥିଲେ ଗୁଳିଭରା ପିସ୍ତଲଧାରୀ ଦୁଇଜଣ ସ୍ୱତନ୍ତ୍ର ଯବାନ ସାଧା ପୋଷାକରେ । ଆମେ ଦୂରସଂଚାର ବିଭାଗ, ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀ ଓ ରାଜ୍ୟ ପ୍ରଶାସନର ସ୍ଥାନୀୟ ଅଧିକାରୀ ମିଶି ମୋଟ ୬ଜଣ ଗୋଟିଏ ଚାରିଚକିଆ ଗାଡ଼ିରେ ତାଙ୍କୁ ଅନୁଧାବନ କରୁଥିଲୁ ।

କେନ୍ଦ୍ର ସରକାରଙ୍କ ଏକ ବିଶାଳ ପରିଯୋଜନା ଅନୁସାରେ ମାଓ ଉପଦ୍ରବ ତଥା ଏ ପର୍ଯ୍ୟନ୍ତ ଡିଜିଟାଲ କନେକ୍ଟିଭିଟିରୁ ଦୂରରେ ଥିବା ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ଅତି ପଛୁଆ ଗ୍ରାମାଞ୍ଚଳରେ '୪-ଜି' ମୋବାଇଲ ସେବା ପହଞ୍ଚାଇବା ପାଇଁ କ୍ଷେତ୍ର ପରିଦର୍ଶନ କ୍ରମରେ ନୂଆପଡ଼ା ଜିଲ୍ଲାର କିଛି ଗ୍ରାମ ସର୍ବେକ୍ଷଣ କରିବା ଏହି ଗସ୍ତର ଉଦ୍ଦେଶ୍ୟ । '୪-ଜି' ସେବା ଆରମ୍ଭ ହେଲେ ଏଭଳି ଅବହେଳିତ ଅଞ୍ଚଳରେ ଡିଜିଟାଲ ବିଭାଜନ ସମାପ୍ତ କରିବା ପାଇଁ ସରକାରଙ୍କ ଏକ ବ୍ୟାପକ ପ୍ରୟାସର ଅଂଶବିଶେଷ ।

ରାସ୍ତାରେ ପଡ଼ିଲା ସୁନାବେଢ଼ା ଗ୍ରାମ । ଏଠିକାର ଆରାଧ୍ୟା ଦେବୀ 'ସୁନାଦେଈ'ଙ୍କ ଏକ ଭବ୍ୟ ମନ୍ଦିର ଏହି ଗ୍ରାମରେ ପ୍ରତିଷ୍ଠିତ । ଶୁଣିଲୁ, ପ୍ରତିବର୍ଷ ଦୁର୍ଗାପୂଜା ସମୟରେ ଦେବୀଙ୍କ ଉଦ୍ଦେଶ୍ୟରେ ହୁଏ 'ଦଶରା ଯାତରା'; ଯାହା ସ୍ଥାନୀୟ ଲୋକଙ୍କ ମୁଖ୍ୟ ଆକର୍ଷଣ ଏବଂ ଖୁବ ଭକ୍ତିରେ, ଜାକଜମକରେ ପାଳନ କରାଯାଏ । ଆମେ ଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରି ଆଗକୁ ବଢ଼ିଲୁ ।

ସୁନାବେଢ଼ା ଅଭୟାରଣ୍ୟ ପୂର୍ବଘାଟ ପର୍ବତମାଳାର ଅଂଶ, ଶୁଷ୍କ ପତ୍ରଝରା ଉଷ୍ଣ କଟିବନ୍ଧିୟ ବଣ ଓ ଅନେକ ଜୈବ-ବିବିଧତାରେ ପରିପୂର୍ଣ୍ଣ । ଏହା ଭିତରେ ପ୍ରାୟ ୬୪ଟି ଗ୍ରାମର ୨୦ ହଜାର ଲୋକ ବସବାସ କରନ୍ତି । ବିଭିନ୍ନ ପ୍ରକାର ବନ୍ୟ ଜୀବଜନ୍ତୁ, ବିସ୍ତୀର୍ଣ୍ଣ ମାଳଭୂମି, ଉପତ୍ୟକା ଏବଂ ମନୋମୁଗ୍ଧକର ଜଳପ୍ରପାତ ଏଠିକାର ବିଶେଷ ଆକର୍ଷଣ । ମହାନଦୀର ଏକ ଉପନଦୀ ଜୋଙ୍କ ନଦୀର ଉତ୍ପତ୍ତି ସ୍ଥଳ ଏହି ଜାଗାରେ । ଇନ୍ଦ୍ର ନାଳା ଓ ଉଦନ୍ତୀ ନଦୀ ବି ଏହାର ଦକ୍ଷିଣ ପଟରୁ ବାହାରିଛି । ଛୋଟବଡ଼ କରି ପ୍ରାୟ ୧୧ଟି ଜଳପ୍ରପାତ ଥିଲେ ବି ତିନୋଟି ପ୍ରମୁଖ ଜଳପ୍ରପାତ ହେଉଛି ଗୋଧାସ୍, ବେନିଆଧାସ୍ ଏବଂ ଖରଲଧାସ୍ । ଏ ଗୁଡ଼ିକର ଦୃଶ୍ୟ ଅତ୍ୟନ୍ତ ମନୋରମ । ସମୟର ସ୍ୱଳ୍ପତାରୁ ଆମେ ଦେଖିପାରିଲୁ କେବଳ ଖରଲଧାସ୍ । ପ୍ରାୟ ୧୫୦ଫୁଟ୍ ତଳକୁ ପାଣି ପଡ଼ିବାର ଦୃଶ୍ୟ ଅବଲୋକନ କରିବା ବାସ୍ତବିକ ଏକ ବିରଳ



ଅନୁଭବ । ଏହାକୁ ସୁନାବେଢ଼ା ଅଭୟାରଣ୍ୟର 'ଗୁପ୍ତଧନ' କହିଲେ ଅତ୍ୟୁକ୍ତି ହେବ ନାହିଁ । ବର୍ଷାଦିନେ ତ ଏହାର ସୌନ୍ଦର୍ଯ୍ୟ ହୋଇଯାଏ ବହୁଗୁଣିତ । ଘର୍‌ଘର୍ ନାଦ କରି ଆବଡ଼ାଖାବଡ଼ା ପଥର ଚଟାଣ ଦେଇ ଉପରୁ ଗଡ଼ି ଆସୁଥିବା ପାଣିଧାର ହଠାତ ଲମ୍ଫ ପ୍ରଦାନ କରେ ୧୫୦ ଫୁଟ ତଳକୁ, ସୃଷ୍ଟି ହୁଏ ଜଳୀୟବାଷ୍ପର ଧୂମ ବଳୟ! ଦୂରକୁ ଦୂରକୁ କେବଳ ଦେଖା ଯାଉଥାଏ ନଦୀର ଗଭୀର ଖାଇ, ହାତୀ ସମାନ ପଥର, ପଥର ଚଟାଣର ପାଚେରୀ, ସୁଉଚ୍ଚ ଜଙ୍ଗଲୀ ବୃକ୍ଷ, ନାନାବିଧ ଲତା, ସବୁଜିମା ଭରା ଉପତ୍ୟକା ଓ ଧାଡ଼ି ଧାଡ଼ି ପାହାଡ଼ ମଥାନ । ଜୀବନରେ କେବେ ନ ଦେଖିଥିଲେ ବି ଭାବିଲି ଆମେରିକାର ନାଏଗ୍ରା ଫଲ୍ କ'ଣ ଏହାଠୁଁ ବେଶି ରମଣୀୟ ହୋଇଥିବ?

ଏହା ବ୍ୟତିରେକ ବାରାସିଂହା ହରିଣ ଓ ବିରଳ ପ୍ରଜାତି ବଣମହିଷୀ ପାଇଁ ଏହି ଅଭୟାରଣ୍ୟଟି ପ୍ରସିଦ୍ଧ । ବାଘ, ଚିତାବାଘ, ଭାଲୁ, ମାଙ୍କଡ଼ ପ୍ରଜାତି ବି ବହୁଳ ପରିମାଣରେ ଦେଖାଯାନ୍ତି । ସେହିପରି ପେଚା, କପୋତ, ଗିଧ, ଇଗଲ ଆଦି ପ୍ରାୟ ଦୁଇଶହ ପ୍ରକାର ପକ୍ଷୀ ପ୍ରଜାତି ବି ଏଠି ଚିହ୍ନଟ କରାହୋଇଛି । ଏହାକୁ ଏକ 'ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର' କରିବା ପାଇଁ ପ୍ରସ୍ତାବ ନୀତିଗତ ଦୃଷ୍ଟିରୁ ନ୍ୟାସନାଲ ଟାଇଗର କନଜର୍ଭେସନ୍ ଅଥରିଟିଙ୍କ ମଞ୍ଜୁରି ମିଳିସାରିଛି, ଆଇନଗତ ଭାବେ ସରକାରୀ ଘୋଷଣାନାମା ପରେ ପ୍ରକାଶ ପାଇବ ବୋଲି ଜାଣିଲୁ । ଏମିତି ହେଲେ ଅଭୟାରଣ୍ୟର କଳେବର ଆହୁରି ବୃଦ୍ଧି ପାଇ ପ୍ରାୟ ୯୫୭ ବର୍ଗ କିମି ହେବ ।

ନୂଆପଡ଼ା ଜିଲ୍ଲା ସଦର ମହକୁମାର ପଶ୍ଚିମରେ ସୁନାବେଢ଼ା ଅଭୟାରଣ୍ୟରୁ ଜୋଙ୍କ ନଦୀ ବାହାରି ଉତ୍ତର ଦିଗକୁ ଗତି କରି ଇତିହାସର ସନ୍ତକ ମାରାଗୁଡ଼ା ଉପତ୍ୟକାରେ ପ୍ରବେଶ କରି ଖଡ଼ିଆଳ ରୋଡ୍ ପରେ ସୌରୀନାରାୟଣଠାରେ ମହାନଦୀରେ ମିଶିଛି । ମାରାଗୁଡ଼ା ସଭ୍ୟତା ଅତି ପ୍ରାଚୀନ, ଚତୁର୍ଥ-ସପ୍ତମ ଶତାବ୍ଦୀର ବୋଲି ଇତିହାସ କହେ । ମହେଞ୍ଜୋଦାରୋ-ହରପ୍ପା ପରି ଏହା ଧନୀ, ସମୃଦ୍ଧ ଓ ଐତିହ୍ୟ ସମ୍ପର୍ଣ୍ଣ । ପ୍ରତ୍ନତାତ୍ତ୍ୱିକ ଖନନରେ ପ୍ରସ୍ତର ଯୁଗର ଟାଙ୍ଗିଆ ଆବିଷ୍କୃତ ହୋଇଛି । ଏକଦା ଶତବହାନ, କଳାଚୁରି, ସୋମବଂଶୀ, ପାଣ୍ଡୁବଂଶୀ, କୁଶାଣ, ସଭରପୁରୀୟ ଓ ଚୌହାନ ବଂଶର ରାଜାମାନେ ଏଠି ଶାସନ କରୁଥିଲେ । ଏଠାରେ ଶୈବ, ଶାକ୍ତ ବୌଦ୍ଧ, ଜୈନ, ବୈଷ୍ଣବ ଆଦି ପରମ୍ପରା ଚାଲୁଥିଲା ବୋଲି ଇତିହାସରେ ବର୍ଣ୍ଣିତ । ରାଜ୍ୟ ଓ ରାଜାମାନେ ଧନୀ, ସମୃଦ୍ଧ ଓ ସ୍ୱର୍ଣ୍ଣମୁଦ୍ରାର ପ୍ରଚଳନ ଥିବା ପ୍ରତ୍ନତାତ୍ତ୍ୱିକ ଖନନରୁ ପ୍ରମାଣିତ ହୋଇଛି । ୧୯୭୪-୮୪ ମଧ୍ୟରେ ହୋଇଥିବା ଏହି ପ୍ରତ୍ନତାତ୍ତ୍ୱିକ ଖନନରୁ ରାଜାମହଲ, ରାଣୀ ମହଲ, ରାଜଦରବାରର ଧ୍ୱଂସାବଶେଷ ଆଜି ସେହି ସ୍ୱର୍ଣ୍ଣିମ ଇତିହାସର ମୂକସାକ୍ଷୀ ପାଲଟିଛି । ଏହା କୋଶଳ ରାଜ୍ୟର ରାଜଧାନୀ ଥିଲା ବୋଲି ଐତିହାସିକ ତଥ୍ୟ ମିଳିଛି । ୬୩୦ରୁ ୬୪୫ ମସିହାରେ ଭାରତ ଭ୍ରମଣ କରିଥିବା ଚୀନ୍ ପରିବ୍ରାଜକ ହୁଏନସାଂ ଏହି ସହରକୁ 'କୋଶଳ ସାମ୍ରାଜ୍ୟର ରାଜଧାନୀ' ରୂପେ ବର୍ଣ୍ଣନା କରିଛନ୍ତି । ବର୍ତ୍ତମାନ କିନ୍ତୁ ଏହି ମାରାଗୁଡ଼ା ସଭ୍ୟତାର ଅଧିକାଂଶ ଭଗ୍ନାବଶେଷ ପତୋରା ଅପର୍ ଜୋଙ୍କ ପ୍ରୋଜେକ୍ଟରେ ଜଳ ସମାଧିରେ ଅସ୍ତିତ୍ୱ ହରାଇବା ଉପରେ, ବାକି ଯାହା ରହିଛି ତା'ର ଗବେଷଣା ଓ ସଂରକ୍ଷଣ ଅତ୍ୟନ୍ତ ଜରୁରି ।

ଆଜିର ୧୧ଟି ଜିଲ୍ଲାକୁ ନେଇ କୁହାଯାଉଥିବା ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର କିଛି ଅଂଶ ଏକଦା ଏହି କୋଶଳ ରାଜ୍ୟର ଅଂଶ ଥିଲା । ମହାନ ଏହାର ସଭ୍ୟତା, ସଂସ୍କୃତି ଓ ଭାଷା । ଖରିଆରରେ ଜନ୍ମିତ ପ୍ରଖ୍ୟାତ ବିଦ୍ୱାନ, ଭାଷାବିତ୍, ଗବେଷକ ତଥା 'କୋଶଳୀ ଭାଷାର ଜନକ' ହିସାବରେ ଲୋକପ୍ରିୟ ପ୍ରୟାଗ ଦତ୍ତ ଯୋଶୀ ଏହି ଅଞ୍ଚଳରେ କଥିତ ସମ୍ବଲପୁରୀ ବା କୋଶଳୀ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେଇ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବାକୁ ପ୍ରଥମେ ୧୯୮୬ ମସିହାରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେଇଥିଲେ । ଏହି ଭାଷାର ଅନେକ ଚମତ୍କାର ଶବ୍ଦ ଓଡ଼ିଆ ଅଭିଧାନରେ ସମାବେଶିତ କଲେ ଆମର ଓଡ଼ିଆ ଭାଷା ଆହୁରି ସମନ୍ୱିତ, ଆଦୃତ ଓ ସଶକ୍ତ ହେବ ବୋଲି ଅନେକ ବୁଦ୍ଧିଜୀବୀଙ୍କ ମତ ।

ସୌନ୍ଦର୍ଯ୍ୟ, ଜୈବବିବିଧତା ଓ ଐତିହ୍ୟର ଗନ୍ତାଘର ସୁନାବେଢ଼ା ଅଭୟାରଣ୍ୟ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀର ସଂପୂର୍ଣ୍ଣ ସମ୍ଭାବନା ଥିଲେ ବି ରହିଯାଇଛି ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକମାନଙ୍କ ଦୃଷ୍ଟି ଉହାଡ଼ରେ, ଅଗୋଚରରେ । ସବୁଦୁନିଆ ରାସ୍ତାଘାଟ, ଗମନାଗମନ, ଦୋକାନ ବଜାର, ଖାଇବା ଓ ରହିବା ପାଇଁ ହୋଟେଲ ବ୍ୟବସ୍ଥା, ପ୍ରକୃତି ନିବାସ, ଜୀବଜନ୍ତୁକୁ ରାତିରେ ଦେଖିବା ପାଇଁ ୱାଚ୍ ଟାୱାର, ଯାତ୍ରୀଙ୍କ ସୁରକ୍ଷା ଆଦି ସର୍ବନିମ୍ନ ଆବଶ୍ୟକତାର ଭିତ୍ତିଭୂମି ସଜଡ଼ା ଗଲେ ନିଶ୍ଚିତ ଭାବେ ପର୍ଯ୍ୟଟକ ଆକୃଷ୍ଟ ହେବେ । ଏ ବାବଦରେ ପ୍ରଶାସନ ସହିତ ସ୍ଥାନୀୟ ଲୋକଙ୍କ ସହଯୋଗ, ସାମାଜିକ ଓ ଗଣମାଧ୍ୟମର ପ୍ରଚାର ଓ ପ୍ରସାର ବି ନିହାତି ଆବଶ୍ୟକ । ସେହିପରି ବ୍ୟାପକ ଜଙ୍ଗଲ ନିଆଁ ଓ ଜଙ୍ଗଲଜାତ ଦ୍ରବ୍ୟ ଚୋରାଚାଲାଣ, ଅବାଧ ବନ୍ୟପ୍ରାଣୀ ଶିକାର, ଅନଧିକାର ଜମି ଅଧିଗ୍ରହଣ, ଅବୈଧ ବସ୍ତି ନିର୍ମାଣ, ସନ୍ଦେହଜନକ ନକ୍ସଲ୍ ଗତିବିଧି ବିରୁଦ୍ଧରେ ନିର୍ଣ୍ଣାୟକ ପଦକ୍ଷେପ ଓ ବିପୁଳ ଜନ ସଚେତନତାର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ ।

ଅସ୍ତାଚଳଗାମୀ ସୂର୍ଯ୍ୟ ପଶ୍ଚିମ ଆକାଶରେ ମନୋରମ ବର୍ଣ୍ଣ ଛିଟା ପ୍ରସ୍ତୁତ କରୁଥିଲେ । ପାହାଡ଼ ସନ୍ଧିରୁ ନିଗିଡ଼ି ଆସୁଥିବା ମନ୍ଦ ମନ୍ଦ ହେମାଳ ପବନରେ ଶିହରି ଉଠୁଥିଲା ଦେହ । ନୀଡ଼ଫେରନ୍ତା ପକ୍ଷୀମାନଙ୍କ କିଚିରିମିଚିରି ସ୍ୱର ଓ ପରସ୍ପର ଛନ୍ଦାଛନ୍ଦି ବୃକ୍ଷଲତାର ଦୋଳାୟମାନ ଶାଖା ପ୍ରଶାଖା ସୃଷ୍ଟି କରୁଥିଲା ଏକ ବିଦାୟୀ ସଂଗୀତର ସରଗମ୍ । 'ସନ୍ଧ୍ୟା ହେବା ଆଗରୁ ଏ ଭିତରୁ ବାହାରି ଯିବା ଉଚିତ ହେବ ଆଜ୍ଞା' - ସୁରକ୍ଷା ଯବାନ ଅଧିକାରୀ ଚେତେଇଦେଲେ ।

ସନ୍ଧ୍ୟା ନଇଁ କ୍ରମେ ଘୋର ଅନ୍ଧକାରର ଶୀତଳ ଗ୍ରାସରେ ଅଦୃଶ୍ୟ ହୋଇ ଯାଉଥିଲା ସୁନାବେଢ଼ା ଅଭୟାରଣ୍ୟ; ଅପେକ୍ଷା କରୁଥିଲା ଅନେକ ସମ୍ଭାବନାର ପ୍ରତିଶ୍ରୁତି ଭରା ଗୋଟିଏ ନୂତନ ସୂର୍ଯ୍ୟୋଦୟକୁ!!

ପରାମର୍ଶଦାତା, ଦୂରସଞ୍ଚାର ବିଭାଗ,
ଭାରତ ସରକାର, ଭୁବନେଶ୍ୱର
ମେଲ୍- pkmoha63@yahoo.co.in
ମୋ. - ୯୪୩୭୫୭୮୩୧୧

# ଭାରତୀୟ ଗଣତନ୍ତ୍ର ଓ ଆମ୍ବେଦକର

ଡ. ମାନସ ବେହେରା

ଭାରତର ଗଣତନ୍ତ୍ରକୁ ଶକ୍ତିଶାଳୀ, ବ୍ୟାପକ ଓ ଗଭୀର କରିବା ପାଇଁ ଯେଉଁମାନଙ୍କର ଅବଦାନ ରହିଛି, ସେମାନଙ୍କ ମଧ୍ୟରୁ ଡକ୍ଟର ଭୀମ ରାଓ ଆମ୍ବେଦକର ଅନ୍ୟତମ । ସଂପ୍ରତି ଦେଶର ସବୁ ବିଚାରଧାରାର ଲୋକେ-ଉଦରବାଦୀଠାରୁ ରକ୍ଷଣଶୀଳ ପର୍ଯ୍ୟନ୍ତ, ବାମପନ୍ଥୀଠୁ ଦକ୍ଷିଣପନ୍ଥୀ ପର୍ଯ୍ୟନ୍ତ, ତାଙ୍କର ଜୟଗାନ କରୁଛନ୍ତି । ଏହା ତାଙ୍କ ଆଦର୍ଶ ଓ ବିଚାରର ଶକ୍ତି ତଥା ସାଂପ୍ରତିକ ପରିସ୍ଥିତିରେ ତାହାର ପ୍ରାସଙ୍ଗିକତାକୁ ପ୍ରତିଫଳନ କରୁଛି । ଆଜି ଆମ ଦେଶର ଗଣତନ୍ତ୍ର ଓ ଗଣତାନ୍ତ୍ରିକ ପକ୍ରିୟା ବିଭିନ୍ନ କାରଣରୁ ସଙ୍କଟ ଗ୍ରସ୍ତ । ଏପରି ସ୍ଥିତିରେ ଆମ୍ବେଦକରଙ୍କ ବିଚାର ଓ ସଂଘର୍ଷ ତାଙ୍କ ସମୟଠୁ ଅଧିକ ପ୍ରାସଙ୍ଗିକ ଅଟେ । ଭାରତୀୟ ସମାଜର ବସ୍ତୁଗତ ଅବସ୍ଥାକୁ ନେଇ ସେ ଗଣତନ୍ତ୍ରର ବିକାଶ ପାଇଁ ସୃଜନଶୀଳ ଅବଦାନ ରଖିଛନ୍ତି । ଯେଉଁମାନେ ଅତୀତରେ ତାଙ୍କୁ ତୀବ୍ର ସମାଲୋଚନା କରି 'ମିଥ୍ୟା ଭଗବାନ'ର ଆଖ୍ୟା ଦେଇଥିଲେ, ସେମାନେ ଆଜି ତାଙ୍କୁ କୋଳେଇ ନେଉଛନ୍ତି । ଏଣୁ ଭାରତରେ ଗଣତନ୍ତ୍ର ଓ ଏହାର ସୁରକ୍ଷା ପାଇଁ ତାଙ୍କ ବିଚାରର ଆଜି ଆବଶ୍ୟକତା ଅଛି ।

ଆମ୍ବେଦକରଙ୍କ ମତରେ ଗଣତନ୍ତ୍ର ଗତିଶୀଳ, ସ୍ଥିର ନୁହେଁ । ଏହା କେବଳ ଏକ ସରକାରର ରୂପରେଖରେ ସୀମିତ ନୁହେଁ । ସାଧାରଣ ମଣିଷର ସାମାଜିକ-ଅର୍ଥନୈତିକ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଏହା ଏକ ଶାନ୍ତିପୂର୍ଣ୍ଣ ବ୍ୟବସ୍ଥା । ଗଣତନ୍ତ୍ରର ସଫଳତା ପାଇଁ ସେ ବିଭିନ୍ନ ଉପାଦାନ କଥା ଉଲ୍ଲେଖ କରିଛନ୍ତି ଯଥା ସମାନତା, ଶକ୍ତିଶାଳୀ ବିରୋଧୀପକ୍ଷ, ଆଇନ ଓ ପ୍ରଶାସନର ନିରପେକ୍ଷ କାର୍ଯ୍ୟକାରିତା ଓ ସାମ୍ବିଧାନିକ ନୈତିକତା ତଥା ସଂଖ୍ୟାଲଘୁ ନିରାପତ୍ତା । ତାଙ୍କ ମତରେ ସାମାଜିକ ବିବେକ ଓ ନୈତିକ ଶୃଙ୍ଖଳା ଗଣତନ୍ତ୍ରର ସମ୍ପ୍ରସାରଣ ପାଇଁ ଏକାନ୍ତ ଜରୁରୀ । ସାମାଜିକ ବିବେକର ସଂଜ୍ଞା ନିର୍ଦ୍ଧାରଣ କରିବାକୁ ଯାଇ ସେ କହିଛନ୍ତି, ପ୍ରତ୍ୟେକ ଅନ୍ୟାୟ ବିରୋଧରେ ଯେଉଁ ବିବେକ ଆନ୍ଦୋଳିତ ହୁଏ ଓ ନିଜେ ଅନ୍ୟାୟର ଶିକାର ବିରୋଧରେ ମଧ୍ୟ ପ୍ରତିବାଦ କରିବାକୁ ଆଗଭର ହୁଏ, ତାକୁ ସାମାଜିକ ବା ସାଧାରଣ ବିବେକ କୁହାଯାଏ । ଏହା ବିନା ଗଣତନ୍ତ୍ର ଖଣ୍ଡବିଖଣ୍ଡିତ ହୋଇଯିବ । ଗଣତନ୍ତ୍ର ପ୍ରତି ଏହା ତାଙ୍କର ବୈପ୍ଳବିକ ଦୃଷ୍ଟିଭଙ୍ଗୀ । ସଂପ୍ରତି ବିଶ୍ୱବ୍ୟାପୀ ଜନଗଣ



ବିମୁଖୀତର ଶିକାର ହେଉଛନ୍ତି, ଯାହା ଗଣତନ୍ତ୍ର ପାଇଁ ବିପଦଜନକ । ଜଗତୀକରଣ ଯୁଗରେ ଆଜି ମଣିଷ ସାଧାରଣ ସମସ୍ୟାଠାରୁ ଦୂରେଇ ଯାଉଛି । ଏ ପରିପ୍ରେକ୍ଷୀରେ ତାଙ୍କ ବିଚାର ପ୍ରାସଙ୍ଗିକ ।

ଆମ୍ବେଦକରଙ୍କ ଗଣତନ୍ତ୍ର ସାମ୍ବିଧାନିକ ବ୍ୟବସ୍ଥା ଉପରେ ପର୍ଯ୍ୟବସିତ । କାରଣ ସମାଜର ସବୁଠାରୁ ଶୋଷିତ ଓ ବଞ୍ଚିତମାନଙ୍କ ପାଇଁ ବ୍ୟବସ୍ଥାରେ ସ୍ଥାନ ସୃଷ୍ଟି କରିବା ଏହାର ଲକ୍ଷ୍ୟ । ଗଣତନ୍ତ୍ରର ସାମାଜିକ ଓ ଅର୍ଥନୀତିକ ଭିତ୍ତି ଗଭୀର ଓ ବ୍ୟାପକ ନହେଲେ, ରାଜନୀତିକ ଗଣତନ୍ତ୍ର ତିଷ୍ଠିପାରିବ ନାହିଁ ବା ତିଷ୍ଠି ରହିଲେ ମଧ୍ୟ ସୀମିତ ହୋଇ ରହିବ । ୧୯୪୬ ମସିହାରେ ସମ୍ବିଧାନର ଲକ୍ଷ୍ୟ ସମ୍ପର୍କିତ ପ୍ରସ୍ତାବ ଉପରେ ନିଜର ମତ ରଖି ସେ କହିଥିଲେ ଯେ ଶିଳ୍ପ ଓ ଜମିର ଜାତୀୟକରଣ ବିନା ଦେଶରେ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ସମ୍ଭବ ନୁହେଁ । ଏଥିପାଇଁ ଏକ ସମାଜବାଦୀ ଅର୍ଥବ୍ୟବସ୍ଥା ଆବଶ୍ୟକ । ସାମାଜିକ ଓ ଅର୍ଥନୈତିକ ସମାନତା ବିନା ରାଜନୈତିକ ସମାନତା ମଧ୍ୟ ସମ୍ଭବ ନୁହେଁ । ସଂସଦୀୟ ଗଣତନ୍ତ୍ର ଅର୍ଥନୈତିକ ଅସମାନତା ଓ ଶୋଷଣକୁ ବିଚାରକୁ ନେଇ ନଥାଏ ଓ ଏହା ହିଁ ଏହାର ଦୁର୍ବଳତା ବୋଲି ସେ ମତବ୍ୟକ୍ତ କରିଥିଲେ । ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଜୀବକୋଷ ପରି । ଏହା ଯେତେ ଶକ୍ତିଶାଳୀ ହେବ, ଗଣତନ୍ତ୍ରର ଶରୀର ସେତେ ସବଳ ହେବ । ସେ ଉଭୟ ସ୍ୱାଧୀନତା ଓ ସମାନତା ଉପରେ ସମାନ ଗୁରୁତ୍ୱାରୋପ କରିଛନ୍ତି । ସମାନତା ଅନୁପସ୍ଥିତିରେ ଅର୍ଥନୈତିକ ଭାବେ ଶକ୍ତିଶାଳୀ ଶ୍ରେଣୀ ମଧ୍ୟ ରାଜନୈତିକ ଭାବେ ଶକ୍ତିଶାଳୀ ହେବ ଓ ଶାସନ ଗାଦିରେ ବସିବା କେବଳ ଗଣତନ୍ତ୍ର ଚାଦର ଖଣ୍ଡେ ଘୋଡ଼ାଇ ହେବ । ଆଜିର ଜଗତୀକରଣ ଯୁଗରେ ଅର୍ଥନୈତିକ ଅସମାନତା ଅତ୍ୟାଚାରୀ ଅଟେ ଓ ଶ୍ରମିକମାନେ ଏହାର ଶିକାର । ଭାରତରେ ଶ୍ରମିକ ଶ୍ରେଣୀ ମୁଖ୍ୟତଃ ଦଳିତବର୍ଗର ଓ ସେମାନେ ଉଭୟ ଜାତିଗତ ଓ ଶ୍ରେଣୀଗ ଉତ୍ପୀଡ଼ନର ଶିକାର । ଏଥିପାଇଁ ଶ୍ରମିକମାନଙ୍କୁ ଆହ୍ୱାନ ଦେଇ ସେ କହିଥିଲେ ଯେ ରାଜା, ରାଣୀଙ୍କ କାହାଣୀ ନ ପଢ଼ି କମ୍ୟୁନିଷ୍ଟ ଇସ୍ତାହାର ଆଦି ପୁସ୍ତକ ପଢ଼ନ୍ତୁ । ସେହିପରି ନାରୀମାନେ ନିଜର ସ୍ୱାମୀମାନଙ୍କର କ୍ରୀତଦାସ ନହୋଇ ସମାନତା ଅର୍ଜନ କରନ୍ତୁ ବୋଲି ସେ କହିଥିଲେ । ସେମାନେ ଅଧିକରୁ ଅଧିକ ରାଜନୈତିକ ଓ ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ । କାରଣ ପିତୃତନ୍ତ୍ର ଗଣତନ୍ତ୍ର ବିରୋଧୀ । ଘର ଭିତରେ ଗଣତନ୍ତ୍ର ନଥାଇ ସଂସଦ ରହିଲେ ଗଣତନ୍ତ୍ର ସଫଳ ହେବେ ନାହିଁ ।

ଫାଶୀବାଦର ସେ ତୀବ୍ର ବିରୋଧୀ ଥିଲେ ଓ ଏହା ଗଣତନ୍ତ୍ରର ସର୍ବବୃହତ୍ ଶତ୍ରୁ ବୋଲି ସେ କହୁଥିଲେ । ଏହାର ବିଜୟ ହେଲେ ପୃଥିବୀରୁ ଗଣତନ୍ତ୍ର ଧ୍ୱଂସ ହୋଇଯିବ । ଏଥିପାଇଁ ଏହା ବିରୁଦ୍ଧରେ ଆଗେଇ ଆସିବାକୁ ସେ ସବୁ ଭାରତୀୟଙ୍କୁ ଆହ୍ୱାନ ଦେଇଥିଲେ । ଜାତିପ୍ରଥା ଥାଇ ଗଣତନ୍ତ୍ର ସଫଳ ହେବେନାହିଁ ବୋଲି ତାଙ୍କର ବିଶ୍ୱାସ ଥିଲା । ଜାତିପ୍ରଥା କେବଳ ରାଷ୍ଟ୍ରଦ୍ୱାରା ଧ୍ୱଂସ ହୋଇପାରିବ ନାହିଁ । ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ସେ ନିଜ ଜୀବନକୁ ସମ୍ପୃକ୍ତ ଉତ୍ସର୍ଗୀକୃତ କରିଥିଲେ । କାରଣ ଦେଶରେ ସମାନତା, ମାନବୀୟ ମର୍ଯ୍ୟାଦା ଓ ଗଣତନ୍ତ୍ର ପାଇଁ ଏହା ଜରୁରୀ । ଶୋଷଣ ଓ ଅତ୍ୟାଚାରରୁ ମୁକ୍ତି ଏହି ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ଯଦି ସମାଜ ଗଣତାନ୍ତ୍ରିକ ହେବ, ତାହେଲେ ପ୍ରତ୍ୟକ ବ୍ୟକ୍ତିର ପ୍ରତିଭା ଉନ୍ମୋଚିତ ହେବାରେ ସୁଯୋଗ ମିଳିବ । ଏହାକୁ ଜାତି, ଧର୍ମ, ଲିଙ୍ଗ ଆଦି ନାଁରେ ସୀମିତ କରିବା ଅର୍ଥ ଗଣତନ୍ତ୍ରକୁ ସୀମିତ କରିବା । ତାଙ୍କ ମତରେ ଅସମାନତା ଗଣତନ୍ତ୍ରର ମୃତ୍ୟୁର କାରଣ । ଆଜି ଜଗତୀକରଣ ସମୟରେ ଯେତେବେଳେ ଅର୍ଥନୈତିକ ଅସମାନତା ତୀବ୍ର ଓ ବର୍ବର, ଯେତେବେଳେ ଆମ୍ବେଦକର ଅଧିକ ପ୍ରାସଙ୍ଗିକ । ସାମ୍ବିଧାନିକ ନୈତକତା ବିନା ଗଣତନ୍ତ୍ର ସଫଳ ହେବ ନାହିଁ । କ୍ଷମତାରେ ଥିବା ଲୋକମାନେ ଏହାର ଅପବ୍ୟବହାର ନକରିବା ଉଚିତ ବୋଲି ସେ କହିଥିଲେ । ଭାରତୀୟ ସମ୍ବିଧାନର ବାର୍ତ୍ତା ଓ ଦର୍ଶନକୁ ବଜାୟ ରଖିବା ଓ ଶକ୍ତିଶାଳୀ କରିବା ଦେଶର ଗଣତନ୍ତ୍ର ପାଇଁ ପ୍ରାକ୍-ସର୍ତ୍ତ । ଏ ଦିଗରେ କାର୍ଯ୍ୟ କରିବା ତାଙ୍କ ପାଇଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ମୋ.- ୮୭୬୩୯୯୧୭୭୯



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

### କାକବନ୍ଧ ଆଶ୍ରମ ସ୍କୁଲରେ ଛାତ୍ରଛାତ୍ରୀ ଅସୁସ୍ଥ ଘଟଣା

# ବିଷାକ୍ତ ଖାଦ୍ୟ ଖାଇ ଚିକିତ୍ସାଧୀନ ଛାତ୍ରୀଙ୍କ ମୃତ୍ୟୁ

ବାରିପଦା,୧୪।୪(ସମିସ): ରାସଗୋବିନ୍ଦପୁର ବ୍ଲକ୍‌ର କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରଛାତ୍ରୀ ଅସୁସ୍ଥ ଘଟଣା ମଙ୍ଗଳବାର ବିସ୍ଫୋରକ ରୂପ ନେଇଛି। ପିଆରଏମ ହସ୍ପିଟାଲରେ ଚିକିତ୍ସାଧୀନ ଗୁରୁତର ଛାତ୍ରୀଙ୍କ ମୃତ୍ୟୁକୁ ନେଇ ବିଜେଡି ସମେତ କଂଗ୍ରେସ, ଜେଏମଏମ ଓ ମାସାଆର୍ମି ପକ୍ଷରୁ କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱରେ ହସ୍ପିଟାଲ ସମ୍ମୁଖରେ ମୃତଦେହ ରଖି ପ୍ରତିବାଦ କରାଯାଇଛି।

କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ୧୫୨ଜଣ ଛାତ୍ରଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଅସୁସ୍ଥ ପିଲାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ଗୁରୁତର ୬୦ଜଣଙ୍କୁ ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆଇସିୟୁରେ ଚିକିତ୍ସାଧୀନ ଥିବା ପଞ୍ଚମ ଶ୍ରେଣୀ ଛାତ୍ରୀ ତଥା ନଳଗଜା ପଞ୍ଚାୟତ ଲୁଣଚାଟି ଗ୍ରାମର ଦୁର୍ଗା ବେସ୍ରାଙ୍କ ଝିଅ ରୁପାଲି (୧୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତେବେ ମୃତ୍ୟୁ ପରେ ଖବର ନଦେଇ ରୁପାଲିର ମୃତଦେହକୁ ତା' ଗାଁକୁ ପଠାଇବା ବ୍ୟବସ୍ଥା କରାଯାଉଥିଲା। ଏହାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା। ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେଡି ପକ୍ଷରୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ପରିବାରଲୋକଙ୍କୁ ପ୍ରଦାନ ଓ ଜିଲ୍ଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ସହ ଗିରଫ ପାଇଁ ଦାବି କରାଯାଇଥିଲା।

ଆନ୍ଦୋଳନ ପ୍ରଦର୍ଶନ ସହ ହସ୍ପିଟାଲ ପରିସରରେ ବିଜେଡି ନେତା ଓ କର୍ମୀ ବିଜେପି ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ଘଟଣାସ୍ଥଳରେ ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, କରଞ୍ଜିଆ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା ପ୍ରମୁଖ ପହଞ୍ଚି ବୁଝାସୁଝା କରିଥିଲେ। କିନ୍ତୁ, ଦାବି ପୂରଣ ନହେବା



ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଥିଲା। ପରେ ବିଜେଡି ଓ ଅନ୍ୟ ଦଳର ନେତୃମଣ୍ଡଳୀ ଆଲୋଚନା କରିଥିଲେ। ଦାବି ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ, ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଲକ୍ଷ ଓ ଆଦିବାସୀ ଜାତି, ଜନଜାତି ଓ ସଂଖ୍ୟାଲଘୁ ଉନ୍ନୟନ ବିଭାଗ ପକ୍ଷରୁ ୨ଲକ୍ଷ ମିଶାଇ ମୋଟ ୭ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରାଯିବା ସହ ଚାକିରି ପ୍ରଦାନ କରିବା ପ୍ରତିଶ୍ରୁତି ଦେଇଥିଲେ। ଏଥିସହ କାକବନ୍ଧ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଅନ୍ୟମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା।

ବିଜେଡି ଜିଲ୍ଲା ସଭାପତି ଶ୍ରୀ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ,

- ବିଜେଡି ପକ୍ଷରୁ କ୍ଷତିପୂରଣ ଦାବି
- ପିଆରଏମ ହସ୍ପିଟାଲ ସମ୍ମୁଖରେ ମୃତଦେହ ରଖି ପ୍ରତିବାଦ
- ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଚରମ ଅବହେଳା: ସୁଦାମ

ପୂର୍ବତନ ସଭାପତି ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସମାଜସେବୀ ଅମର ସେଠୀ, ଲଲାଟେନ୍ଦୁ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗାପ୍ରସାଦ ମାର୍ଣ୍ଡି, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ସୁନୀଲ ନାୟକ, ଆଶୀର୍ବାଦ ବେହେରା, କଂଗ୍ରେସର ପ୍ରଭାସ କରମହାପାତ୍ର, ଜେଏମଏମର କୃଷ୍ଣଚନ୍ଦ୍ର ଦାସ ଓ ମାସାଆର୍ମୀର ସୁକଲାଲ ମାରାଣ୍ଡି, ମାରିସାର ଅର୍ଜ୍ଜୁନ ମୁର୍ମୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଆଇଏଏସ ଅଧିକାରୀ ଆରାଧନାଙ୍କ ବିରୋଧରେ ଠକେଇ ଅଭିଯୋଗ ଘଟଣା

# ଜାତୀୟ ମାନବାଧିକାର କମିଶନରେ ମାମଲା

କଟକ,୧୪।୪(ସମିସ): ଓଡ଼ିଶା କ୍ୟାଡର୍‌ର ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ଆରାଧନା ଦାସଙ୍କ ବିରୋଧରେ ଥାନାରେ ହୋଇଥିବା ଠକେଇ ଅଭିଯୋଗ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ୍ (ଏନ୍‌ଏଚ୍‌ଆର୍‌ସି)ରେ ମାମଲା ରୁଜୁ ହୋଇଛି। ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କଠାରୁ ୯୫ଲକ୍ଷ ଟଙ୍କା ଠକେଇ କରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେବା ନେଇ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଆରାଧନାଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସୂଚନାଧିକାର କର୍ମୀ ଜୟନ୍ତ କୁମାର ଦାସଙ୍କ ପକ୍ଷରୁ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରାଯାଇଛି। ପୁଲିସ ତଦନ୍ତରୁ ଆର୍ଥିକ କାରବାରର ପ୍ରମାଣ ମିଳିଥିଲେ ମଧ୍ୟ ଜଣେ ପ୍ରଭାବଶାଳୀ ବ୍ୟୁରୋକ୍ରାଟ୍ ହୋଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ଗୃହ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗ ଅନୁମତି ପ୍ରଦାନ କରୁନାହାନ୍ତି। ଓଡ଼ିଶା ସରକାର ଜଣେ ଅଭିଯୁକ୍ତ ଆଇଏଏସ୍ ଅଧିକାରୀଙ୍କୁ ସୁରକ୍ଷା ଦେଉଥିବା ଆବେଦନକାରୀ ସୂଚନାଧିକାର କର୍ମୀ ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଏହି ଠକେଇ ମାମଲାର ତଦନ୍ତ ଏକ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା କରିବା, ପୀଡ଼ିତ ଭିନ୍ନକ୍ଷମ ଓ ତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ, ଅଭିଯୁକ୍ତ ଆଇଏଏସ୍ ଅଧିକାରୀଙ୍କୁ ନିଲମ୍ବିତ କରିବା ସହ ତାଙ୍କ ବିରୋଧରେ ମାମଲା ଚଳାଇବାକୁ ଅନୁମତି ପ୍ରଦାନ କରିବା ସହ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରାର୍ଥନା କରିଛନ୍ତି ଆବେଦନକାରୀ। ମାମଲାରୁ ପ୍ରକାଶ ଯେ କଟକ ସିଡିଏ ଅଞ୍ଚଳରେ ଜମି ଯୋଗାଇଦେବା ଆଳରେ ଆଇଏଏସ୍ ଅଧିକାରୀ ଆରାଧନା ଭୁବନେଶ୍ୱର ଶୈଳଶ୍ରୀବିହାର ଅଞ୍ଚଳର ୫୮ବର୍ଷୀୟ ଭିନ୍ନକ୍ଷମ କମଳ କୁମାର ଭାବସିଂକାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୯୫ଲକ୍ଷ ଟଙ୍କା ହଡ଼ପ କରିଥିବା ନେଇ କଟକ ସିଡିଏ ଫେଜ୍-୨ଥାନାରେ ଗତ ଫେବୃଆରୀ ୫ରେ ଏକ ମାମଲା ରୁଜୁ ହୋଇଥିଲା।

### ଭାରତରତ୍ନ ଡ. ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

# ଆମ୍ବେଦକର ଏକ ନାମ ନୁହେଁ, ଏକ ବିଚାରଧାରା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୪(ସମିସ): ଆମ୍ବେଦକର କେବଳ ଏକ ନାମ ନୁହେଁ, ଏହା ଏକ ବିଚାରଧାରା, ଯାହା ସମାନତାର ପଥ ପ୍ରଦର୍ଶନ କରେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତରତ୍ନ ବାବା ସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ

**ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ନିର୍ମାଣ ହେବ ଆମ୍ବେଦକର ଭବନ**

ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଖାରବେଳ ନଗରଠାରେ ଖୁବ୍‌ଶୀଘ୍ର ଆମ୍ବେଦକର ଭବନ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ ସାଧାରଣ ପ୍ରଶାସନ ବିଭାଗକୁ ଏହାର ଡିପିଆର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ଆମ୍ବେଦକରଙ୍କ ଜୀବନ ସଂଘର୍ଷ ଓ ଶିକ୍ଷା ପ୍ରତି ତାଙ୍କର ନିଷ୍ଠାକୁ ଉଲ୍ଲେଖ କରି କହିଛନ୍ତି ଯେ ବାବା ସାହେବ ସମାଜରେ ସମାନତା ଆଣିବା ପାଇଁ ଜୀବନଭରି ଲଢ଼େଇ କରିଥିଲେ। ଭାରତୀୟ ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ




ଅଧିକାର ଓ ନ୍ୟାୟ ଦେଇଛି। ସମତା ଓ ନ୍ୟାୟଭିତ୍ତିକ ସମାଜ ଗଠନ ହିଁ ବାବା ସାହେବଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ବିଭୁପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ଆଜାଦନଗର ବୋମା ବିସ୍ଫୋରଣ ମାମଲା

# ଦିଲ୍ଲୀରୁ ଆର୍‌ଡିଏକ୍ସରେ ବ୍ୟବହୃତ ଉପାଦାନ ଆଣୁଥିଲା ମଫି

ଭୁବନେଶ୍ୱର, ୧୪।୪ (ସମିସ): ଏୟାରଫିଲ୍ଡ ଥାନା ଆଜାଦନଗର ବୋମା ବିସ୍ଫୋରଣ ମାମଲାରେ ସେହନୱାଜ୍ ମଲ୍ଲିକ ଓରଫ୍ ମଫିର ବାନ୍ଧବୀ ଓ ସହଯୋଗୀ ଅମୀୟ ମଲ୍ଲିକକୁ ଏନ୍‌ଆଇଏ ମାରାଥନ୍ ଜେରା କରିଛି। ଜେରା ବେଳେ ଦୁହିଁଙ୍କୁ ବିସ୍ଫୋରଣ ସମ୍ପର୍କରେ ଗୁଡ଼େଇତୁଡ଼େଇ ପ୍ରଶ୍ନ କରିଛି। ସେମାନଙ୍କ ଚାଞ୍ଚଲ୍ୟକର ବୟାନ ଏନ୍‌ଆଇଏ ଅଧିକାରୀଙ୍କ ହୋସ୍ ଉଡ଼ାଇ ଦେଇଛି। ସେମାନେ ରାଜଧାନୀ ଭୁବନେଶ୍ୱର ଓ ଜଟଣୀରେ ହେବାକୁ ଥିବା ଏକ ସଭାରେ ବିସ୍ଫୋରଣ କରିବାକୁ ଯୋଜନା କରୁଥିଲେ। ସେଥିପାଇଁ ବୋମା ଭିଡୁଥିଲେ ବୋଲି ଦୁହେଁ ଏନ୍‌ଆଇଏ ସାମ୍ନାରେ ସ୍ୱୀକାର କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଏନ୍‌ଆଇଏର ତଦନ୍ତ ଯେତେ ଆଗକୁ ବଢୁଛି, ନୂଆନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ବିସ୍ଫୋରଣର ମାଷ୍ଟରମାଇଣ୍ଡ ମଫି ବାରମ୍ବାର ଦିଲ୍ଲୀ ଯାଉଥିଲା। ସେଠାରେ ଦେଶବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଏକ ଗ୍ୟାଙ୍ଗ ସହ ମଫି ଲିଙ୍କ୍‌ରେ ରହିଥିଲା। ଉକ୍ତ ଗ୍ୟାଙ୍ଗ୍ ବୋମା ସାମଗ୍ରୀ ଯୋଗାଉଥିଲା। ସେଠାରୁ ହିଁ ମଫି ଆର୍‌ଡିଏକ୍ସରେ ବ୍ୟବହୃତ ଉପାଦାନ ସଂଗ୍ରହ କରି ଓଡ଼ିଶାକୁ ଆଣିଥାଇପାରେ ବୋଲି ଏନ୍‌ଆଇଏ ଅନୁମାନ କରୁଛି। ତେବେ ସେ ଦିଲ୍ଲୀ ଯାଇ କାହା ସହ ମିଶୁଥିଲା ଏବଂ କେତେ ଆର୍‌ଡିଏକ୍ସରେ ବ୍ୟବହୃତ ଉପାଦାନ ଭୁବନେଶ୍ୱର ଆଣିଥିଲା, ସେ ସଂପର୍କରେ ଏନ୍‌ଆଇଏ ଅଧିକ ଖୋଳତାଡ଼ କରୁଛି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୭ ତାରିଖ ଅପରାହ୍ନରେ ଆଜାଦନଗର ଅଞ୍ଚଳରେ ଭୟଙ୍କର ବୋମା ବିସ୍ଫୋରଣ ହୋଇଥିଲା। ମଫି ଓ ତା'ର ସହଯୋଗୀମାନେ ଛାତ ଉପରେ ବୋମା ଭିଡୁଥିବା ବେଳେ ଦୁର୍ଘଟଣା ଯୋଗୁଁ ଏଭଳି ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ମଫି ସହ ୪ଜଣ ଗୁରୁତର ଆହତ ହୋଇଥିଲେ। ମଫି ଓ ତା' ମା'ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପୁଲିସ ଏବଂ ଏନ୍‌ଆଇଏ ତଦନ୍ତ ବେଳେ ଘଟଣାସ୍ଥଳରୁ ଆରଡିଏକ୍ସରେ ବ୍ୟବହୃତ ସାମଗ୍ରୀର ନମୁନା ବିସ୍ଫୋରଣସ୍ଥଳରୁ ମିଳିଥିଲା। ଫରେନ୍ସିକ୍ ରିପୋର୍ଟ ଆସିବା ପରେ ଏନ୍‌ଆଇଏ ତଦନ୍ତଭାର ହାତକୁ ନେଇଥିଲା।

**FOR SALE**

1 Number of Tractor – MAHINDRA 405 YUVO TRACTOR, Registration No.- OD-01- BC – 3545, Model- 2025, ENGINE NO – NRD7KAE0509, CHASSIS NO - MBNPFA FBERND06938, For Details, contact – 9437055763, 7656852396, SUNDARAM FINANCE LTD., First floor, Choudhury Nivas, SAHADEV KHUNTA, BALASORE, 756001, PH. NO- 06782-266658

**AFFIDAVIT**

I DALI DEBENDRA REDDY S/O DALI GANAPATI, RESIDENT AT-PATRAPUR, GURUSETHI, PIN-761004, PS-JARADA, DIST- GANJAM, ODISHA DECLARE BY THIS AFFIDAVIT NO-322, DT 13.04.2026. THAT NOW ON WARDS I SHALL BE KNOWN AS **DALI DEBENDRA** FOR ALL FEATURES PURPOSES

**AFFIDAVIT**

I DALI GANAPATI REDDY S/O CHENEYA, RESIDENT AT-PATRAPUR, GURUSETHI, PIN-761004, PS-JARADA, DIST- GANJAM, ODISHA DECLARE BY THIS AFFIDAVIT NO-327, DT 13.04.2026. THAT NOW ON WARDS I SHALL BE KNOWN AS **DALI GANAPATI** FOR ALL FEATURES PURPOSES

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 675, dated 10.04.2026, I, ANAMU BHATRA, S/o - Late. Deba Bhatra, permanent resident of Village - Betal, PO - Betal, PS - Kodinga, Dist - Nabarangpur, Odisha, Pin - 754075, declare that I have changed the name of my Daughter from NANI BHATRA to BHAGABATI BHATRA. Henceforth, she shall be known as **BHAGABATI BHATRA** for all purposes.

**Sd/- Anamu Bhatra**

**AFFIDAVIT**

I, Bahadur Marndi, resident of Vill. Gidighaty, P.O. Tarana, P.S. Tiring, Dist. Mayurbhanj, do hereby declare that my daughter's name in her Aadhaar Card No. 3594 5530 9254 has been wrongly mentioned as Namita Rani Marndi. Her correct name is **Namitarani Marndi.** Both names refer to one and the same person. This affidavit is made for correction of her name in official records.

**Deponent: Bahadur Marndi**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, Vide no - 134, dated 08.04.2026, I, GITANJALI MAJHI, D/o- Ghasiram Majhi, At- Bhalidiha, Po-Saharpada, Dist. Kendujhar, hereby declare that my correct date of birth is 07.03.2007, instead of 31.05.2007 as recorded earlier in Aadhaar. Henceforth, **07.03.2007** shall be treated as my correct date of birth for all purposes.

**Sd/-GITANJALI MAJHI**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 674, dated 10.04.2026, I, JAGABANDHU BHATRA, S/o - Late. Chaitan Bhatra, permanent resident of Village - Bhataguda, PO - Chirma, PS - Kodinga , Dist - Nabarangpur, Odisha, Pin - 754063, declare that I have changed the name of my Son from KHAGAPATI BHATRA to KHAGESWAR BHATRA. Henceforth, he shall be known as **KHAGESWAR BHATRA** for all purposes.

**Sd/- Jagabandhu Bhatra**

**AFFIDAVIT**

I, Lokeshwar Bisoi, aged about 40 years, S/o- Chandra Sekhar Bisoi, resident of At- Dhobasahi, Dist- Koraput, PIN- 764020, Odisha declared by this affidavit No. 761, dtd- 13/04/2026 that now onwards I shall be known as **LOKESWAR BISOI** for all future purposes.

## ଅବଶିଷ୍ଟାଂଶ...

### ୮୫୦କୁ ବଢ଼ିବ...

ଯୋଗଦେବେ ବୋଲି ଜଣାପଡ଼ିଛି। ଇତିମଧ୍ୟରେ ତୃଣମୂଳ କଂଗ୍ରେସ ସାଂସଦ ଡେରେକ ଓବ୍ରାଏନ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ଆସନ ସଂରକ୍ଷଣ ବିଲ ନେଇ ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ମହିଳା ଆସନ ସଂରକ୍ଷଣ ବିଲ୍ ଅପେକ୍ଷା ସରକାର ସୀମା ପୁନଃନିର୍ଦ୍ଧାରଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେ ଆହୁରି ପ୍ରଶ୍ନ କରିଛନ୍ତି ଯେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆସନ୍ତା ୨୩ ଏବଂ ୨୯ ତାରିଖରେ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ୧୬ ତାରିଖରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଇବା ପଛରେ ରହସ୍ୟ କଣ? ସେ ଆହୁରି କହିଛନ୍ତି ଯେ ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରାଇବାକୁ ହେଲେ ସଂସଦରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର। ସରକାରଙ୍କ ପାଖରେ ଏହି ସଂଖ୍ୟା ନାହିଁ। ଏଥିପାଇଁ ବିରୋଧୀ ଦଳମାନଙ୍କ ସମର୍ଥନ ଜରୁରୀ। କିନ୍ତୁ ସରକାର ବିରୋଧୀ ଦଳ ସହିତ କାହିଁକି ଆଲୋଚନା କରୁ ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

### ମହଙ୍ଗା ହେବ...

ଶେଷରେ ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ଭଳି ପ୍ରମୁଖ ରାଜ୍ୟଗୁଡ଼ିକରେ ନିର୍ବାଚନ ଶେଷ ହେବା ପରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି। ରିପୋର୍ଟରେ କୁହାଯାଇଛି ଯେ ଏପ୍ରିଲ ପରେ ପମ୍ପେ ମୂଲ୍ୟ ବୃଦ୍ଧି ସୁନିଶ୍ଚିତ। ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ବୃଦ୍ଧି ଘୋଷଣା ୫ ରାଜ୍ୟର ବିଧାନସଭା ନିର୍ବାଚନରେ କେନ୍ଦ୍ର ସରକାରଙ୍କୁ ଅକଳରେ ପକାଇପାରେ। ତେଣୁ ବର୍ତ୍ତମାନ ସରକାର ରାଜ୍ୟ ବିଧାନସଭା ନିର୍ବାଚନ ଶେଷ ହେବାକୁ ଅପେକ୍ଷା କରିଛନ୍ତି। ତେବେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ବୃଦ୍ଧିର ସିଧାସଳଖ ପ୍ରଭାବବର୍ତ୍ତମାନ ପରିସ୍ଥିତିରେ ସାଧାରଣ ଲୋକଙ୍କ ପକେଟ ଉପରେ ପଡ଼ିବା ଆଶଙ୍କା କରାଯାଉଛି।

### ପହିଲି ବୈଶାଖରେ...

ରହୁଥିବା ହେତୁ ପ୍ରବଳ ଗୁଳୁଗୁଳି ସ୍ଥିତି ଜାରି ରହୁଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ଆଶଙ୍କା ରହିଛି। ଏହାପରେ ଅର୍ଥାତ ଗୁରୁବାରଠାରୁ ଆହୁରି ତାପମାତ୍ରା ବୃଦ୍ଧି ଫଳରେ ଅନେକ ସ୍ଥାନରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ନେଇ ଆଶଙ୍କା କରାଯାଇଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୁଳୁଗୁଳି ଅଧିକ ରହିବା ସହ ଏଠାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ନେଇ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ତେବେ ୧୭ ପରଠାରୁ ଅପରାହ୍ନ ପରେ କିଛି କିଛି ସ୍ଥାନରେ କାଳବୈଶାଖୀ ଆଶଙ୍କା କରାଯାଇଛି। ଯଦିଓ କାଳବୈଶାଖୀ ଯୋଗୁଁ ଅପରାହ୍ନ ପରେ ଗରମ ଗୁଳୁଗୁଳି ସ୍ଥିତିରେ ସାମାନ୍ୟ ସୁଧାର ଆସିବ, ମାତ୍ର ଦିନ ବେଳା ଗରମ ଗୁଳୁଗୁଳି ସ୍ଥିତି ବଳବତ୍ତର ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### କମିବ କୃଷି ଉତ୍ପାଦନ...

ତଥା ଦେଶରେ ଭୂକମ୍ପ, ଅଗ୍ନିଭୟ, କଳହ, ଦୁର୍ବୃତ୍ତମାନଙ୍କ ପ୍ରାଦୁର୍ଭାବ ରହିବ। ରାଜ୍ୟରେ ବିଶେଷକରି ପୂର୍ବ ଓଡ଼ିଶାରେ ମହାମାରୀ ରୋଗର ଆଶଙ୍କା ବୃଦ୍ଧି ପାଇବ।

ପୂର୍ବ ଭାରତ, ପଶ୍ଚିମ ଭାରତ ଓ ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକରେ ରୋଗ, ଦୁର୍ଭିକ୍ଷ, କଳହ, ହିଂସା, ରାହାଜାନୀ, ବାତ୍ୟା, ବନ୍ୟା ଆଦିର ସମ୍ଭାବନା ରହିଛି। ଅର୍ଥନୀତିରେ ଅଭିବୃଦ୍ଧି ହାର ବଢିବ। ଦେଶରେ ସର୍ପାଘାତ, ବାତରୋଗ, କରକାପାତ, ବାତ୍ୟା, ବନ୍ୟା ଆଦି ଦ୍ୱାରା ଜନସମୁଦାୟ ବହୁ ମାତ୍ରାରେ ପୀଡ଼ିତ ହେବେ। ବିରୋଧୀମାନଙ୍କ ଦୃଢ଼ ବିରୋଧ ସତ୍ତ୍ୱେ ଶାସକ ଦଳ ବିଭିନ୍ନ ଲୋକାଭିମୁଖୀ ଯୋଜନା ଆଣିବେ। ଚଳିତବର୍ଷ ପାଶ୍ଚାତ୍ୟ ଦେଶମାନଙ୍କରେ ଆମେରିକା ଭଳି ରାଷ୍ଟ୍ର ପ୍ରଭାବ ବିସ୍ତାର କରିବେ। ମୁସଲମାନ ଶାସିତ ଦେଶମାନଙ୍କରେ ନିଜ ନିଜ ମଧ୍ୟରେ ଅଶାନ୍ତି ଓ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବ। ବିକାଶଶୀଳ ରାଷ୍ଟ୍ରମାନଙ୍କର ହସ୍ତକ୍ଷେପ ଯୋଗୁଁ ସମସ୍ୟାର ଆଶୁ ସମାଧାନ ହେବ। ବିଶ୍ୱ ଅର୍ଥନୀତିରେ ଉନ୍ନତି ପରିଲକ୍ଷିତ ହେବ। କିନ୍ତୁ ଆମେରିକା, ଋଷ, ଇଂଲଣ୍ଡ ଭଳି ବିକଶିତ ରାଷ୍ଟ୍ରମାନଙ୍କ ଅର୍ଥନୀତିରେ ଅବନତି ଦେଖାଦେବ।

ଚଳିତବର୍ଷ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଭାରତ ତଥା ଓଡ଼ିଶାରେ ଦୃଶ୍ୟମାନ ହେବ ନାହିଁ। ଏହି ପଞ୍ଜିକାରେ ବିବାହ, ବ୍ରତ, ଗୃହ ପ୍ରତିଷ୍ଠା ପ୍ରଭୃତି ଉଲ୍ଲେଖ ରହିଥିବାବେଳେ କେଉଁ ତିଥିରେ କେଉଁ ପର୍ବ ପାଳନ କରାଯିବ ତାହା ମଧ୍ୟ ଉଲ୍ଲେଖ କରାଯାଇଛି। ଏବର୍ଷ ବିଭିନ୍ନ ରାଶିର ବ୍ୟକ୍ତିମାନଙ୍କ ବିଂଶତରୀ ଗଣନାରୁ ଜଣାଯାଏ ମେଷ ୧୪ ଆୟ ୨ ବ୍ୟୟ, ବୃଷ ୮ ଆୟ ୫ ବ୍ୟୟ, ମିଥୁନ ୧୪ ଆୟ ୪ ବ୍ୟୟ, କର୍କଟ ୮ ଆୟ ୩ ବ୍ୟୟ, ସିଂହ ୧୧ ଆୟ ୨ ବ୍ୟୟ, କନ୍ୟା ୧୪ ଆୟ ୪ ବ୍ୟୟ, ତୁଳା ୮ ଆୟ ୫ ବ୍ୟୟ, ବିଛା ୧୪ ଆୟ ୨ ବ୍ୟୟ, ଧନୁ ୧୧ ଆୟ ୪ ବ୍ୟୟ, ମକର ୫ ଆୟ ୫ ବ୍ୟୟ, କୁମ୍ଭ ୫ ଆୟ ୫ ବ୍ୟୟ, ମୀନ ୧୧ ଆୟ ୪ ବ୍ୟୟ ହେବ ବୋଲି ଗବେଷକ ଡ. ଦାଶ କହିଛନ୍ତି।

### ସମ୍ରାଟ ହେବେ...

ବିହାରର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ନିକଟରେ ସେ ରାଜ୍ୟସଭା ସାଂସଦ ଭାବେ ଶପଥ ଗ୍ରହଣ କରିଛନ୍ତି। ନୂତନ ସରକାରଙ୍କୁ ତାଙ୍କର ସମ୍ପୂର୍ଣ୍ଣ ସହଯୋଗ ଏବଂ ମାର୍ଗଦର୍ଶନ ମିଳିବ ବୋଲି ନିଜର ଶେଷ କ୍ୟାବିନେଟ୍ ବୈଠକ ପରେ ସେ ସ୍ପଷ୍ଟ କରିଛନ୍ତି। ୨୦୦୫ରୁ ତାଙ୍କ ଶାସନ କାଳରେ ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା ହେବା ସହ ସମସ୍ତ ବର୍ଗର ଲୋକଙ୍କ ବିକାଶ ପାଇଁ କାର୍ଯ୍ୟ କରାଯାଇଛି ବୋଲି ସେ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି।

ବିଦାୟୀ ଉପ-ମୁଖ୍ୟମନ୍ତ୍ରୀ ତଥା କୁର୍ମି ସମାଜର ଜଣେ ପ୍ରଭାବଶାଳୀ ନେତା ସମ୍ରାଟ ଚୌଧୁରୀଙ୍କୁ ବିଜେପି ବିଧାୟକ ଦଳର ନେତା ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ବିଜେପିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ତାଙ୍କ ନାମ ଘୋଷଣା କରାଯାଇଥିଲା। ଶ୍ରୀ ଚୌଧୁରୀ ବିହାରର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ସେ ଏକ ବିକଶିତ ବିହାରର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟ କରିବାକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଆଜି ଅପରାହ୍ନରେ ଏନଡିଏ ବିଧାୟକ ଦଳର ବୈଠକରେ ନୂତନ ନେତାଙ୍କୁ ସମର୍ଥନ ଜଣାଇବା ପରେ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରାଯାଇଛି।

### ବିଭାଗୀୟ ମୁଖ୍ୟ ପଦରୁ...

ଡ. ସନ୍ତୋଷ ନାୟକଙ୍କ ବିରୋଧରେ ଏକ ବେନାମୀ ଚିଠି ସ୍ପିଡ ପୋଷ୍ଟ ଯୋଗେ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ଆସିଥିଲା। ଗତ ୬ତାରିଖରେ ଏହି ଚିଠି ଶିକ୍ଷା ବିଭାଗ ପାଇଥିଲା। ଚିଠିରେ ଛାତ୍ରୀ ଜଣଙ୍କୁ ନିର୍ଯାତନ ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି। ଏପରିକି ଘଟଣା ପରଦିନ ସେ କଲେଜ ଅଧକ୍ଷଙ୍କ କାର୍ଯ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ ବୋଲି ଉଲ୍ଲେଖ ରହିଛି। ଏହି ଚିଠି ମିଳିବା ପରେ ଶିକ୍ଷା ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତେବେ ଅଭିଯୋଗ ପରେ ୧୫୮୪ନମ୍ବର ନିର୍ଦ୍ଦେଶ ଅନୁସାରେ ତାଙ୍କୁ ତୁରନ୍ତ ପଦରୁ ହଟାଯିବା ସହ କଲେଜର ଅଭ୍ୟାନ୍ତରୀଣ କମିଟିକୁ ଏହାର ତଦନ୍ତ ଭାର ମଧ୍ୟ ପ୍ରଦାନ କରାଯାଇଛି ବୋଲି କଲେଜ କର୍ତ୍ତୃପକ୍ଷ ଶିକ୍ଷା ବିଭାଗକୁ ପ୍ରଦାନ କରିଥିବା ଚିଠିରେ ଉଲ୍ଲେଖ ରହିଛି। ଏହାଛଡ଼ା ଆସନ୍ତା୧୫ତାରିଖ ଦିନ ଅଭିଯୋଗ କରିଥିବା ଛାତ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ବୟାନ ଦେବାକୁ କୁହାଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ପ୍ରକୃତ ଅଭିଯୋଗକାରିଣୀ କିଏ ତାହା ଜଣାପଡ଼ିନାହିଁ। ଏ ନେଇ ଆଇସିସି କମିଟିରେ ସଦସ୍ୟା ଥିବା ଗୋପାମୁଦ୍ରା ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ପ୍ରକୃତ ଅଭିଯୋଗକାରିଣୀ ଜଣାପଡ଼ିନଥିବା ବେଳେ ଏହା ଏକ ବେନାମୀ ଚିଠି। ଏପରିକି ସେ ଘଟଣା ସମ୍ପର୍କରେ କିଛି ଜାଣି ନାହାନ୍ତି ବୋଲି କହିବା ସହ କିଏ ଓ କାହିଁକି ଅଭିଯୋଗ କରିଛନ୍ତି, ସେ ନେଇ ତଦନ୍ତ ଆରମ୍ଭ ହୋଇଛି ବୋଲି କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ କଲେଜର ଅଧକ୍ଷ ଦୀନେଶ ଦାସଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ଉତ୍ତର ମିଳିପାରି ନାହିଁ।

### କଳମା ଉଛୁଳା...

ସେଠାକାର କୃଷକମାନଙ୍କୁ ଚାଷପାଇଁ ପାଣି ମିଳୁନାହିଁ ବୋଲି ଅଭିଯୋଗ ହେଉଛି। ଦୁଇ ବର୍ଷ ତଳେ ଏପ୍ରିଲ୍ ମାସରେ ଛତିଶଗଡର ଯେଉଁ ଜଳଭଣ୍ଡାରଗୁଡିକରେ ଅତି ବେଶିରେ ୪୨ ପ୍ରତିଶତ ପର୍ଯ୍ୟନ୍ତ ଜଳ ରହୁଥିଲା, ଏବେ ଏପ୍ରିଲ ଭଳି ଗ୍ରୀଷ୍ମ ଋତୁରେ ୬୭ ପ୍ରତିଶତରୁ ଅଧିକ ଜଳ ମହଜୁଦ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅପରପକ୍ଷେ ତଳ ମୁଣ୍ଡରେ ପାଣି ଅଭାବରୁ ମହାନଦୀ ଓ ତାହାର ଶାଖାନଦୀଗୁଡିକ ଶୁଖିଲା ପଡିବା ସହ ଜଳଭଣ୍ଡାରରେ ପର୍ଯ୍ୟାପ୍ତ ପାଣି ନଥିବାରୁ ଓଡିଶାରେ କେନାଲ ଜଳସେଚନ ବ୍ୟାହତ ହେଉଛି।

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀକୁ ନେଇ ଜଳ ବିବାଦ ଆରମ୍ଭ ହେବା ପରେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ ୨୦୧୮ ମସିହା ମାର୍ଚ୍ଚ ୧୨ ତାରିଖରେ ମହାନଦୀ ଜଳବିବାଦ ସମାଧାନ ଲାଗି କେନ୍ଦ୍ର ସରକାର ଟ୍ରିବୁନାଲ ଗଠନ କରିଥିଲେ। ଇତି ମଧ୍ୟରେ ଏହି ଟ୍ରିବ୍ୟୁନାଲର କାର୍ଯ୍ୟକାଳ ତିନିଥର ବଢାଗଲାଣି। ଟ୍ରିବ୍ୟୁନାଲ ଗଠନ କରାଯିବାବେଳେ ତିନି ବର୍ଷ ଭିତରେ ଏହି ନଦୀ ଜଳ ବିବାଦ ସମାଧାନ କରିବାକୁ କୁହାଯାଇଥିଲା। ପରିବର୍ତ୍ତୀ ସମୟରେ ଦୁଇବର୍ଷ ଏବଂ ଆଉଥରେ ତିନିବର୍ଷ ଏହି ଟ୍ରିବ୍ୟୁନାଲର କାର୍ଯ୍ୟକାଳ ବଢିସାରିଛି। ଏବେ କେନ୍ଦ୍ର ସରକାର ପୁଣି ଏହାର କାର୍ଯ୍ୟକାଳ ଆଉ ୯ ମାସ ବଢାଇଛନ୍ତି। ଆଠବର୍ଷ ଭିତରେ ଜଳ ବିବାଦ ସମାଧାନ ହୋଇନାହିଁ କିମ୍ବା ଓଡ଼ିଶା ସପକ୍ଷରେ ଟ୍ରିବ୍ୟୁନାଲଙ୍କ ଠାରୁ କୌଣସି ମଧ୍ୟବର୍ତ୍ତୀକାଳୀନ ଆଦେଶ ମଧ୍ୟ ମିଳିନାହିଁ। ଏହାକୁ ନେଇ ମହାନଦୀ ବଞ୍ଚାଅ ଆନ୍ଦୋଳନଠାରୁ ଆରମ୍ଭ କରି ଅନ୍ୟ ସ୍ୱେଚ୍ଛାସେବୀମାନେ ବାରମ୍ବାର ସ୍ୱର ଉଠାଉଛନ୍ତି। ହେଲେ ଟ୍ରିବ୍ୟୁନାଲର ସଦସ୍ୟ ଓ ଅନ୍ୟ ଅଧିକାରୀମାନେ ଏକାଧିକବାର ଓଡିଶା ଗସ୍ତରେ ଆସିବା ପରେ ଓଡ଼ିଶା ସପକ୍ଷରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏମିତିକି ନିକଟରେ ଏହି ଟ୍ରିବ୍ୟୁନାଲର ସଦସ୍ୟ ଓ ଅଧିକାରୀମାନେ ହୀରାକୁଦ ଜଳଭଣ୍ଡାର ସମେତ ଶ୍ରୀକ୍ଷେତ୍ର ପୁରୀ ଓ ଚିଲିକା ଗସ୍ତରେ ଆସି ସ୍ଥିତି ପରଖି ଫେରିଥିଲେ ବି ସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇ ରହିଛି।

ଏହା ବ୍ୟତୀତ ରାଜ୍ୟରେ ବିଜେପି ସରକାର ଆସିବା ପରେ କେନ୍ଦ୍ର ବିଜେପି ସରକାର ଓ ଛତିଶଗଡ଼ ବିଜେପି ସରକାରକୁ ଟ୍ରିପଲ ଇଂଜିନ ସରକାର କୁହାଯାଉଛି। ଆପୋସ ଆଲୋଚନା ମାଧ୍ୟମରେ ଏହି ବିବାଦ ସମାଧାନ ନେଇ ବିଜେପି ଦାବି କରି ଆସୁଛି। ଏହାସହିତ ନଦୀଜଳ ବିବାଦ ସଂକ୍ରାନ୍ତରେ ଓଡିଶା ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗତବର୍ଷ ଡିସେମ୍ବର ମାସରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ ବି ହୋଇଛି। ହେଲେ ସମସ୍ତ ପ୍ରକ୍ରିୟା କେବଳ କାଗଜ କଲମରେ ସୀମିତ ରହିବା ସହ ଖରାଦିନେ ରାଜ୍ୟରେ ଜଳାଭାବ ସ୍ଥିତି ଆପେ ବାରି ହୋଇପଡୁଛି। ଟ୍ରିବ୍ୟୁନାଲରେ ଜଳବିବାଦ ପ୍ରସଙ୍ଗ ଆଠବର୍ଷ ଧରି ଚାଲିଥିବା ପରିପ୍ରେକ୍ଷୀରେ ଓଡିଶା ସରକାର ବି ବିପୁଳ ଅର୍ଥ ବ୍ୟୟ କଲେଣି। ମାତ୍ର କେବେ ଏହାର ସମାଧାନ ହେବ ତାକୁ ରାଜ୍ୟବାସୀ ଚାହିଁ ରହିଛନ୍ତି।

**ସାର୍ବଜନୀନ ସୂଚନା**

ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡଙ୍କ କେନ୍ଦୁଡିହି ଉତ୍ତର ଆୟରନ ଓର ବ୍ଲକ୍, ଯାହା ଗ୍ରାମ: କେନ୍ଦୁଡିହି ଏବଂ ପଣ୍ଡୁଲିପାସି, ତହସିଲ: ବଡବିଲ୍, ଜିଲ୍ଲା: କେନ୍ଦୁଝର, ଓଡ଼ିଶା ରେ **187.862** ହେକ୍ଟର ଅଞ୍ଚଳରେ ଅବସ୍ଥିତ, ଏହାକୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (**MoFE&CC**), ଭାରତ ସରକାର, ନୂଆଦିଲ୍ଲୀଙ୍କ ଦ୍ୱାରା ଫାଇଲ୍ ନମ୍ବର **IA-J-11015/74/2024-IA-II (NCM)**, ତାରିଖ **13.04.2026**ରେ ପରିବେଶୀୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହା ଅନୁସାରେ ପ୍ରତିବର୍ଷ **2.6** ମିଲିୟନ ଟନ୍ **(TPA) ROM** ଆୟରନ ଓର ଉତ୍ପାଦନ କରାଯିବ (ମୋଟ ଖନନ **4.0138** ମିଲିୟନ **TPA: 2.6** ମିଲିୟନ **TPA ROM** ଆୟରନ ଓର + ବର୍ଜ୍ୟ **1.4138** ମିଲିୟନ **TPA**)। ଏହି ପରିବେଶୀୟ ମଞ୍ଜୁରୀ ଏକ ନକଲ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଏବଂ **MoEF&CC** ର ୱେବସାଇଟ୍ (**https://parivesh.nic.in/**)ରେ ଉପଲବ୍ଧ ଅଛି।

# ବାବାମଣିଙ୍କୁ ଜଳଛାୟା କଲେ ହଜାର ହଜାର ଶ୍ରଦ୍ଧାଳୁ

ଭଦ୍ରକ/ଆରଡ଼ି,୧୪।୪(ସମିସ)





**ବିଭିନ୍ନ ନଦୀରୁ ଜଳଭାର ଧରି ପୀଠକୁ ଆସିଲେ ସହସ୍ରାଧିକ ଗୋପାଳ ଭକ୍ତ**

ମଙ୍ଗଳବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଇଁ ଉତ୍ସବମୁଖର ହୋଇଉଠିଥିଲା ଆରଡ଼ି ଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିର। ଓଡ଼ିଆ ନବ ବର୍ଷରେ ପୀଠରେ ପ୍ରଚଳିତ ନୂଆ ବିରଜା ପାଞ୍ଜି ମଙ୍ଗଳବାରଠାରୁ ଆରମ୍ଭ ହେଉଥିବାବେଳେ ବୈଶାଖ ମାସର ପ୍ରଥମ ଦିନ ପାଳନ କରାଯାଇଥିଲା। ଏଥି ସହ ପଣା ସଂକ୍ରାନ୍ତିଠାରୁ ଏକ ମାସ ଧରି ବାବାଙ୍କ ମନ୍ଦିରରେ ଶୀତଳ ଉପଚାର ବା ଜଳଛାୟା ନୀତି ଅନୁଷ୍ଠିତ ହେବ। ବିଶ୍ୱାସ ରହିଛି ଗ୍ରୀଷ୍ମ ଋତୁରେ ପ୍ରଖର ରୁଦ୍ରତାପରୁ ବାବାମଣିଙ୍କର ଉପଶମ ନିମନ୍ତେ ଶହଶହ ଗୋପାଳ ଭକ୍ତ ବିଭିନ୍ନ ନଦୀରୁ ଜଳଭାର ଧରି ବାବାଙ୍କ ପାଖକୁ ଆସି ସେବାୟତଙ୍କ ଦ୍ୱାରା ଜଳଲାଗି କରାଆନ୍ତି। ଏଥିପାଇଁ ଭୋର୍ ୫ଟାରୁ ଗୋପାଳ ଭକ୍ତମାନେ ୨ଟି ପିତଳ କଳସୀରେ ଜଳଭାର ଧରି ପହଞ୍ଚିଥିଲେ ବାବାଙ୍କ ପୀଠରେ। ପ୍ରଶାସନ ପକ୍ଷରୁ କରାଯାଇଥିବା ସ୍ୱତନ୍ତ୍ର ବ୍ୟାରିକେଡ଼ରେ ଯାଇ ସେବାୟତଙ୍କ ଦ୍ୱାରା ଜଳଲାଗି କରିଥିଲେ। ଅନ୍ୟପକ୍ଷରେ ହଜାର ହଜାର ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ମନ୍ଦିର ଭିତରେ ଓ ବାହାରେ। ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ପୀଠରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ସ୍ଥଳପଥ ଓ ଜଳପଥରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅନ୍ୟପଟେ ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଦୈନନ୍ଦିନ ନୀତି ନିର୍ଘଣ୍ଟରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଭୋର୍ ୪ଟାରେ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି ସହ ଘର୍ଷଣଲାଗି, ପଣାଭୋଗ ଲାଗି ହେବା ପରେ ମଣିବାବାଙ୍କୁ ଦିଗମ୍ବର ବେଶରେ ପହିଲି ବାଲ୍ୟଭୋଗ ସମ୍ପନ୍ନ କରାଯାଇଥିଲା। ସକାଳ ୫ଟାରୁ ଗୋପାଳ ଭକ୍ତମାନେ ଧାଡ଼ିରେ ଯାଇ ପୂର୍ବାହ୍ନ ୧୧ଟା ଯାଏଁ ଜଳଲାଗି କରିଥିଲେ। ସମସ୍ତ ସକାଳ ଧୂପ ଅପରାହ୍ନ ୧ଟା ସୁଦ୍ଧା ସରିବା ପରେ ଅବକାଶ ନୀତି କରାଯିବା ପରେ ସେବାୟତଙ୍କ ଦ୍ୱାରା ପଣାଭୋଗ ଲାଗି ସହ ଅପରାହ୍ନରେ ବାବାମଣିଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇ ସନ୍ଧ୍ୟା ନୀତି ସହ ଆଳତି ଓ ଅନ୍ୟ ନୀତି ସମ୍ପନ୍ନ କରାଯାଇଥିଲା।

## ମଣ୍ଡିରୁ ଉଠୁନି ଧାନ; କାନ୍ଦୁଛନ୍ତି ଚାଷୀ



ବୋଲସାହି,୧୪।୪(ସମିସ): ସରକାରଙ୍କ ପକ୍ଷରୁ ସମସ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ କରାଯାଇଥିବା ସମୟର ଅର୍ଦ୍ଧ ଶେଷ ହୋଇଥିବାବେଳେ ମିଲରମାନଙ୍କ ଅସହଯୋଗ ଯୋଗୁଁ ଏହି ଧାନ ମଣ୍ଡିରେ ପଡ଼ିରହିଥିବା ଧାନ ସଂଗ୍ରହ କରୁଥିବା ସମବାୟ ସମିତି ଓ ଏସ୍‌ଏଚ୍‌ଜି ଗ୍ରୁପମାନେ ଅଭିଯୋଗ କରୁଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ମା' ଗଣପତି ଏସ୍‌ଏଚ୍‌ଜି ପକ୍ଷରୁ ଅନ୍‌ଲାଇନ୍ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିଥିବାବେଳେ ଅଦ୍ୟାବଧି ଅନେକ ଚାଷୀଙ୍କ ଧାନ ମିଲର ଉଠାଉ ନ ଥିବା ନେଇ ଚାଷୀ ଟଙ୍କା ପାଇଁ ହାଇଁପାଇଁ ହେଉଥିବା ସହ କାନ୍ଦୁଥିବା ଦେଖିବାକୁ ମିଳୁଛି। ଏହି ଏସ୍‌ଏଚ୍‌ଜି ପକ୍ଷରୁ ୩୧୫ ଜଣ ଚାଷୀଙ୍କଠାରୁ ୧୩ ହଜାର ୩୬୫ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିବାବେଳେ ୨୭୦ ଜଣ ଚାଷୀଙ୍କ ଧାନ ମିଲର ଉଠାଇଥିବାବେଳେ ୪୫ ଜଣ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

## ମା' ସୁନାମୁହିଁଙ୍କ ଚଡ଼କ ଯାତ୍ରା; ଉତ୍ସବମୁଖର ବୈତରଣୀ ତଟ

ବାରିକପୁର,୧୪।୪(ସମିସ): ମଙ୍ଗଳବାରଠାରୁ ମା' ସୁନାମୁହିଁଙ୍କ ସର୍ବପୁରାତନ ଚଡ଼କ ଯାତ୍ରା ଆରମ୍ଭ ହୋଇଛି। ଏଥିପାଇଁ ଭଣ୍ଡାରିପୋଖରୀ ବ୍ଲକ୍‌ର ବୈତରଣୀ ତଟରେ ଥିବା ଜିଲ୍ଲାର ଅନ୍ୟତମ ଶକ୍ତି କ୍ଷେତ୍ର ସୁନାମୁହିଁଙ୍କ ପୀଠ ଉତ୍ସବମୁଖର ହୋଇଯାଇଛି। ନଦୀରୁ ଘଟ ଉତ୍ତୋଳନ ପରେ ନିର୍ଘଣ୍ଟରେ ମା'ଙ୍କ ଆବାହନ ପୂଜା ଆରମ୍ଭ ହୋଇଥିଲା। ବାର୍ଷିକ ପୂଜା ଉତ୍ସବର ପ୍ରଥମ ଦିନରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ପୀଠରେ ଉପସ୍ଥିତ ରହି କୁକୁଡ଼ା ଉଡ଼େଇବା ସହିତ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ପ୍ରଥମ ଦିନରେ ଆଖପାଖ ୫୦ ଖଣ୍ଡ ଗାଁ ସହିତ ପଡ଼ୋଶୀ ଯାଜପୁର ଜିଲ୍ଲାରୁ ହଜାର ହଜାର ଜନସାଧାରଣଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୁଲିସ ଓ ଉତ୍ସବ ଆୟୋଜକ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାର୍ଷିକ ପୂଜା ଉପଲକ୍ଷେ ପୀଠରେ ଭଜନ କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ପ୍ରଦର୍ଶନ ହେବ ବୋଲି ପୂଜା କମିଟି ସଭାପତି ଭାଗବତ ପ୍ରସାଦ ଜେନା ଓ ସମ୍ପାଦକ ଅନନ୍ତ କିଶୋର ଜେନା ଜଣାଇଛନ୍ତି। ଆସନ୍ତା ୨୦ ତାରିଖ ଦିନ ଚଡ଼କ ଯାତ୍ରା ସହିତ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହେବ ବୋଲି ସୂଚନା ଦିଆଯାଇଛି।

## ବୃନ୍ଦାବନ କଳାକେନ୍ଦ୍ରରେ ଓଡ଼ିଆ ନବବର୍ଷ ପାଳନ



ଭଦ୍ରକ,୧୪।୪(ସମିସ): ଭଦ୍ରକ ବଙ୍କସାହିସ୍ଥିତ ପ୍ରତିଷ୍ଠିତ କଳା ଅନୁଷ୍ଠାନ ବୃନ୍ଦାବନ କଳାକେନ୍ଦ୍ର ସଭାଗୃହରେ ଓଡ଼ିଆ ନବବର୍ଷ ତଥା କେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ବରିଷ୍ଠ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ରଞ୍ଜିତ୍ ମହାପାତ୍ର ଯୋଗଦେଇଥିଲେ। କଳା କେନ୍ଦ୍ର ନିର୍ଦ୍ଦେଶକ ସୌରଶ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ' ଛାତ୍ରଛାତ୍ରୀ ଗାନ କରିଥିଲେ। ସଂଗୀତ ଜଗତର ତାରକା ଦିବଂଗତ ଆଶା ଭୋସ୍‌ଲେଙ୍କ ଉଦ୍ଦେଶ୍ୟରେ ତାଙ୍କର ଗୀତ ଗାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ବୃନ୍ଦାବନ କଳାକେନ୍ଦ୍ରର କାର୍ଯ୍ୟକୁ ପ୍ରଶଂସା କରିବା ସହ ନିଜେ ଏକ ରାଗ ସଂଗୀତ ଗାନ କରିଥିଲେ। ସୁନାମଧନ୍ୟ ତବଲା ବାଦକ ମୋହିନୀମୋହନ ମହାପାତ୍ର ତାଙ୍କୁ ସହଯୋଗିତା କାରିଥିଲେ। ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ସବୁ ବର୍ଷ ଭଳି ଏବର୍ଷ ଭଦ୍ରକର ବରପୁତ୍ର ଉପେନ୍ଦ୍ର ଭଞ୍ଜ ସମ୍ମାନ ପାଇଥିବା ସ୍ୱର୍ଗତ ସଂଗୀତ ଗୁରୁ ଧନେଶ୍ୱର ଦାଶଙ୍କ ଫଟୋଚିତ୍ର ସ୍ଥାନିତ କରାଯାଇଥିଲା। କେନ୍ଦ୍ରର ଛାତ୍ରଛାତ୍ରୀ ସିମ୍ପିରାଣୀ, ଆରଣ୍ୟକ, ରୁପାଲୀ, ବସନ୍ତ, ପଲ୍ଲିଶ୍ରୀ, ମମତାରାଣୀ, ମାମିନା ଓ ସଂଗୀତ ସହାୟକ ମଦନ ବେହେରା ପ୍ରମୁଖ ଭଜନ ଏବଂ ଲଘୁ ସଂଗୀତ ପରିବେଷଣ କରିଥିଲେ। କଳାକେନ୍ଦ୍ରର ସଂଗୀତ ଗୁରୁ ସୁରେନ୍ଦ୍ର ଗାହାଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ତବଲାରେ ଆନନ୍ଦ ଦାସ ସହଯୋଗିତା ଦେଇଥିଲେ। ଚିତ୍ର କଳା ଏବଂ ସଂଗୀତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ଚାନ୍ଦବାଲି କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ ପାଢ଼ୀ, ହେମନ୍ତ ନାୟକ, ପ୍ରାଧ୍ୟାପକ ପ୍ରବୀର ମହାପାତ୍ର, ଅଧ୍ୟାପକ ନିରାକାର ନାୟକ, ଶଙ୍କର୍ଷଣ ଦାଶ, ଦୀପକ ଦାଶ, ସମାଜସେବୀ ନିରଞ୍ଜନ ସାମଲ, ଚିତ୍ରଶିଳ୍ପୀ ଜୀବନ ମହାକୁଡ଼, ଆଇନଜୀବୀ ସରୋଜ ତପନ ଦାସ, ଶଙ୍କର୍ଷଣ ମହାନ୍ତି, ସନ୍ତୋଷ ବେହେରାଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଚିତ୍ରକଳା ପ୍ରଶିକ୍ଷକ ବରିଷ୍ଠ ଶିଳ୍ପୀ ବିଭୂତି ସାହୁ ଧନ୍ୟବାଦ ଅର୍ପଣ କରିବା ସହ ଛାତ୍ର ସତ୍ୟ ମହାଳିକ, ଶୁଭମ୍ ସାମନ୍ତ, ସୌରଭ ମାଝୀ ଉତ୍ସବ ପରିଚାଳନା କରି ପାରମ୍ପରିକ ବେଲ ପଣା ବଣ୍ଟନ କରିଥିଲେ।

## 'ଆମ୍ବେଦକରଙ୍କ ଜୀବନାଦର୍ଶ ଉତ୍ତରପୀଢ଼ିଙ୍କ ପାଇଁ ଶ୍ରେଷ୍ଠ ପ୍ରେରଣା'

ଭଦ୍ରକ,୧୪।୪(ସମିସ): ଭାରତୀୟ ସମ୍ବିଧାନର ଜନକ, ଭାରତରତ୍ନ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୬ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ମଙ୍ଗଳବାର ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପୂର୍ବାହ୍ନ ସାଢ଼େ ୧୦ଟାରେ ଜିଲ୍ଲା ସଂସ୍କୃତି ଭବନଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ବାବା ସାହେବଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି କହିଥିଲେ ଯେ, "ଆଦର୍ଶ, ତ୍ୟାଗ ଓ ଶ୍ରେଣୀବିହୀନ ସମାଜ



ଗଠନ ପାଇଁ ଡ. ଆମ୍ବେଦକରଙ୍କ ସଂଗ୍ରାମ ଚିରଦିନ ପାଇଁ ଅଭୁଲା ରହିବ। ସମାଜରୁ ଭେଦଭାବ ଓ ଅସ୍ପୃଶ୍ୟତା ଦୂର କରିବାରେ ତାଙ୍କର ଅବଦାନ ମହାନ। ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ ସମ୍ବିଧାନ ପ୍ରଣୟନରେ ତାଙ୍କର ଅବଦାନ ଅତୁଳନୀୟ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ କହିଥିଲେ, ଡ. ଆମ୍ବେଦକର ଜଣେ ମହାନ୍ ଚିନ୍ତାନାୟକ, ରାଷ୍ଟ୍ରନାୟକ ଓ ପ୍ରଜ୍ଞାର ପ୍ରତୀକ ଭାବେ ଅଭିହିତ। ସେ କହିଥିଲେ ଯେ, ବାବା ସାହେବଙ୍କ ଉଚ୍ଚ ଆଦର୍ଶ ଓ ମାନବୀୟ ମୂଲ୍ୟବୋଧର ପ୍ରଚାରପ୍ରସାର ପାଇଁ ସମସ୍ତଙ୍କର ମାନସିକତା ରହିବା ଉଚିତ୍। ସମାଜରୁ ଅସ୍ପୃଶ୍ୟତା ଓ ଭେଦଭାବ ଦୂର କରି ଏକ ସୁସ୍ଥ ତଥା ସମତାଭିତ୍ତିକ ସମାଜ ଗଠନ କରିବା ଥିଲା ବାବା ସାହେବଙ୍କ ପ୍ରଧାନ ଲକ୍ଷ୍ୟ। ମୁଖବକ୍ତା ଭାବେ ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ଜେନା କହିଥିଲେ, ଆଧୁନିକ ଭାରତର ନିର୍ମାଣରେ ବାବା ସାହେବଙ୍କ ଦୂରଦୃଷ୍ଟି ଅତୁଳନୀୟ। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ କହିଥିଲେ, ଶିକ୍ଷା ହିଁ ସମସ୍ତ ପରିବର୍ତ୍ତନର ମୂଳଦୁଆ ବୋଲି ବାବା ସାହେବ ସର୍ବଦା ବିଶ୍ୱାସ କରୁଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ କହିଥିଲେ, ସମାଜରୁ ଭେଦଭାବ ଦୂର କରି ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ହିଁ ବାବା ସାହେବଙ୍କ ପ୍ରତି ପ୍ରକୃତ ସମ୍ମାନ। ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ ବାବାସାହେବଙ୍କ ଜୀବନଶୈଳୀ ଓ ତ୍ୟାଗରୁ ଯୁବପିଢ଼ିମାନେ ପ୍ରେରଣା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପରିଚାଳନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟାଳୟର କର୍ମଚାରୀ ମିନାକ୍ଷୀ ଗରାବଡୁ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ଶିର୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ସାହାସପୁରର ଐତିହାସିକ ଝାମୁ ଯାତ୍ରା

ଧୂଷୁରୀ,୧୪।୪(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ସାହାସପୁର ପଞ୍ଚାୟତରେ ଐତିହାସିକ ପାଟୁଆ ଯାତ୍ରା ଓ ଝାମୁ ଯାତ୍ରା ଆରମ୍ଭ ହୋଇଛି। ଏହି ଝାମୁ ଯାତ୍ରା ବହୁ ପୁରାତନ। ଏହା ବୈଶାଖ ମାସ ସଂକ୍ରାନ୍ତି ୨ ଦିନ ପୂର୍ବରୁ ଆରମ୍ଭ ହୋଇ ବୈଶାଖ ମାସ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ପାଳିତ ହୋଇଥାଏ। ପ୍ରଥମେ ମା' ବୁଢ଼ୀ କାଳନ୍ଦୀ ଘଟ ରବିବାର ଗ୍ରାମ ପରିକ୍ରମା କରିଥିଲା ଓ ରାତି ୧୨ଟାରେ ଘଟରେ ବ୍ରାହ୍ମଣ ବା ମା'ଙ୍କ ଦେହୁରୀ ଧନେଶ୍ୱର ସାଏନ୍ତ ଘଟ ଉପରେ ପୂଜାର୍ଚ୍ଚନା କରିଥା'ନ୍ତି ଓ ମା' ବୁଢ଼ୀ କାଳନ୍ଦୀ ଥାଆନ୍ତି। ପ୍ରଥମ ରାତି ବା ନିଶାଘଟ ରାତିରେ ବୁଢ଼ୀ କାଳନ୍ଦୀ ମନ୍ଦିରରୁ ମା' ବାହାରି ଗ୍ରାମ ଭ୍ରମଣ କରି ସାରିବା ପରେ ବୋବାଳି ମନ୍ଦିର ବା ପଟୁପାଣି ମନ୍ଦିର ପର୍ଯ୍ୟନ୍ତ ଘଣ୍ଟଘଣ୍ଟା ହରିବୋଲ ହୁଳହୁଳି ବାଦ୍ୟ ତୁରୀରେ ପ୍ରକମ୍ପିତ ହୋଇଉଠେ। ଶେଷ ଦିନ ବା ସଂକ୍ରାନ୍ତି ଦିନ ନିଆଁ ପାଟ ସେ ଦିନର ଆକର୍ଷଣ ହେଉଛି ଖଜୁରୀ ଗଛ ଉପରେ ଚଢ଼ି ନାଚିବା ଓ ଡହଡହ ନିଆଁରେ ଚାଲିବା। ସୂଚନା ଅନୁଯାୟୀ, ଏହା ଜମିଦାରମାନେ ଗ୍ରାମର କଲ୍ୟାଣ ଓ ବିଶ୍ୱର ଶାନ୍ତି ନିମନ୍ତେ ଆରମ୍ଭ କରିଥିଲେ। ଯେଉଁ ଭକ୍ତମାନେ ନିଜର ଜୀବନର ସମସ୍ୟାରେ



ଛନ୍ଦି ହୋଇ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥା'ନ୍ତି, ସେମାନେ ମା' ବୁଢ଼ୀ କାଳନ୍ଦୀ ନିକଟରେ ଗୁଆ, ପଇସା ମୁଦା ବସାଇଥାନ୍ତି। ଏ ଯାତ୍ରାର ମୁଖ୍ୟ ଗ୍ରାମଦେବୀ ହେଲେ ମା' ବୁଢ଼ୀ କାଳନ୍ଦୀ, ମା' ବୋବାଳି, ମା' ମଙ୍ଗଳା, ମା' ବାସୁଳି, ମା' ବଟମଙ୍ଗଳା, ମା' ଶୂନ୍ୟ ମଙ୍ଗଳା। ଏହି ପୂଜାକୁ ସାହାସପୁର ଗାଁର ସ୍ୱତନ୍ତ୍ର କମିଟି ସଭାପତି ଅମର ମାଝୀ, ସମ୍ପାଦକ କାମଦେବ ସାଏନ୍ତ, କୋଷାଧ୍ୟକ୍ଷ କାଳନ୍ଦୀ ନାଏକ ପରିଚାଳନା କରନ୍ତି। ପୀଠରେ ୩ ଦିନ ପୂଜାର୍ଚ୍ଚନା ହୋଇଥାଏ। ଏହା ରାତ୍ର ସମୟରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଶରୀରରେ ମା'ଙ୍କ ଚଣ୍ଡୀ ଚାମୁଣ୍ଡାମାନେ ପ୍ରବେଶ କରନ୍ତି ବୋଲି ବିଶ୍ୱାସ କରାଯାଏ। ସେହି ୩ ଦିନ ଲୋକଙ୍କର ମାନସିକ ପୂରଣ ହୋଇଥାଏ ବୋଲି କୁହାଯାଏ। ତା' ସହିତ ବହୁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ମା'ଙ୍କ ପାଖରେ ମାନସିକ ରଖିଥାଆନ୍ତି। ମାନସିକ ପୂରଣ ହେଲେ ପିଲାମାନଙ୍କୁ ପାଟୁଆ କରି ମା'ଙ୍କ ପାଖରେ ରାତିରେ ନାଚି

## ଦେବଦେବୀ ପୀଠ ପରିଦର୍ଶନ କଲେ ବିଧାୟକ



ବାରିକପୁର,୧୪।୪(ସମିସ): ମଙ୍ଗଳବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ଏବଂ ହନୁମାନ ଜୟନ୍ତୀ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଦେବଦେବୀ ପୀଠ ପରିଦର୍ଶନ କରିଛନ୍ତି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ। ଅଁଳାଶୁଣି ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିବାବେଳେ ନୂତନ ତୋରଣ ପାଇଁ ଭିତ୍ତିପ୍ରସ୍ତର କରିଥିଲେ। ରାଜେନ୍ଦ୍ରପୁର ପଞ୍ଚାୟତ ଥଇଳାସ୍ଥିତ ବାବା ଦୁଃଖେଶ୍ୱରଙ୍କୁ ଦର୍ଶନ କରିବା ସହିତ ଏକ ଜଳଛତ୍ରକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହାଛଡ଼ା ନେରଡ଼ାସ୍ଥିତ ପ୍ରସିଦ୍ଧ ମା' ସୁନାମୁହିଁଙ୍କ ଚଡ଼କ ଯାତ୍ରାରେ ଶ୍ରୀ ମଲ୍ଲିକ ଯୋଗଦେଇଥିଲେ। ସାତଦିନ ଧରି ପୂଜା ଉତ୍ସବ ଆୟୋଜନ ହେଉଥିବାବେଳେ ବିଭିନ୍ନ ବିଷୟରେ ବିଧାୟକ ପୂଜା କମିଟି ସହିତ ଆଲୋଚନା କରିଥିଲେ। ପରିଦର୍ଶନବେଳେ ବିଜେଡି ବ୍ଲକ୍ ସଭାପତି ଲକ୍ଷ୍ମୀଧର ସାହୁ, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ମନୋରଞ୍ଜନ ସାହୁ, ବରିଷ୍ଠ ନେତା ଶରତ ଚନ୍ଦ୍ର ଜେନା, ଯୁବନେତା ଦିପ୍ତୀସୂର୍ଯ୍ୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକକବି ଜଗନ୍ନାଥ ପାଣିଙ୍କ ୧୯୧ତମ ଜୟନ୍ତୀ

ଭଦ୍ରକ,୧୪।୪(ସମିସ): ଲୋକକବି ଜଗନ୍ନାଥ ପାଣି ବହୁ ଓଡ଼ିଆ କାବ୍ୟ ଓ ଗୀତିନାଟ୍ୟ ରଚନା କରି ଓଡ଼ିଆ ସାରସ୍ୱତ ଜଗତର ମଣି ଭାବେ ପରିଚିତ ହୋଇଛନ୍ତି। ତାଙ୍କ ରଚନାବଳୀ ଆଜି ମଧ୍ୟ ଜନମାନସରେ ସତେଜ ରହିଛି ବୋଲି ଲୋକକବି ଜଗନ୍ନାଥ ପାଣି ସ୍ମୃତି ସଂସଦ ଆନୁକୂଲ୍ୟରେ କବିଙ୍କ ୧୯୧ତମ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ବ୍ଲକ୍ ନଳାଙ୍ଗଠାରେ ନାଟ୍ୟକାର ଅଟଳବିହାରୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡେପୁଟି



କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପକ ନିହାର ରଞ୍ଜନ କର, ନାଟ୍ୟକାର ରାମନାରାୟଣ ତ୍ରିପାଠୀ, ଜିଲ୍ଲା ଲୋକକଳା ସଂଗଠନର ଉପସଭାପତି ତ୍ରିଲୋଚନ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ମନମୋହନ ସଙ୍ଗୀତ ପରିଷଦର ଅଧ୍ୟକ୍ଷ କେଶବ ଚନ୍ଦ୍ର ଜେନା, ଅଧ୍ୟାପକ ଶିବଚରଣ ଖାମୁରାଇ, ଗୌରାଙ୍ଗ ଚନ୍ଦ୍ର ବାରିକ, କବି ସଂଯୁକ୍ତା ବଳ, ନାଟ୍ୟକାର ନିର୍ମଳ ଚନ୍ଦ୍ର ସ୍ୱାଇଁ, ବିଭୂତିଭୂଷଣ ପାଣି, ସନ୍ତୋଷ ପାଣି, ଯାତ୍ରା ଅଭିନେତ୍ରୀ ଅନୁପମା ଦାସ ପ୍ରମୁଖ ଯୋଗଦେଇ ଲୋକକବି ଜଗନ୍ନାଥ ପାଣିଙ୍କ ରଚନାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଜଗନ୍ନାଥ ପାଣିଙ୍କ ଛନ୍ଦକୁ ନେଇ ଗୀତିନାଟ୍ୟ ରଚନା କରିଥିବା ନାଟ୍ୟକାର ନିରଞ୍ଜନ ସ୍ୱାଇଁଙ୍କ ପୁସ୍ତକକୁ ମଞ୍ଚରେ ଉନ୍ମୋଚିତ କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଗଲା। ଉକ୍ତ କାର୍ଯ୍ୟକ୍ରମରେ କାଳନ୍ଦୀ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନାଟ୍ୟକାର ନିର୍ମଳ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' କୋଟିଳା ନାୟକାଣୀଙ୍କ ପୀଠରେ ପାନୀୟ ଜଳ ସଙ୍କଟ



ଅସୁରାଳି,୧୪।୪(ସମିସ): ଧାମନଗର ବ୍ଲକ୍‌ର ପ୍ରମୁଖ ଶକ୍ତିପୀଠ ନଦୀଗାଁ ପଞ୍ଚାୟତର ମା' କୋଟିଳା ନାୟକାଣୀଙ୍କ ପୀଠରେ ଏବେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ଓଡ଼ିଆ ନୂଆ ବର୍ଷ ତଥା ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ଏଠାରେ ୩ ଦିନ ଧରି ଭକ୍ତଙ୍କ ପ୍ରବଳ ସମାଗମ ହେଉଥିବାବେଳେ, ପାଣି ମୁନ୍ଦାଏ ପାଇଁ ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା, କିନ୍ତୁ ବ୍ୟବସ୍ଥା ଶୂନ୍। ଏହି ପୀଠକୁ ନଦୀଗାଁ, ହସନାବାଦ, ପଧାନୀ, ଅର୍ଜୁନପୁର, ଧୂଷୁରୀ ଓ ଦଳାଙ୍ଗ ପଞ୍ଚାୟତ ସମେତ ପଡ଼ୋଶୀ ଯାଜପୁର ଜିଲ୍ଲାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଉତ୍ସବ ସମୟରେ ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁଁ ପାନୀୟ ଜଳର ଆବଶ୍ୟକତା ବଢୁଥିଲେ ସୁଦ୍ଧା ପୀଠ ପରିସରରେ କୌଣସି ସ୍ଥାୟୀ ଜଳ ଯୋଗାଣ ବ୍ୟବସ୍ଥା ନାହିଁ। ଫଳରେ ଗରିବ ଓ ସାଧାରଣ ଭକ୍ତମାନେ ବାଧ୍ୟ ହୋଇ ବାହାରୁ ପାଣି ବୋତଲ କିଣି ପିଉଛନ୍ତି। ପୀଠରେ ପାନୀୟ ଜଳର ସ୍ଥାୟୀ ସମାଧାନ ପାଇଁ ପୂଜା କମିଟି ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ପୂଜା କମିଟି ସଭାପତି ଅଧ୍ୟାପକ ଡ. ରାମଚନ୍ଦ୍ର ପଣ୍ଡା ଓ ସମ୍ପାଦକ ପ୍ରଶାନ୍ତ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୂଜକ ଦେବେନ୍ଦ୍ର ପଣ୍ଡା ଓ କେଦାର ପଣ୍ଡା, ସଭ୍ୟ ମନୋଜ ବାରିକ, ରମାକାନ୍ତ ବସନ୍ତିଆ, ନୀଳାମ୍ବର ବସନ୍ତିଆ ପ୍ରମୁଖ ପ୍ରଶାସନଠାରେ ଉକ୍ତ ଦାବି କରିଛନ୍ତି।

# ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳିତ

ଧାମନଗର,୧୪।୪(ସମିସ)





ପବିତ୍ର ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ଅବସରରେ ସମଗ୍ର ଧାମନଗର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ, ସଂଗଠନ ଓ ରାଜନୈତିକ ଦଳ ତରଫରୁ ଦେବଦେବୀଙ୍କ ପୀଠରେ ପୂଜା, ହୋମ, ଯଜ୍ଞାଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ବିଶେଷକରି ହନୁମାନ ମନ୍ଦିରରେ ପ୍ରଭୁ ଶ୍ରୀହନୁମାନଙ୍କ ପୂଜାର୍ଚ୍ଚନା କରାଯିବା ସହିତ ପବିତ୍ର ହନୁମାନ ଚାଳିଶା ପାଠ କରାଯାଇଥିଲା। ପଣା ସଂକ୍ରାନ୍ତି ଅବସରରେ ଓଡ଼ିଆଙ୍କ ଘରେ ଘରେ ବେଲପଣାର ବ୍ୟବସ୍ଥା କରାଯାଇଥିବାବେଳେ ସମସ୍ତ ଦେବଦେବୀ ଓ ଶିବ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପଂକ୍ତିଭୋଜନର ଆୟୋଜନ କରାଯାଇଥିଲା। ସେହିପରି ଧାମନଗର ସହରାଞ୍ଚଳରେ ବୈଶାଖ ମାସର ପ୍ରଥମ ଦିନ ଓ ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ କାଉଡ଼ିଆ ସେବାସଂଘ ଧାମନଗର ତରଫରୁ ପଥଚାରୀମାନଙ୍କୁ ବେଲପଣା, ଥଣ୍ଡାପାଣି ଓ ସରବତ ବଣ୍ଟନ କରାଯାଇଛି। ଏଥିରେ ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ, ମନୋଜ ସିଂହ, ପ୍ରହ୍ଲାଦ ମହାପାତ୍ର, ସଞ୍ଜୟ ସ୍ୱାଇଁ, ବଳରାମ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଧାମନଗର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତସ୍ତରରେ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଜଳଛତ୍ର ବଣ୍ଟନ ବ୍ୟବସ୍ଥା କରାଯାଇଥିବା ବେଳେ ଏନ୍‌ଏସି ତରଫରୁ ମଧ୍ୟ ଜଳଛତ୍ର ଖୋଲାଯାଇଥିଲା।

### ବାରିକପୁର

ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଓଡ଼ିଆ ନବବର୍ଷ ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ଲକ୍‌ର ମାଳଦାଠାରେ ମହାବୀର ସେବା ସଂଗଠନ ପକ୍ଷରୁ ଆଡ଼ମ୍ବରପୂର୍ଣ୍ଣ ଭାବେ ହନୁମାନ ପୂଜା ଅନୁଷ୍ଠିତ ହୋଇଥିଲା। ସଂକଳ୍ପ କର୍ତ୍ତା ଭାବେ ନୃସିଂହଚରଣ ଖିଲାର, କନକ ଖିଲାର, ରବିନାରାୟଣ ଖିଲାର, ରେଣୁବାଳା ଖିଲାର ଦାୟିତ୍ୱ ନିର୍ବାହ କରିଥିଲେ। ବଡ଼ ମାଳଦା ହନୁମାନ ମନ୍ଦିରରେ ସମାଜସେବୀ ବୀରେନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ମହାବୀରଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସରସଦା ପଞ୍ଚାୟତ ତୁଳସୀପୁରଠାରେ ହନୁମାନ ପୂଜା ଆୟୋଜନ ହୋଇଥିବାବେଳେ ଏଥିରେ ଗିରିଶ ସାମଲ ଓ ରଶ୍ମି ସାମଲ ସଂକଳ୍ପ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

### ଭଣ୍ଡାରିପୋଖରୀ

ସେହିପରି ଭଣ୍ଡାରିପୋଖରୀ ବ୍ଲକ୍ ନେରଡାର ମା' ସୁନାମୁହିଁ ପୀଠ, ଥାଇଲା ଗ୍ରାମର ବାବା ଦୁଃଖେଶ୍ୱର ପୀଠ, ବୟାବନାପୁର ଗ୍ରାମର ମା' ବୁଢ଼ୀ ଜାଗୁଳାଇ ପୀଠ, ମଠସାହି ହନୁମାନ ମନ୍ଦିର ସମେତ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ହେବା ସହିତ ମଠସାହି ହନୁମାନ ମନ୍ଦିର ପରିସରରେ ବହୁ ସଂଖ୍ୟାରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ପଣା ସଂକ୍ରାନ୍ତି ଦିନରୁ ଗ୍ରୀଷ୍ମଋତୁର ପ୍ରକୋପ ବଢ଼ିଥାଏ ଏବଂ ଏହି ଦିନକୁ 'ହନୁମାନ ଜୟନ୍ତୀ' ଭାବେ ଭକ୍ତମାନେ ହନୁମାନଙ୍କୁ ଶକ୍ତି ଓ ସାହସର ପ୍ରତୀକ ଭାବେ ପୂଜା କରି ନୂତନ ବର୍ଷର ଶୁଭକାମନା କରନ୍ତି। ତେଣୁ ବିଷୁବ ସଂକ୍ରାନ୍ତିକୁ ପଣା ସଂକ୍ରାନ୍ତିର ନାଁ ଦିଆଯାଇଛି। ଆଜିର ଦିନରେ ପ୍ରତି ଘରେ ବଡ଼ବଡୁଆଙ୍କ ସମାଧି ସମେତ ମା'ମାନେ ତୁଳସୀ ଚଉରା ମୂଳେ ପୂଜା କରି ପ୍ରଥମେ ତୁଳସୀ ଚଉରା ମୂଳରେ ଛୋଟ ମାଠିଆରେ ପଣା ରଖି ମାଠିଆଟିକୁ ବାନ୍ଧିଥା'ନ୍ତି। ଏହି ଠେକିକୁ ବସୁନ୍ଧରା ବା ବସନ୍ତରା ଠେକି ବୋଲି ମଧ୍ୟ କୁହାଯାଏ।

# ଜନ୍ମସ୍ଥାନରେ ଉନ୍ମୋଚନ ହେଲା ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି

ମଙ୍ଗଳପୁର,୧୪।୪(ସମିସ)

ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଜଗନ୍ନାଥଙ୍କ ପରମ ଭକ୍ତ ବନ୍ଧୁମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ବନ୍ଧୁ ମହାନ୍ତିଙ୍କ ଜନ୍ମ ସ୍ଥାନ ଦଶରଥପୁର ବ୍ଲକ ଦଉପୁର ପଞ୍ଚାୟତ ଦଉପୁର ଗ୍ରାମରେ କିଛି ଦିନ ପୂର୍ବରୁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। କିଛି ଲୋକ ଏହାକୁ ବିରୋଧ କରି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଆଜି ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ସମାଜସେବୀ ନାରାୟଣ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱ ସଭାରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ପ୍ରଥମେ ବାବା ଗୋପୀନାଥଙ୍କ ନିକଟରେ ପୂଜାର୍ଚ୍ଚନା କରି ଜଗନ୍ନାଥଙ୍କ ସହିତ ଏକ ଶୋଭାଯାତ୍ରାରେ ବନ୍ଧୁ ମହାନ୍ତିଙ୍କ ପାଦକୁ ଆସିଥିଲେ। ପରେ ପରେ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ।



କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଯାଜପୁର ଜିଲ୍ଲା ସମାଜସେବୀ ରୂପେ ମହାପାତ୍ର, ୬ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବନ୍ଧୁ ମହାନ୍ତିଙ୍କ ବଂଶଧର ପିଣ୍ଟୁ ଦାୟାଦ ଦିଲ୍ଲୀପ ମହାନ୍ତି, ନନ୍ଦିପୁର ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ମହାନ୍ତି, କମାରଡିହ ପାକ୍ସ ସଭାପତି ଭାଗୀରଥି ସାହୁ, ଦଉପୁର ପଞ୍ଚାୟତ ସରପଞ୍ଚ ଶୁଚିସ୍ମିତା ମହାନ୍ତି, ବବିତା ମଲ୍ଲିକା, ଦଉପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ମନୋରଞ୍ଜନ ପରିଡା, ନିଜାମପୁର ପାକ୍ସ ସଭାପତି ସରୋଜ ସାହୁ, କଂଗ୍ରେସର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ସନ୍ତୋଷ ନନ୍ଦ, ଦେବେନ୍ଦ୍ର ପଣ୍ଡା, ଗୋପବନ୍ଧୁ ତ୍ରିପାଠୀ, ବାଟକୃଷ୍ଣ ମେକାପ, ପଳସାହି ପଞ୍ଚାୟତ ତ୍ରିଲୋଚନ ଦାସ, ଦୁବୁରାଖଣ୍ଡା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରଶ୍ମିରଞ୍ଜନ ସେଠୀ, ସମିତି ସଭ୍ୟାଙ୍କ ପ୍ରତିନିଧି ଶିଶିର କୁମାର ରାଉତ, ଶିକ୍ଷକ ନେତା ଧର୍ମାନନ୍ଦ ମଲ୍ଲିକ, ୱାର୍ଡ ସଭ୍ୟା ଝରଣା ଦାସଙ୍କ ସମେତ ବହୁ ଜଗନ୍ନାଥଙ୍କ ଭକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ମା' ସୁନାଗୋରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ମାଧପୁର ଚାମ୍ପିଅନ

ଭଦ୍ରକ,୧୪।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ମାଧପୁର ପଞ୍ଚାୟତ ଅଣଖାସାହି ଗାଁର ମା' ସୁନାଗୋରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମା' ଇଶାଣେଶ୍ୱରୀ କ୍ରିକେଟ୍ ଟିମ୍ ଚାମ୍ପିଅନ ହୋଇଛି। ସ୍ଥାନୀୟ ସରପଞ୍ଚ ବିନୋଦ ଦାସ, ଯୁବନେତା ମାନସ ଦାସ, ସରୋଜ ପଲାଇ, ବିଜୟ ପାତ୍ରୀ, ଅମିୟ ଦାସ, କଳ୍ପତରୁ ଦାସ, ତ୍ରିଲୋଚନ ବିଶାଳ, ପ୍ରଦୀପ ଦାସ, ଗିରିଧାରୀ ମହାକୁଡ଼ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା। ଉକ୍ତ ଖେଳରେ ମାଧପୁର ମା' ଇଶାଣେଶ୍ୱରୀ କ୍ରିକେଟ୍ ଟିମ୍ ୧୨ ଓଭରରେ ୧୧୩ ରନ୍ କରିଥିବାବେଳେ ସିଂହପୁର ରାଧାକୃଷ୍ଣ କ୍ରିକେଟ ଟିମ୍ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୯୨ ରନ୍ କରି ପରାସ୍ତ ହୋଇଥିଲା। ବିଜେତା ଟିମ୍ ମା' ଇଶାଣେଶ୍ୱରୀ କ୍ରିକେଟ ଟିମ୍‌କୁ ଏକ ଟ୍ରଫି ସହିତ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବାବେଳେ ଉପବିଜେତା ସିଂହପୁର ରାଧାକୃଷ୍ଣ କ୍ରିକେଟ ଟିମ୍‌କୁ ଏକ ଟ୍ରଫି ସହିତ ୩ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ଓଡ଼ିଆ ପକ୍ଷ ଉପଲକ୍ଷେ 'ଆମ ରୁଚି ଆମ ଖାଦ୍ୟ' ଦିବସ



ଭଦ୍ରକ,୧୪।୪(ସମିସ): ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ଓ ପଞ୍ଚାୟତ ସମିତି ପକ୍ଷରୁ 'ଆମ ରୁଚି ଆମ ଖାଦ୍ୟ' ଉତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ପ୍ରଚାରପ୍ରସାର କରିବା ସହ ନିଜସ୍ୱ ରୁଚି ଓ ପରମ୍ପରାଗତ ପଦାର୍ଥମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସରୋଜ କୁମାର ଦତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ସେମାନେ ଫାଷ୍ଟ ଫୁଡ୍ ଖାଦ୍ୟରୁ ଦୂରରେ ରହି ପାରମ୍ପରିକ ଓ ସୁସ୍ୱାଦୁ ଖାଦ୍ୟକୁ ଦୈନନ୍ଦିନ ଜୀବନରେ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଛୋଟ ଶିଶୁଠାରୁ ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଏହି ପାରମ୍ପରିକ ଖାଦ୍ୟକୁ ଅନୁସରଣ କରି ଓଡ଼ିଆ ପରମ୍ପରାକୁ ଉଜ୍ଜୀବିତ କରି ରଖିବାକୁ ଜୋର୍ ଦେଇଥିଲେ। ଏହାସହ ଉତ୍ସବରେ ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଖାଦ୍ୟକୁ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଦନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ ଯେ, ଓଡ଼ିଆ ଖାଦ୍ୟ ପରମ୍ପରା କେବଳ ସ୍ୱାଦ ନୁହେଁ, ଏହା ଆମ ପରିଚୟର ଅବିଚ୍ଛିନ୍ନ ଅଂଶ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନେ ଆତ୍ମନିର୍ଭରତା ଦିଗରେ ଅଗ୍ରସର ହେଉଛନ୍ତି। ଓଡ଼ିଆ ଅସ୍ମିତା, ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିବାରେ ସମସ୍ତଙ୍କ ସହଭାଗୀତା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ।

## ଚାନ୍ଦବାଲି କଂଗ୍ରେସ ପକ୍ଷରୁ ସମ୍ବିଧାନ ପାଇଁ ଗଣଦୌଡ଼



ଚାନ୍ଦବାଲି,୧୪।୪(ସମିସ): ଡ. ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଚାନ୍ଦବାଲିରେ କଂଗ୍ରେସ ପକ୍ଷରୁ 'ସମ୍ବିଧାନ ପାଇଁ ଗଣଦୌଡ଼' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବିଧାନର ସୁରକ୍ଷା ଓ ସଚେତନତା ବଢ଼ାଇବା ଲକ୍ଷ୍ୟରେ ଏହି ଗଣଦୌଡ଼ ଆୟୋଜିତ ହୋଇଥିଲା। କଂଗ୍ରେସର ବ୍ଲକ୍ ସଭାପତି ଶୁଭାଶିଷ ମଲ୍ଲିକ, ବଦ୍ରିନାଥ ନାୟକ, ନିର୍ମଳ ରାଉତ, ଦିଗମ୍ବର ସାହୁଙ୍କ ସମେତ ଶତାଧିକ କର୍ମୀ ଏହି ଗଣଦୌଡ଼ରେ ଯୋଗଦେଇଥିବା ବେଳେ ଚାନ୍ଦବାଲି କାଳୀମନ୍ଦିରରୁ ବାହାରି ପୂରା ବଜାର ପରିକ୍ରମା କରିଥିଲେ। ତେବେ ଏହି ଗଣଦୌଡ଼ରେ ସାମିଲ୍ ହୋଇଥିବା କଂଗ୍ରେସ କର୍ମୀମାନେ ସମ୍ବିଧାନର ସୁରକ୍ଷା ଓ ଲୋକତନ୍ତ୍ରର ମୂଲ୍ୟବୋଧ ରକ୍ଷା ପାଇଁ ସ୍ଲୋଗାନ ଦେବା ସହିତ ସମ୍ବିଧାନ ରକ୍ଷା ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ କରିଥିଲେ।

## ରୂପ୍‌ସାରୁ ବେଙ୍ଗାଲୁରୁକୁ ଗଡ଼ିବ ଗ୍ରୀଷ୍ମକାଳୀନ ସ୍ପେସାଲ୍ ଏକ୍ସପ୍ରେସ ଟ୍ରେନ୍

ବସ୍ତା ବ୍ଲକ,୧୪।୪(ସମିସ): ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ବିଭିନ୍ନ ରୁଟ୍‌ରେ କିଛି ଏକ୍ସପ୍ରେସ୍ ଟ୍ରେନ୍ ଚାଲିବା ନେଇ ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉତ୍ତର ବାଲେଶ୍ୱରର ବହୁ ପୁରାତନ ରୂପ୍‌ସା ଜଙ୍ଗସନ୍‌କୁ ଏକ ସ୍ୱତନ୍ତ୍ର ପରିଚୟ ମିଳିବାକୁ ଯାଉଛି। ମାସର ୬ ଥର ଏହି ଏକ୍ସପ୍ରେସ ଅପ୍ ଓ ଡାଉନ୍‌ରେ ଚାଲିବ। ଏ ନେଇ ରେଳ ବିଭାଗ ପକ୍ଷରୁ ୧୪ ଏପ୍ରିଲ ୪୧/୨୦୨୬- ୨୭ରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ଟ୍ରେନ୍ ନମ୍ବର ୦୬୫୪୫ ରୂପ୍‌ସାରୁ ବେଙ୍ଗାଲୁରୁ ଓ ଟ୍ରେନ୍ ନମ୍ବର ୦୬୫୪୬ ବେଙ୍ଗଲୁରୁରୁ ରୂପ୍‌ସାକୁ ଚାଲିବ ବୋଲି ଜଣାପଡ଼ିଛି। ବିଶେଷକରି ବେଙ୍ଗାଲୁରୁ ଟ୍ରେନ୍‌ରେ ଟିକଟ ମିଳିବା କଷ୍ଟକର ହେଉଥିବାବେଳେ ଏହା ଉତ୍ତର ବାଲେଶ୍ୱର ସହିତ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ଯାତ୍ରୀଙ୍କ ଯାତାୟାତରେ ଅନେକ ସୁବିଧା ହେବ। ରୂପ୍‌ସା ଜଙ୍ଗସନ୍ ବିକାଶର ଏକ ନୂଆ ଫର୍ଦ୍ଦ ଯୋଡ଼ି ହେବ ବୋଲି କୁହାଯାଉଛି। ଏହି ବିଜ୍ଞପ୍ତି ପ୍ରକାଶ ନେଇ ରୂପ୍‌ସା ରେଳ ବ୍ୟବହାରକାରୀ ସଂଘର ସଭାପତି ହରେନ୍ଦ୍ର ଦାସ ଓ ସମ୍ପାଦକ ସବେଶ ନାୟକ, ଉପସଭାପତି ଦେବାଶିଷ ମହାପାତ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଟାଟା ଷ୍ଟିଲ୍ ଓ ନୀଳାଚଳ ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ



ଦାନଗଦି, ୧୪।୪(ସମିସ) : ଅଗ୍ନିଶମ କର୍ମଚାରୀଙ୍କ ତ୍ୟାଗ ଏବଂ ସେବାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ମଙ୍ଗଳବାର ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ପରିସରରେ "ଜାତୀୟ ଅଗ୍ନିଶମ ସେବା ସପ୍ତାହ"ର ଶୁଭାରମ୍ଭ କରାଯାଇଛି। ସେବା ବେଳେ ସର୍ବୋଚ୍ଚ ବଳିଦାନ ଦେଇଥିବା ସହିଦ ଅଗ୍ନିଶମ ବାହିନୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଟାଟା ଷ୍ଟିଲ୍ କଳିଙ୍ଗନଗର ପରିସରରେ ଥିବା ସେଣ୍ଟ୍ରାଲ୍ ଫାୟାର୍ ଷ୍ଟେସନଠାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଟିଏସକେର ଅପରେସନ୍ସ ଭାଇସ୍ ପ୍ରେସିଡେଣ୍ଟ ଉତ୍ତମ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସହିଦମାନଙ୍କୁ ସ୍ମରଣ କରିଥିଲେ। କଳିଙ୍ଗନଗର ଅଗ୍ନିଶମ ଓ ସୁରକ୍ଷା ବିଭାଗ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଏକ "ଅଗ୍ନି ସୁରକ୍ଷା ସଚେତନତା ରଥ"ର ଶୁଭାରମ୍ଭ କରାଯାଇଥିଲା। ସେହିପରି ନୀଳାଚଳ ଇସ୍ପାତ ନିଗମଠାରେ ଆୟୋଜିତ ଉତ୍ସବରେ ସପ୍ଲାଇ ଚେନ୍ ମୁଖ୍ୟ ସୁଶାନ୍ତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହା ପରେ ଅଗ୍ନିଶମ ଏବଂ ଉଦ୍ଧାର କାର୍ଯ୍ୟର ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ଏହି ଅଗ୍ନିଶମ ସପ୍ତାହ ପାଳନ ଅବସରରେ ଟିଏସକେ ଏବଂ ଏନଆଇଏନଏଲ ପକ୍ଷରୁ କର୍ମଚାରୀ, ଟାଉନସିପ୍ ବାସିନ୍ଦା, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପାଇଁ କୁଇଜ୍, ସଚେତନତା ଶିବିର ଏବଂ ସୂଚନାପତ୍ର ବଣ୍ଟନ ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି।

## ଦର୍ଶନ ସାଂସ୍କୃତିକ ଏକାଡେମୀର ବାର୍ଷିକ ଉତ୍ସବ



ଭଦ୍ରକ,୧୪।୪(ସମିସ): ଭଦ୍ରକ ହେଉଛି ଓଡ଼ିଆ ସଂସ୍କୃତିର ଅନ୍ତୁଡ଼ିଶାଳ। ଓଡ଼ିଶାର ଜୀବନ ଓ ସମାଜକୁ ସମୃଦ୍ଧ କରୁଥିବା ପ୍ରତିଟି କ୍ଷେତ୍ର ଯଥା- କଳା, ସାହିତ୍ୟ, ସଂସ୍କୃତି, ରାଜନୀତି, ଅର୍ଥନୀତି ଆଦି ପ୍ରତି ବିଭବକୁ ଭଦ୍ରକର ଭୂୟସୀ ଅବଦାନ ରହିଛି। ଭଦ୍ରକ ଥିଲା ସ୍ୱାଧୀନତା ସଂଗ୍ରାମର ପ୍ରଜ୍ୱଳିତ କ୍ଷେତ୍ର। ବାସୁଦେବପୁରସ୍ଥ ରକ୍ତତୀର୍ଥ ଇରମ ଦେଶର ଦ୍ୱିତୀୟ ଜାଲିଆନା ୱାଲାବାଗ୍ ନାମରେ ଅଭିହିତ ବୋଲି ଦର୍ଶନ ସାଂସ୍କୃତିକ ଏକାଡେମୀ ପକ୍ଷରୁ ଶନିବାର ସନ୍ଧ୍ୟାରେ ଟାଉନ୍ ହଲ୍‌ଠାରେ ୧୦ମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଇଂ. ଅଭୟ ସୁତାର, ସମ୍ମାନିତ ଅତିଥି ଭାବେ ଏନ୍‌ସିସି କମାଣ୍ଡର ଡ. ସୁଦିପ ସାହୁ, ଆଇନଜୀବୀ ଗଦାଧର ବଳ, ସାହିତ୍ୟିକ ଚିତ୍ତରଞ୍ଜନ ମହାପାତ୍ର, ଚାରୁ ଓ କାରୁକଳା କଲେଜ ଅଧ୍ୟକ୍ଷ ମନୋଜ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। କବୟିତ୍ରୀ ସଂଯୁକ୍ତା ବଳ ମଞ୍ଚ ଆମନ୍ତ୍ରଣ, ଦର୍ଶନ ଏକାଡେମୀ ନିର୍ଦ୍ଦେଶିକା ଅର୍ଚ୍ଚନା ବଳ ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶକ ସୁଦର୍ଶନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ଗୁଲମକି ଦଲ୍‌ୱାଜି ହବିବ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶୀ ନୃତ୍ୟ ଗୁରୁ ତଥା ସିନେ ତାରକା ପ୍ରତିଭା ପଣ୍ଡା, କଣ୍ଠଶିଳ୍ପୀ ରାଜେନ୍ଦ୍ର ବଳ, ଗଣେଶ ସଙ୍ଗୀତ ବିଦ୍ୟାଳୟର ଅଧ୍ୟାପକ ସୁବାସ ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ନିର୍ଦ୍ଦେଶିକା ଅର୍ଚ୍ଚନା ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଗର୍ଜିଲା କଂଗ୍ରେସ




ଭଦ୍ରକ,୧୪।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହାନ୍ତି ଆବଶ୍ୟକୀୟ ସଂଖ୍ୟକ ଡାକ୍ତର କି ପାରା ମେଡିକାଲ ଷ୍ଟାଫ୍। ଫଳରେ ସ୍ୱାସ୍ଥ୍ୟ ସେବା ପାଇଁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନୁହେଁ, ସମସ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ମଧ୍ୟ ସମାନ। ଚାନ୍ଦବାଲି ଅଞ୍ଚଳରେ ଦିନକୁ ଦିନ ବିଗୁଡୁଥିବା ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଗର୍ଜିଲା କଂଗ୍ରେସ। ଏଭଳି ପରିସ୍ଥିତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହିତ ଧାମରାର ଆଦାନୀ କମ୍ପାନୀକୁ ଦାୟୀ କରିଛି। ଆଦାନୀ କମ୍ପାନୀର ଚୁକ୍ତି ଅନୁସାରେ କମ୍ପାନୀର ଲାଭାଂଶର ୫ପ୍ରତିଶତ ସ୍ଥାନୀୟ ଅଞ୍ଚଳର ଉନ୍ନୟନରେ ଖର୍ଚ୍ଚ କରିବା କଥା, ମାତ୍ର କମ୍ପାନୀ ତାହା ନ କରି ସରକାରୀ ଦଳର ନେତାଙ୍କୁ ଖୁସି କରିବାରେ ଲାଗି ପଡ଼ିଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ଆଦାନୀ କମ୍ପାନୀ ତା'ର ଲାଭାଂଶ ଟଙ୍କାରେ ଚାନ୍ଦବାଲିରେ ଏକ ସୁପର ସ୍ପେଶାଲିଟି ଡାକ୍ତରଖାନା ତିଆରି କରିବାକୁ ଦାବି କରିଛି କଂଗ୍ରେସ। ନଚେତ୍ ଆଗାମୀ ଦିନରେ ବ୍ଲକ୍ କଂଗ୍ରେସ ଚାନ୍ଦବାଲି ଜନସାଧାରଣଙ୍କ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଚାନ୍ଦବାଲି ବ୍ଲକ୍ କଂଗ୍ରେସ ସଭାପତି ଶୁଭାଶିଷ ମଲ୍ଲିକ, ଯୁବ ନେତା ମନୋଜ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ସୁରେନ୍ଦ୍ର ମହାନ୍ତି, ବ୍ଲକ୍ କଂଗ୍ରେସ ଉପସଭାପତି ଦିଗମ୍ବର ସାହୁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବଦ୍ରିନାଥ ନାୟକ, ଅର୍ଜୁନ ବେହେରା, ବ୍ଲକ୍ କଂଗ୍ରେସ ସମ୍ପାଦକ ସୁରେନ୍ଦ୍ର ପାଢ଼ୀ, ଯୁବ ନେତା ସୀତାଂଶୁ ନାୟକ, ଶରତ ଧଳ, ୧ ନମ୍ବର ଜୋନ୍ ସଭାପତି ନିମାଇଁ ଦାସ, କଂଗ୍ରେସ କର୍ମୀ ଗୋବିନ୍ଦ ମୁଦୁଲି ଓ ରମେଶ ନାୟକ ପ୍ରମୁଖ ଉପସ୍ଥିତି ଥିଲେ।

## ହନୁମାନ ଜୟନ୍ତୀରେ ବାଇକ୍ ରାଲି

ଜଳେଶ୍ୱର ବ୍ଲକ,୧୪।୪(ସମିସ): ଓଡ଼ିଆ ନବବର୍ଷ ଓ ପବିତ୍ର ହନୁମାନ ଜୟନ୍ତୀ ଅବସରରେ ଆଜି ହିନ୍ଦୁ ଜାଗରଣ ସେନା ପକ୍ଷରୁ ଜଳେଶ୍ୱର ବ୍ଲକ୍ ଖୁଆଡ଼ ଗ୍ରାମ ପଞ୍ଚାୟତରେ ଏକ ବିଶାଳ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ଭୋଲ ଛକଠାରୁ ବାଖୁଡ଼ିପଦା, ଲୁହାପଡ଼ା, କେନ୍ଦୁଖୁଣ୍ଟା, ନୂଆଗାଁ, ଉପରକୁଣ୍ଡି, ପୁରୁଣାପାଣି, ମହୁତୁମା ଦେଇ ଖୁଆଡ଼ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ବାଇକ୍ ଶୋଭଯାତ୍ରା ପରିକ୍ରମା କରିଥିଲା। ଏହି ଶୋଭଯାତ୍ରାରେ ମୁଖ୍ୟ ପରିଚାଳକ ଭାବେ ଯୁବ ନେତା ସୁଜିତ୍ କୁମାର ଦାସ, ସନତ କୁମାର ସାହୁ, ବାଦଲ ସୋରେନ, ତପନ ସାହୁ, ମହେନ୍ଦ୍ର ମାରାଣ୍ଡି, ବ୍ରଜ କିଶୋର ଗିରି, ଅଜିତ ବେହେରା, ଅଜିତ୍ ଘୋଷ, ତପନ ନନ୍ଦୀ, କିଶୋର ସାନକୀ, ସପନ ବିନ୍ଧାଣୀ, ଆମନ୍ତ୍ରିତ ଅତିଥି ତରୁଣ ପଟ୍ଟନାୟକ, ସଞ୍ଜୀବ ଜେନା, ସମୀର ଘୋଷ ପ୍ରମୁଖ ଯୋଗ ଦେଇ ଥିଲେ।

## ■ ନାବାଳିକା ମୃତ ଶିଶୁ ଜନ୍ମ ଦେବା ମାମଲା
## ଅଭିଯୁକ୍ତ ଅଦାଲତ ଚାଲାଣ

ପାଣିକୋଇଲି,୧୪।୪(ସମିସ): ନାବାଳିକାକୁ ବିବାହ କରି ଗର୍ଭବତୀ କରିବା ମାମଲାରେ ଅଭିଯୁକ୍ତ ପାଣିକୋଇଲି ପାଟସାହିର ମଙ୍ଗୁ ମୁଣ୍ଡାଙ୍କ ପୁଅ ଦଶରଥ ମୁଣ୍ଡା (୩୮)କୁ ପୁଲିସ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ୧୫ ବର୍ଷୀୟା ନାବାଳିକା ଯାଜପୁର ମେଡିକାଲରେ ମୃତ ସନ୍ତାନ ଜନ୍ମ ଦେଇ ଚିକିତ୍ସିତ ଅବସ୍ଥାରେ ଥିଲା। ପାଣିକୋଇଲି ଅଙ୍ଗନବାଡି କେନ୍ଦ୍ରର କର୍ମୀ ସୌଦାମିନୀ ସାହୁ ସୁପରଭାଇଜରଙ୍କ ଜରିଆରେ ସିଡିପିଓଙ୍କୁ ଲିଖିତ ଭାବେ ଜଣାଇବା ପରେ ସିଡିପିଓ ଶାନ୍ତିଲତା ବେହେରା ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ତଦନ୍ତ ଚଳାଉଥିବା ବେଳେ ଅଭିଯୁକ୍ତ ଫେରାର ଥିଲା। ପାଣିକୋଇଲି ପାଟସାହିର ଦଶରଥ ମୁଣ୍ଡା କରଦା ପଞ୍ଚାୟତ ପଳସା ଗ୍ରାମର ଜଣେ ନାବାଳିକାକୁ ପ୍ରେମବିବାହ କରିଆଣି ଘରେ ରଖିଥିଲା। ଗତ ୨୦୨୬ ଜାନୁଆରୀ ୧୩ ତାରିଖ ଅଙ୍ଗନବାଡି କେନ୍ଦ୍ରରେ ଇଞ୍ଜେକସନ ନେଇଥିବା ବେଳେ ଫେବୃଆରୀ ୩ ତାରିଖ ନାବାଳିକା ଗର୍ଭବତୀ ହୋଇ ଇଞ୍ଜେକସନ ନେବାକୁ ଅଙ୍ଗନବାଡି କେନ୍ଦ୍ରକୁ ଆସିବାରୁ ଜନ୍ମ ତାରିଖରୁ ଘଟଣା ଜଣାପଡିଥିଲା। ହେଲେ ଏଦିଗରେ ସମସ୍ତେ ଚୁପ ରହିଥିଲେ। ନାବାଳିକାର ମୃତ ସନ୍ତାନ ଜନ୍ମ ହେବା ପରେ ପୁଲିସ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ନାବାଳିକାର ବୟାନ ନେବା ସହ ତଦନ୍ତ କରୁଥିଲା। ଏନେଇ ଏକ ମାମଲା ୧୧୭/୨୮ ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଏବେ ଦଶରଥ ଧରାପଡ଼ିବା ପରେ ତାକୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ସୁମିତ କୁଜୁର ପ୍ରକାଶ କରିଛନ୍ତି।

## ନ୍ୟାୟ ନ ପାଇ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତା ପରିବାର

ପାଣିକୋଇଲି,୧୪।୪(ସମିସ): ମାମଲା ରୁଜୁ କଲା ବେଳେ ପୁଲିସ ସଠିକ ଦଫା ଲଗାଇବାରେ ଟାଳଟୁଳ ନୀତି ଅବଲମ୍ବନ କରିଛି। ମାମଲାରେ ଦଫା ଲଗାଇବା ବେଳେ ଏସ୍‌ସିଏସ୍‌ଟି ଦଫାକୁ ଛାଡି ଅନ୍ୟ ଦଫା ଲଗାଇବା ନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ଏହି ମାମଲାରେ ଜାତିଗତ ଦଫା ଲଗାଇବାକୁ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ସଠିକ ଦଫା ଲଗାଇବାକୁ ଦାବି କରିଛି। ପ୍ରକାଶଯେ ଯାଜପୁର ଥାନା ଅନ୍ତର୍ଗତ ଚିତାଳ ଗ୍ରାମର ସଞ୍ଜୁଲତା ଯେନାଙ୍କ ଅଭିଯୋଗ ମୁତାବକ ତାଙ୍କ ପୁଅ ବିକ୍ରମ ଗତ ୮ ତାରିଖ ଚିତାଳ ବଜାରକୁ ଯାଇଥିଲା। ସେଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ କୁଆଡେ ଗଲା ବୋଲି ଖୋଜାଖୋଜି କରିଥିଲେ। ପରେ ଜାଣିବାକୁ ପାଇଲେ ଇଟିରା ଗ୍ରମାର ଅନନ୍ତ ସାହୁ ଚିତାଳ ଠାରେ ତାକୁ ଜାତିଆଣା ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ବିକ୍ରମ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ୪ଦିନ ରହି ଚିକିତ୍ସିତ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୧୪୮/୨୬ ରୁଜୁ କରିଥିଲେ ହେଁ ଜାତିଆଣା ଦଫା କରିନଥିଲା। ଯାହାକୁ ନେଇ ଏସ୍‌ପିଙ୍କୁ ଭେଟି ଏତଲା ଅନୁଯାୟୀ ଦଫା ଲଗାଇବାକୁ ନିବେଦନ କରିଥିଲେ।

## ମହିଳାଙ୍କ ମୁହଁରେ ଏସିଡ୍ ପକାଇବାକୁ ଧମକ

ପାଣିକୋଇଲି,୧୪।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ପଳସା ଗ୍ରାମରେ ଜଣେ ଯୁବକ ଛଣ ଗଦାରେ ନିଆଁ ଲଗାଇବା ସହ ମୁହଁରେ ଏସିଡ ପକାଇ ପୋଡ଼ି ଦେବାକୁ ଧମକ ଦେବା ପରେ ମହିଳା ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାକଶଯେ ପଳସା ଗ୍ରାମର କାହ୍ନୁଚରଣ ସାହୁଙ୍କ ସ୍ତ୍ରୀ ନିରୁପମା ସାହୁଙ୍କ ଅଭିଯୋଗ ମୁତାବକ ତାଙ୍କ ଦେଢ଼ଶୁରଙ୍କ ପୁଅ କଳାକାର ସାହୁ ରବିବାର ରାତ୍ରୀରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କର ଦୁଇଟି ଛଣ ଗଦାରେ ନିଆଁ ଲଗାଇଦେଇଥିଲା। ଛଣ ଗଦା ପୋଡିଯିବା ସହ ଏହାର ପ୍ରଭାବରେ ଦୁଇଟି ଆମ୍ବଗଛ ପ୍ରଭାବିତ ହୋଇଥିଲା। ଥାନାକୁ ଗଲେ ମୁହଁରେ ଏସିଡ୍ ପକାଇ ପୋଡ଼ି ଦେବାକୁ ଧମକ ଦେଇଥିଲା। ଏନେଇ ନିରୁପମା ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ଗାଡ଼ି ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ସୁକିନ୍ଦା,୧୪।୪(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାରେ ଏକ ଦୁର୍ଘଟଣା ଘଟି ଦୁଇ ଭାଇଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ବାଲିଝାଟି ଗ୍ରାମ ରବି ପ୍ରଧାନଙ୍କ ପୁଅ ରମାକାନ୍ତ ପ୍ରଧାନ(୨୫)ଙ୍କର ମୃତ୍ୟୁ ଘଟିଥିବା ବେଳେ ନୟା ପ୍ରଧାନଙ୍କ ପୁଅ ହୃଷୀକେଶ(୨୨) ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଏହି ଦୁଇ ଭାଇ ସୋମବାର ରାତିରେ କଳିଙ୍ଗନଗରରୁ ଘରକୁ ଫେରୁଥିବା ସମୟରେ ସୁକିନ୍ଦା ଟସର ଫାର୍ମ ନିକଟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଆହତ ଦ୍ୱୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ରମାକାନ୍ତ କୁ ମୃତ ଘୋଷଣା କରିବା ସହ ଗୁରୁତର ଆହତ ହୃଷୀକେଶକୁ ପ୍ରାଥମିକ ଚିକିତ୍ସା କରି କଟକ ସ୍ଥାନାନ୍ତର କରିଥିବା ଜଣାପଡିଛି। ସୂଚନା ପାଇ ପୋଲିସ ମୃତଦେହ ଜବତ କରି ଘଟଣା ସ୍ଥଳରୁ ବାଇକ୍ ଜବତ କରିବା ସହ ଦୁର୍ଘଟଣା ଘଟାଇ ପାର ହୋଇଥିବା ଗାଡ଼ିକୁ ଚିହ୍ନଟ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି।

## ଶ୍ରଦ୍ଧାକ୍ଷେତ୍ରରେ ବଜରଙ୍ଗବାଲିଙ୍କ ମନ୍ଦିର ପାଇଁ ଭୂମିପୂଜନ

ବାଲିଆପାଳ,୧୪।୪(ସମସ): ଉତ୍ତର ବାଲେଶ୍ୱରର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଶ୍ରଦ୍ଧାକ୍ଷେତ୍ର ପରିସରରେ ଆଜି ବଜରଙ୍ଗବାଲିଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାକ୍ଷେତ୍ର ପରିସରରେ ବାବା କାଶୀ ବିଶ୍ୱନାଥ ମନ୍ଦିର, ମା ବିମଳାଙ୍କ ମନ୍ଦିର ତଥା ମା ମହାଲକ୍ଷ୍ମୀଙ୍କ ମନ୍ଦିର ରହିଥିଲାବେଳେ ନିକଟରେ ବିଘ୍ନରାଜ ଗଣେଶଙ୍କ ମନ୍ଦିର ନୂତନ ଭାବେ ନିର୍ମାଣ ହୋଇଛି।



ନାଟ ମଣ୍ଡପର ପ୍ରବେଶ ଦ୍ୱାର ନିକଟରେ ବିଘ୍ନରାଜ ଗଣେଶଙ୍କ ସହିତ ବଜରଙ୍ଗବାଲି ପୂଜା ପାଇ ଆସୁଥିଲେ। ମାତ୍ର ମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ସହାୟତାରେ ବଜରଙ୍ଗବାଲିଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଆଜି ହନୁମାନ ଜୟନ୍ତୀ ଅବସରରେ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାପତି ଶ୍ରୀଜଗନ୍ନାଥଙ୍କ ଉତ୍ତର ପାଶ୍ୱର୍ରେ ଥିବା ମା ମହାଲକ୍ଷ୍ମୀଙ୍କ ମନ୍ଦର ସମ୍ମୁଖରେ ବଜରଙ୍ଗବାଲିଙ୍କ ମନ୍ଦିର ପ୍ରତିଷ୍ଠା ହେବ। ଆଜିର ଏହି ଭୂମିପୂଜନ ଉତ୍ସବରେ ଶ୍ରଦ୍ଧାପତିଙ୍କ ମୁଖ୍ୟ ପୂଜକ ବିଷ୍ଣୁ ଦାସ ପାଠୀ, ବଳଦେବ ପଣ୍ଡା ତଥା ସୋମନାଥ ପାଣିଗ୍ରାହୀ ପ୍ରମୁଖ ଭୂମିପୂଜନ କାର୍ଯ୍ୟକ୍ରମ କରିଥିଲେ। ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ସପତ୍ନୀକ ହୋମ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା କମିଟିର ସଭାପତି ବ୍ରଜକିଶୋର ଭୂୟାଁ, ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପୁତ୍ର ଦିବ୍ୟକାମ ମହାନ୍ତି, ମୁରଲୀ ମୋହନ ସାହୁ, ମଧୁସୂଦନ ସାହୁ, ପ୍ରଫୁଲ୍ଲ ସାହୁ, ମଧୁସୂଦନ ବାରିକ, କାଳୀଚରଣ ଦେ, ପ୍ରିୟନାଥ ସେଠୀଙ୍କ ସମେତ ଅନ୍ୟ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଶ୍ରମ ଆଇନକୁ ବେଖାତିର୍; ଖରାରେ ସିଝୁଛନ୍ତି ଶ୍ରମିକ

ବାରିକପୁର,୧୪।୪(ସମିସ)



ଏବେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ଖରାର ପ୍ରକୋପ ମଧ୍ୟ ବଢ଼ିବାରେ ଲାଗିଛି। ଗ୍ରୀଷ୍ମକୁ ଆଖିଆଗରେ ରଖି ସରକାର ଶ୍ରମିକମାନଙ୍କ ପାଇଁ ନୀତି ନିର୍ଘଣ୍ଟ ସ୍ଥିର କରିଛନ୍ତି। ସରକାରୀ ଭାବେ ହେଉ କିମ୍ବା ବେସରକାରୀ ଭାବେ ହେଉ ଶ୍ରମିକମାନେ ଦୈନିକ ଅପରାହ୍ଣ ୧୧ଟା ସୁଦ୍ଧା କାର୍ଯ୍ୟକ୍ଷେତ୍ର ସାରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ପରିତାପର ବିଷୟ ଜାତୀୟ ରାଜପଥ ଉପରେ ଶ୍ରମିକମାନେ ଉଦୁଉଦିଆ ଖରାରେ କାମ କରୁଛନ୍ତି। ଏଠାରେ ଶ୍ରମ ଆଇନକୁ ସମ୍ପୂର୍ଣ୍ଣ ଭାବେ ବେଖାତିର୍ କରାଯାଉଥିବା ବେଳେ ଏବେ ଦିନ ୧୧ଟାରୁ ୩ଟା ମଧ୍ୟରେ ମହିଳା ଓ ପୁରୁଷ ଶ୍ରମିକ ରାସ୍ତା ଉପରେ କାମ କରୁଛନ୍ତି। ଶ୍ରମିକ ଠିକାଦାର ଓ ଠିକା ସଂସ୍ଥା ଶହଶହ ଶ୍ରମଜୀବୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଉନାହାନ୍ତି। ଜାତୀୟ ରାଜପଥରେ ଦୈନିକ ନିୟୋଜିତ ହେଉଥିବା ଶ୍ରମିକଙ୍କୁ ଛାଡ଼ିଦେଲେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ବିଭାଗର ରାସ୍ତା ତଥା ଅନ୍ୟାନ୍ୟ କୋଠାବାଡ଼ି ନିର୍ମାଣ କାର୍ଯ୍ୟରେ ଶ୍ରମିକଙ୍କୁ ବେଆଇନ ଭାବେ ନିଯୁକ୍ତ କରାଯାଉଛି। ଏହା ଉପରେ ଜିଲ୍ଲା ଶ୍ରମ ବିଭାଗ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

## ବସ୍ତାରେ ଓଡ଼ିଆ ନବବର୍ଷ

ବସ୍ତା ବ୍ଲକ୍,୧୪।୪(ସମିସ): ବସ୍ତା ବ୍ଲକ୍ ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ମଙ୍ଗଳବାର ଓଡ଼ିଆ ସମାଜ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ ହୋଇଛି। ପିନାକୀ ନାରାୟଣ ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅଧ୍ୟାପକ ରତିକାନ୍ତ ଦାସ ଅଧିକାରୀ ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପୁଲିସ ଅଧିକାରୀ ଅସିତ୍ କୁମାର ମହାନ୍ତି, ଯୋଗ ଦେଇ ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା ର ସୁରକ୍ଷା ଦିଗରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ସଂସ୍କୃତ ଶିକ୍ଷକ ପଣ୍ଡିତ ବିଶ୍ୱରଞ୍ଜନ ପାଣି ଶର୍ମା, ଯୋଗଦେଇ ନୂଆ ବର୍ଷରେ ମେହାବିଷୁବ ପଣା ସଂକ୍ରାନ୍ତିର ତାତ୍ପର୍ଯ୍ୟ, ବର୍ଷ ଗଣନା, କାଳ ଗଣନା, ଯୁଗ ବର୍ଣ୍ଣନା, ଉପରେ ଆଲୋକପାତ କରିବା ସହିତ ଓଡ଼ିଆ ସଂସ୍କୃତି ର ସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ ଗଣନା ମାସ, ତିଥି, ଜଗନ୍ନାଥ ସଂସ୍କୃତି ରେ କାହିଁକି ଏହି ଦିନ କୁ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଏ ତାହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମାଜସେବୀକା ରଶ୍ମି ରେଖା ଲେଙ୍କା, ସମାଜସେବୀ ଶଙ୍କର କୁମାର କର, ଶିକ୍ଷକ ସୁଶାନ୍ତ କୁମାର ପୁଷ୍ଟି, ଅଶୋକ କୁମାର ମଲ୍ଲିକ, ଅଞ୍ଜନ କୁମାର ମହାନ୍ତି, ଅବସର ପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ପରିଡ଼ା, ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଟ୍ରକ୍‌କୁ ଧକ୍କାଦେଲା ଅନ୍ୟ ଏକ ଟ୍ରକ୍, ହେଲପର ମୃତ

ଜଳେଶ୍ୱର,୧୪।୪(ସମିସ)



ଜାତୀୟ ରାଜପଥ କଡ଼ରେ ଛିଡ଼ା ହୋଇଥିବା ମାଲ ବୋଝେଇ ଟ୍ରକ୍‌କୁ ଧକ୍କାଦେଲା କୁକୁଡ଼ା ପରିବହନ କରୁଥିବା ଟ୍ରକ୍। ଫଳରେ ଘଟଣାସ୍ଥଳରେ ହେଲପରର ମୃତ୍ୟୁ ହୋଇଥିବାବେଳେ ଡ୍ରାଇଭର ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନାନୁଯାୟୀ ଜଳେଶ୍ୱର ନିକଟ ୬୦ନମ୍ବର ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ୍ ଗେଟର ଅନତି ଦୂରରେ ଛିଡ଼ା ହୋଇଥିବା ଏକ ମାଲ ବୋଝେଇ ଟ୍ରକ୍‌ର ପଛ ପଟରୁ ଏକ କୁକୁଡ଼ା ପରିବହନ କରୁଥିବା ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ସମ୍ମୁଖରେ ବସିଥିବା ହେଲପରର ମୃତ୍ୟୁ ହୋଇଯାଇଥିବା ବେଳେ ଡ୍ରାଇଭର ଚାପି ହୋଇରହି ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ, ପୁଲିସ ଓ ରାଜପଥ ଉଦ୍ଧାରକାରୀ ଦଳ ପହଞ୍ଚି ଡ୍ରାଇଭରକୁ ଉଦ୍ଧାର କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ହସ୍‌ପିଟାଲକୁ ନିଆଯାଇଥିଲା। କୁକୁଡ଼ା ବୋଝେଇ ଟ୍ରକ୍‌ଟି ପ୍ରତିଦିନ କେନ୍ଦ୍ରାପଡ଼ାରୁ ପଶ୍ଚିମବଙ୍ଗର ପାଶଁକୁଡ଼ାକୁ କୁକୁଡ଼ା ପରିବହନ କରୁଥିଲା।

## ମୁକୁନ୍ଦେଶ୍ୱର ମହାଦେବଙ୍କ ଚଡ଼କ ଯାତ୍ରା ସମ୍ପନ୍ନ

ବାଲେଶ୍ୱର ସଦର,୧୪।୪ (ସମିସ): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ସାର୍ଥା ଗ୍ରାମରେ ବାବା ମୁକୁନ୍ଦେଶ୍ୱର ମହାଦେବଙ୍କ ଚଡ଼କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମରହଟ୍ଟା ଶାସନ ସମୟରେ ଏହି ମନ୍ଦିର ନିର୍ମାଣ ହୋଇଥିଲା। ସର୍ବ ପୁରାତନ ଶୈବପୀଠ ହେଉଛି ସାର୍ଥା ଗ୍ରାମର ବାବା ମୁକୁନ୍ଦେଶ୍ୱର ଶୈବପୀଠ। ଆଜକୁ ପ୍ରାୟ ଦୁଇଶତ ବର୍ଷ ଧରି ବାବାଙ୍କର ପୀଠରେ ଚଡ଼କ ଯାତ୍ରା ପାଳିତ ହୋଇଆସୁଛି। ଏହି ଗ୍ରାମର ଶ୍ରୀଧର ନନ୍ଦ ଏବଂ ଡାକ୍ତର ତାରାକାନ୍ତ ନନ୍ଦ ବାବାଙ୍କ ମନ୍ଦିରରେ ପୂଜକ ଭାବେ ପୂଜାପାଠ କରି ଆସୁଥିବାବେଳେ ଶୁଭ୍ରକାନ୍ତ ନନ୍ଦ ଯାତ୍ରା ସମୟରେ ପୂଜା



ଦାୟିତ୍ୱ ତୁଲାଇଥାନ୍ତି। ଚଳିତବର୍ଷ ୧୫୯ ଜଣ ପୁରୁଷ ଓ ୩୪ ଜଣ ମହିଳା ଭକତା ପଇତା ଧାରଣ କରି ଉଡ଼ା ଖୁଣ୍ଟରେ ଉଡ଼ି ବ୍ରତ ସମାପନ କରିଥିଲେ। ଏହି ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ମୁଖ୍ୟ ନରେନ୍ଦ୍ର ନାଥ ମଲ୍ଲିକ, ସଦସ୍ୟ ତପନ କୁମାର ବେହେରା, ରଶ୍ମୀରଞ୍ଜନ ମଲ୍ଲିକ, ସଂଗ୍ରାମ ମଲ୍ଲିକ ନରୋତ୍ତମ ମଲ୍ଲିକ, ଜଗନ୍ନାଥ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ବାସନ୍ତୀ ମଲ୍ଲିକ ମହିଳା ଭକ୍ତଙ୍କ ଦାୟିତ୍ୱ ତୁଲାଇଥିଲେ। ଏହି ମେଳାରେ ବିଶେଷକରି ୭ ଜଣ ଭକ୍ତ ଶରୀରରେ କଣ୍ଟା ଧାରଣ କରିଥିଲେ।

## ବିଭିନ୍ନ ଶୈବ ପୀଠରେ ଚଡ଼କ ଯାତ୍ରା ଉଦ୍‌ଯାପିତ

ବାଲିଆପାଳ,୧୪।୪(ସମିସ): ବାଲିଆପାଳ ବ୍ଲକ୍‌ର ପ୍ରମୁଖ ଶୈବପୀଠ ଖଗଡେଶ୍ୱରଙ୍କ ସମେତ ବିଭିନ୍ନ ଶୈବପୀଠରେ ଆଜି ଚଡ଼କଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶୈବ ପୀଠଗୁଡ଼ିକରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା। ଖଗଡ଼େଶ୍ୱର ପୀଠରେ ୧୩ଦିନ ଧରି ବ୍ରତ ଧାରଣ କରିଥିବା ବ୍ରତଧାରୀମାନେ ଆଜି ଅପରାହ୍ଣରେ ବିଶାଳ ଶୋଭାଯାତ୍ରାରେ ତେର ଭକ୍ତଙ୍କ ସହ ମଧୁପୁରାସ୍ଥିତ ହାକାଣ୍ଡ ପୋଖରୀକୁ ଯାଇଥିଲେ। ପରମ୍ପରା ଅନୁଯାୟୀ ଏହି ଭକ୍ତମାନେ ମାଳଚନ୍ଦିନୀ ହେବା ପରେ ଦେବ ଦେବ ମହାଦେବଙ୍କ ନିକଟରେ ନିଜର ମାନସିକ କରିଥିଲେ। ଏହି ଦିନରେ ନିଜ ଶରୀରକୁ କଷ୍ଟଦେଇ ଶିବଙ୍କୁ ଆରାଧନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସରେ ବହୁ ଭକ୍ତ ନିଜ ଦେହକୁ ଲୁହା କଣ୍ଟା, ଛୁଞ୍ଚି ଆଦିରେ ଫୋଡ଼ି ବାଦ୍ୟର ତାଳେ ତାଳେ ନୃତ୍ୟ କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ବହୁ ଭକ୍ତ ଜିଭରେ ମଧ୍ୟ କଣ୍ଟା ଫୋଡ଼ିଥିଲେ। ସେହିପରି ଶତାଧିକ ମହିଳା



ଭକ୍ତ ମୁଣ୍ଡରେ ଧୁଣାସରା ମୁଣ୍ଡାଇ ଏକ ପଟୁଆରରେ ମନ୍ଦିର ପର୍ଯ୍ୟନ୍ତ ଆସି ବେଢ଼ା ପରିକ୍ରମା କରିଥିଲେ। ଦୀର୍ଘ ତେର ଦିନ ଧରି ଚାଲିଥିବା ଏହି ପର୍ବର ଉଦ୍‌ଯାପନୀ ଉତ୍ସବରେ ଭକ୍ତଙ୍କ ସମେତ ସାଧାରଣ ଦର୍ଶକ ମଧ୍ୟ ମହାଦେବଙ୍କ ନିକଟରେ ନିଜର ଶୁଭ ମନାସୀଥିଲେ। କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରବଳ ଜନଗହଳି ହୋଇଥିଲା। ପାଟଭକ୍ତା ଭାବେ ପଦ୍ମଲୋଚନ ସାହୁ, ଶ୍ରୀବେକିଡ଼ି ଭାବେ ପ୍ରଭାସ କୁମାର ସାହୁ, ପୂଜକ ସତ୍ୟନାରାୟଣ ପାଠୀ ରହିଥିଲାବେଳେ ଖଗଡ଼ାପାଳ ଗ୍ରାମକମିଟି ତରଫରୁ ଗ୍ରାମ ମୁଖ୍ୟ ମଧୁସୂଦନ ସାହୁ, ମୁରଲୀ ମୋହନ ସାହୁ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ, ପ୍ୟାରୀ ମୋହନ ବିଶ୍ୱାଳ, କୁଞ୍ଜବିହାରୀ ବାରିକଙ୍କ ସମେତ ଗ୍ରାମପରିଚାଳନା କମିଟି ପରିଚାଳନା କରିଥିଲା। ସେହିଭଳି ଜଗାଇସ୍ଥିତ ନାଭଡେଶ୍ୱର, ନିଖିରେଶ୍ୱର, କୁଶୁଡିହା, ଜାଠିଆ, ଚାନ୍ଦମଣି ପ୍ରଭୃତି ପୀଠରେଚଡ଼କଯାତ୍ରା ପାଳିତ ହୋଇଯାଇଛି। ବାଲିଆପାଳ ପୁଲିସ ଓ ଜାମକୁଣ୍ଡା ଫାଣ୍ଡି ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷାକରାଯାଇଥିଲା। ରାତ୍ରୀରେ ଶୈବପୀଠମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

● ଓଡ଼ିଆ ପକ୍ଷରେ ପିଠା ପ୍ରଦର୍ଶନୀ

## 'ଫାଷ୍ଟଫୁଡ୍ ବଦଳରେ ମା'ମାନେ ପିଲାଙ୍କୁ ପିଠା ଦିଅନ୍ତୁ'

ବାଲିଆପାଳ,୧୪।୪(ସମସ): ଓଡ଼ିଆ ନବବର୍ଷ ଉପଲକ୍ଷେ ଓଡ଼ିଆ ପକ୍ଷ ପାଳନ ଅବସରରେ ବାଲିଆପାଳ ବ୍ଲକ୍ ସଭାଗୃହ ମଧ୍ୟରେ ମଙ୍ଗଳବାର ପାରମ୍ପରିକ ପିଠାପଣା, ମୁରୁଜ, ଚିତା ଆଦି ମହିଳାମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ବିଡିଓ ରାଧା ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ୨୨ ଟି ସ୍ୱୟଂ ସହାୟିକା



ଗୋଷ୍ଠୀର ମହିଳାମାନେ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନ ମଣ୍ଡଳୀର ବିଜେପି ନେତା ରବୀନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ମହିଳାଙ୍କୁ ଉତ୍ସାହିତ କରିବା ସହିତ ଓଡ଼ିଆମାନଙ୍କର ପିଠା ଅତ୍ୟନ୍ତ ପ୍ରିୟ ଏବଂ ଫାଷ୍ଟ ଫୁଡ୍ ଖାଦ୍ୟକୁ ବର୍ଜନ କରି ମା'ମାନେ ପିଲାମାନଙ୍କୁ ବିଭିନ୍ନ ପ୍ରକାର ପିଠା ଖାଇବାକୁ ଦେବା ଉଚିତ୍ ବୋଲି କହିଥିଲେ। ଜିପିଡିଓ ପ୍ରିୟବ୍ରତ ଗିରି ପିଠା ପରଖି ଥିଲେ। ଏହି ପରିପ୍ରେକ୍ଷୀରେ ୬ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଲମ୍ବୋଦର ମାହାନା, ଅଞ୍ଜନ କୁମାର ଦାସ, ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିପିଏମ ଉତ୍ତମ କୁମାର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମନୋଜ କୁମାର ହେଲପିଙ୍ଗ ସୋସାଇଟି ପକ୍ଷରୁ ସେବା କାର୍ଯ୍ୟ

ରେମୁଣା,୧୪।୪(ସମିସ): ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ, ହନୁମାନଙ୍କ ଜୟନ୍ତୀ ଏବଂ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଅବସରରେ ମନୋଜ କୁମାର ହେଲପିଙ୍ଗ ସୋସାଇଟି ତରଫରୁ ସେବା ଯୋଗାଇ ଦିଆଯାଇଥିଲା। ସଂଗଠନର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ୩୦୦ରୁ ଊର୍ଦ୍ଧ୍ୱ ବୃଦ୍ଧ ମା' ବାପାଙ୍କ ପାଇଁ ପାନୀୟ



ଜଳ, ଗ୍ଲୁକୋଜ, ପ୍ରବଳ ଗ୍ରୀଷ୍ମ ପାଇଁ ଟୋପି, ହନୁମାନ ଚାଳିଶା ବହି ପ୍ରଦାନ କରାଯାଇଥିଲା। ସଂଗଠନର ସଦସ୍ୟ ସୁକାନ୍ତ ଜେନା, ଦୀପକ ଜେନା, ଗଣେଶ ଗିରି, ରାକେଶ ପାତ୍ର, ସଞ୍ଚିତ ରାୟ, ସରୋଜ କୁମାର ସାହୁ ସହଯୋଗର ହାତ ବଢ଼ାଇଥିଲେ। ସଂଗଠନର ଏହି ମହତ କାମପାଇଁ ମନ୍ଦିର କମିଟିର ସଦସ୍ୟମାନେ ସାଧୁବାଦ ଦେଇଥିଲେ।

## ବିନା ଇନ୍‌ସ୍ୟୁରାନ୍ସରେ ଚାଲିଛି ଶତାଧିକ ଗାଡ଼ି, କଡ଼ାକଡ଼ି ହେବ ଯାଞ୍ଚ

ଖଇରା,୧୪।୪(ସମିସ): ବାଲେଶ୍ୱର ଜିଲ୍ଲା ସୋର -କୁପାରି ରାଜ୍ୟ ରାଜପଥ ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ଏହି ରାସ୍ତା ଉପରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ପ୍ରତିଦିନ ହଜାର ହଜାର ଲୋକ ଯାତାୟତ କରିଥାନ୍ତି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟିଥାଏ। ଦୁର୍ଘଟଣା ପରେ ଦୁର୍ଘଟଣା ଘଟାଇଥିବା ଗାଡ଼ିରେ ଇନ୍ସୁରାନ୍ସ ନଥିବା ଜଣାପଡ଼ିଛି। ବର୍ତ୍ତମାନ ପ୍ରତିଦିନ ହଜାର ହଜାର, ବାଇକ୍, ଯାତ୍ରୀବାହୀ ଗାଡ଼ି, ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଅଟୋ ଚାଲିଥିବାବେଳେ ବଡ଼ ବଡ଼ ଟ୍ରକ୍‌ରେ ବାଲି, ମେଣ୍ଟାଲ ଓ ଚିପ୍ସ ନେଇ ଯାଉଥିବା ଅନେକ ଗାଡ଼ିରେ ମଧ୍ୟ ଇନ୍ସୁରାନ୍ସ ନଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପରିବହନ ବିଭାଗ ଯାଞ୍ଚ ଉପରେ ବଡ଼ ପ୍ରଶ୍ନ ବାଚି ସୃଷ୍ଟି କରିଛି। ପରିବହନ ବିଭାଗ ବାଇକ୍ ଚାଳକଙ୍କୁ ଧରି ଜୋରିମାନା ଆଦାୟ କରି ବାହାବା ନେଉଥିବା ବେଳେ ବଡ଼ ବଡ଼ ଗାଡ଼ି ଯାଞ୍ଚ କେବେ ହେବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବିଷୟରେ ଜିଲ୍ଲା ସଡ଼କ ଓ ପରିବହନ ବିଭାଗ ଅଧିକାରୀ ସମେରେନ୍ଦ୍ର ରାଉତଙ୍କୁ ପଚାରିବାରୁ କହିଛନ୍ତି ଯେ ଖୁବ୍‌ଶୀଘ୍ର ଏକ ଟିମ୍ ଗଠନ କରି ଏକକାଳୀନ ବିଭିନ୍ନ ସ୍ଥାନରେ ଯାଞ୍ଚ ହେବ।

## ମହାବୀର ଜୟନ୍ତୀରେ କଳସ ଶୋଭାଯାତ୍ରା



ଜଳେଶ୍ୱର,୧୪।୪(ସମିସ): ମହାବୀର ଜୟନ୍ତୀ ଉପଲକ୍ଷେ ଉପଲକ୍ଷେ ଶ୍ରୀ ଶ୍ରୀ ବଜରଙ୍ଗବାଲୀ ପୂଜା କମିଟି ନନ୍ଦିକା ତରଫରୁ ୫ଦିନ ବ୍ୟାପି କାର୍ଯ୍ୟାକ୍ରମ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ସକାଳେ ସୁବର୍ଣ୍ଣରେଖା ନଦୀରୁ ଘଟୋତ୍ତଳନ ପୂର୍ବକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ୧୮ ତାରିଖ ଯାଏ ଅନୁଷ୍ଠିତ ହେବ। ଏହି କଳସ ଶୋଭା ଯାତ୍ରାରେ ଆଦିତ୍ୟ ନାରାୟଣ ପାତ୍ର, ଘନଶ୍ୟାମ ପାତ୍ର, ସତ୍ୟ ରଞ୍ଜନ ଭଞ୍ଜ, ବ୍ରଜଗୋପାଳ ଗିରି, ପାର୍ଥସାରଥି ଭଞ୍ଜ, ମୁକ୍ତାରାମ ପାତ୍ର, ସୁଜିତ ଗିରି, ରବୀନ୍ଦ୍ର ପାତ୍ରଙ୍କ ସହିତ ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଜୟ ମହାବୀର କମିଟି, ରାଜପୁର ତରଫରୁ ମହାବୀର ଜୟନ୍ତୀ ଅବସରରେ ହୋମଯଜ୍ଞ ଓ ପୂଜା ଅନୁଷ୍ଠିତ ହେଉଅଛି। ଏହି ଉପଲକ୍ଷେ ଏକ ବିଶାଳ କଳସ ଶୋଭାଯାତ୍ରା ସକାଳେ ସୁବର୍ଣ୍ଣରେଖା ନଦୀର ରାଜପୁର ଘାଟରୁ ଆରମ୍ଭ ହୋଇ ପୂଜା ସ୍ଥଳ ପର୍ଯ୍ୟନ୍ତ ଆସିଥିଲା। ଏହି କାର୍ଯ୍ୟକ୍ରମକୁ କମିଟିର ସଭାପତି ତପନ ବିଶ୍ୱାଳ, ସମ୍ପାଦକ ଦେଶରାଜ ଦେ, ସମାଜସେବୀ ଗଣେଶ ପାତ୍ର, ଜୟଦେବ ବିଶ୍ୱାଳ, କମଳାକାନ୍ତ ଦେ, ନବୀନ ଗିରି, ନନ୍ଦଦୁଲାଲ ଜେନା, ସଂଜୀବ ଦତ, କରଣ ବିଶ୍ୱାଳ, ମନୋରଞ୍ଜନ ପ୍ରମାଣିକ, ସୋମନାଥ ଘୋଷ, ରାଜା ବିଶ୍ୱାଳ, ସଂଗ୍ରାମ ବିଶ୍ୱାଳ, ରାଜା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ପଥଚାରୀଙ୍କୁ ପଣା ବଣ୍ଟନ

ଜଳେଶ୍ୱର ବ୍ଲକ,୧୪।୪(ସମିସ): ପଣା ସଂକ୍ରାନ୍ତି ଉପଲକ୍ଷେ କେନ୍ଦୁଖୁଣ୍ଟା ବନପାଳ ଦିଲ୍ଲୀପ କୁମାର ସିଂଙ୍କ ସହଯୋଗରେ ଆଜି ଲୁହାପଡ଼ା ମୁଖ୍ୟ ରାସ୍ତାରେ ପଥଚାରୀଙ୍କୁ ଦହି ସରବତ ସାଙ୍ଗକୁ ବେଲ ପଣା ବଣ୍ଟନ କରାଯାଇଛି। ଏଥିରେ ଉପସ୍ଥିତ ରହିଥିଲେ କାସୁ ମୁର୍ମୁ, ଆୟୁଷ୍ମାନ ପାତ୍ର, ଶୀତଳ ସିଂ, ଉମାକାନ୍ତ ମହାନ୍ତ, ଶିବ ସିଂ, ମୁଚିରାମ ଟୁଡ୍ଡୁ,



ମଣ୍ଡନ ମୁର୍ମୁ, ରବି ପାତ୍ର, ଜଗନ୍ନାଥ ପାତ୍ର, ଦିଲ୍ଲୀପ ପାତ୍ର, ନିପୁ ମହାନ୍ତ, ବିଶ୍ୱଜିତ ବାସ୍କେଙ୍କ ସମେତ ଫାୟାର ସ୍କ୍ୱାଡ୍, ଲୁହାପଡ଼ା ବନ ସୁରକ୍ଷା ସମିତର ସମସ୍ତ କର୍ମଚାରୀ ଓ ସେଚ୍ଛାସେବୀ ଉପସ୍ଥିତ ରହି ପଥଚାରୀଙ୍କୁ ସେବା ପ୍ରଦାନ କରିଥିଲେ।

## ସିମୁଳିଆରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ

ସିମୁଳିଆ,୧୪।୪(ସମିସ): ସିମୁଳିଆ ବ୍ଲକ୍ ସବଙ୍ଗ ପଞ୍ଚାୟତ ତେନ୍ତୁଳିଆ ଗ୍ରାମରେ ଶ୍ରୀଶ୍ରୀ ଦୁର୍ଗାମାଧବ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଏକ ଦିବସୀୟ ମହାଯଜ୍ଞରେ ସୁଶାନ୍ତ ପଣ୍ଡା ଓ ଲୋପାମୁଦ୍ରା ପଣ୍ଡାଙ୍କ ସମେତ ଗ୍ରାମବାସୀ ସ୍ଥାନୀୟ ରେବ ନଦୀରୁ କଳସ ଶୋଭାଯାତ୍ରାରେ ବାହାରି ଯଜ୍ଞସ୍ଥଳକୁ ଜଳକଳସ ଆଣିଥିଲେ। ପରେ ବିଧି ଅନୁସାରେ ମହାଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ପୂଜକ ପଣ୍ଡିତ ନିରଞ୍ଜନ ପଣ୍ଡା, ପଣ୍ଡିତ ଦୟାନିଧି ପତ୍ରୀ, ଜନ୍ମେଜୟ ଦାଶ, ରାମ ମିଶ୍ରଙ୍କ ସମେତ ୧୫ରୁ ଅଧିକ ପଣ୍ଡିତ ଉପସ୍ଥିତ ରହି ମହାଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ମହାଯଜ୍ଞ ଗ୍ରାମବାସୀ ଗ୍ରାମର ସୁରକ୍ଷା ଏବଂ ସମାଜର କଲ୍ୟାଣ ନିମନ୍ତେ ୧୨ବର୍ଷ ଧରି କରିଆସୁଛନ୍ତି। ଏଥିରେ ମୁଖ୍ୟ ଉଦ୍ୟୋକ୍ତା ରବୀନ୍ଦ୍ର ଭଞ୍ଜ, ବାସୁଦେବ ଦଳେଇ, ବାବୁ ମାଝୀ, ବିଷ୍ଣୁରାମ ମାଝୀ, ନିରଞ୍ଜନ ବରାଳ, ଗୋବିନ୍ଦ ମାଝୀ, ଧ୍ରୁବ ମାଝୀ, ଉପେନ୍ଦ୍ର ଭଞ୍ଜ, ଅମୂଲ୍ୟ ଜେନା, ବିଷ୍ଣୁ ଦାଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ। ୫ରୁ ଅଧିକ ଗ୍ରାମର ଶତାଧିକ ଲୋକଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



# ବିଭିନ୍ନ ସ୍ଥାନରେ ଆମ୍ବେଦକରଙ୍କ ଜୟନ୍ତୀ

କାଳିପଦା,୧୪।୪(ସମିସ)





**ସୁବର୍ଣ୍ଣରେଖା ପ୍ରେସ୍‌କ୍ଲବ୍:** ବାଲିଆପାଳର ସୁବର୍ଣ୍ଣରେଖା ପ୍ରେସ୍‌କ୍ଲବ ପକ୍ଷରୁ ଆଜି ସମ୍ବିଧାନ ନିର୍ମାତା ଡ. ଭୀମରାଓ ଆମ୍ବେଦକରଙ୍କ ୧୩୬ ତମ ଜୟନ୍ତୀ କ୍ଲବ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ବିଆରସିସି ମନ୍ମଥ କୁମାର ସାହୁ, ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଳା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଧାଂଶୁ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ଗୋପାଳ ସାହୁ, ଦିଲ୍ଲୀପ କୁମାର ଦାସ, କବୟିତ୍ରୀ ସବିତା ଦାସ, ଜୟନ୍ତୀ ଜେନା ପ୍ରମୁଖ ଯୋଗ ଦେଇ ଆମ୍ବେଦକରଙ୍କ ଜୀବନ ଦର୍ଶନ ଓ ତ୍ୟାଗ ପୁତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଶ୍ରୀହରୀ ମଣ୍ଡଳ, ସନ୍ୟାସୀ ବେହେରା, ମନୋଜ କୁମାର ସି, ମନୋରଞ୍ଜନ ବେହେରା ପ୍ରମୁଖ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରେସ କ୍ଲବ ସମ୍ପାଦକ ସଦାଶିବ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କ୍ଷିତୀଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଆମ୍ବେଦକରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ଥିଲା।

**ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ ସମିତି:** ବାଲିଆପାଳ ବ୍ଲକ୍ ଚୌମୁଖ ସୁବର୍ଣ୍ଣରେଖା



ବନ୍ଦର କଲ୍ୟାଣ ସମିତି ପକ୍ଷରୁ ମଙ୍ଗଳବାର ବ୍ଲକ ଛକ ଶୁଭମ କଲ୍ୟାଣ ମଣ୍ଡପରେ ଭାରତ ରତ୍ନ ବାବା ସାହେବ ଆମ୍ବେଦକରଙ୍କ ୧୩୫ ତମ ଜନ୍ମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ ମୁଖ୍ୟ ଅତିଥି, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟିର ଆବାହକ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି ମୁଖ୍ୟ ବକ୍ତା, ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ଦାସ, ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ନ୍ୟାସୀ ବେହେରା, ବାଘା ଯତୀନ ସ୍ମୃତି ସେବା ପରିଷଦ ମୁଖ୍ୟ କ୍ଷିତୀଶ ଜେନା, ସମାଜସେବୀ ସୁକାନ୍ତ କୁମାର ରଣା, ବିଜୟ କୁମାର ପାତ୍ର, କବୟିତ୍ରୀ ସବିତା ଦାସ, ବିଶ୍ୱ ହିନ୍ଦୁ ପରିଷଦ ସମ୍ପାଦକ ଶ୍ରୀହରୀ ମଣ୍ଡଳ, ପ୍ରାକ୍ତନ ଏସ୍‌ଆଇଅଫ୍ ସ୍କୁଲସ୍ କୁମୁଦ ରଞ୍ଜନ ଗିରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ. ଆମ୍ବେଦକରଙ୍କ ଭାରତ ପାଇଁ ତାଙ୍କର ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ଏଡିଏମ୍ ବଜେଲ ମାଝୀ ସଭାରେ ପୌରୋହିତ୍ୟ କରିଥିବାବେଳେ ଉମାକାନ୍ତ ଜେନା ଅତିଥି ପରିଚୟ ଓ ଡିଏସଟିଭି ପରିଚାଳକ ସଦାଶିବ ସେଠୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ।

**ନୀଳଗିରି:** ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଣକୋଇଲି ଗ୍ରାମରେ ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି, ମହାବୀର ଶ୍ରୀ ହନୁମାନ ଜୟନ୍ତୀ ଏବଂ ସମ୍ବିଧାନର



ପ୍ରଣେତା ଡକ୍ଟର ବି. ଆର ଆମ୍ବେକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପବିତ୍ର ଅବସର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଗଙ୍ଗାଧର ମିଶ୍ର, ସମାଜସେବୀ ମଦନ ମୋହନ ମାଝୀ, ସୁଧୀର ରଞ୍ଜନ ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ହେମେନ୍ଦ୍ର ରାଜ, ଲୋକନାଥ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ଏହି କାର୍ଯ୍ୟକ୍ରମ ଆମ ସମସ୍ତଙ୍କ ମନରେ ଏକତା, ସମାନତା ଓ ସେବାର ଭାବକୁ ଆହୁରି ଦୃଢ଼ କରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ଗଣେଶ ସାହୁ, ନରେନ୍ଦ୍ର ସାହୁ, ପରମେଶ୍ୱର ବେହେରା, ଗୋପୀନାଥ ପାତ୍ର, ପିତାମ୍ବର ହାତୀ ପ୍ରମୁଖ ଶତାଧିକ ଗ୍ରାମ ବାସୀ ଉପସ୍ଥିତ ଥିଲେ।

**ନୀଳଗିରି କଂଗ୍ରେସ କାର୍ଯ୍ୟାଳୟରେ:** ଆମ୍ବେଦକରଙ୍କ ଜୟନ୍ତୀ କଂଗ୍ରେସ ବ୍ଲକ୍ ସଭାପତି ତପନ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ



ବାବା ସାହେବ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲା ସାଧାରଣ ସମ୍ପାଦକ ଯଶୋଦା ନନ୍ଦନ ସିଂହ ଓପଦା ବ୍ଲକ୍ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା ନଗର ସଭାପତି ଉପେନ୍ଦ୍ର ନାଥ ବେହେରା, ଏନ୍‌ଏସି କୃଷକ ସେଲ ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି, ପୂର୍ବତନ ବ୍ଲକ୍ ଉପାଦକ୍ଷ ରାମକୃଷ୍ଣ ଜେନା, ତେଲିପାଳ ପଞ୍ଚାୟତ ସଭାପତି ସୁରେନ୍ଦ୍ର ନାଥ ଦାଶ, ପୀତାମ୍ବର ମିଶ୍ର, ପ୍ରମୋଦ କୁମାର ମହାଳିକ, ବିଜୁ ଦନାକ, ରବୀନ୍ଦ୍ର ନାୟକ, ମିଥୁନ ସିଂ, ମାଟିଆଳି ପଞ୍ଚାୟତର ଯୁବ ସଂଗଠକ ପ୍ରଶାନ୍ତ ପ୍ରଧାନ, ଜୟଦେବ ସ, ଦିବ୍ୟଜ୍ୟୋତି ଆଚାର୍ଯ୍ୟ ସମେତ ବହୁ କର୍ମୀ ଯୋଗଦେଇ ବାବାସାହେବ ଆମ୍ବେଦକରଙ୍କ କର୍ମମୟ ଜୀବନ ଓ ତାଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଯଶୋଦା ନନ୍ଦନ ସିଂହ ଧନ୍ୟବାଦ ଦେଇଥିଲେ।

**ଚନ୍ଦନେଶ୍ୱର :** ଭୋଗରାଇ ବ୍ଲକ୍ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର କୀର୍ତ୍ତନିଆସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପ୍ରାଙ୍ଗଣରେ ଆମ୍ବେଦକର ବିକାଶ ପରିଷଦ, କୀର୍ତ୍ତନିଆ ଶାଖା ପକ୍ଷରୁ ଭାରତ ରତ୍ନ ଡଃ ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳା ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଆୟୋଜିତ ସଭାରେ ପରିଷଦର ଶାଖା ସଭାପତି ବସନ୍ତ କୁମାର ମଙ୍ଗଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ନାରାୟଣ ମହାନ୍ତି ପଡ଼ିଆ ସରପଞ୍ଚ ରାଧାରାଣୀ ବେହେରା ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ବେହେରା, ସମିତି ସଭ୍ୟ ବିଶ୍ୱନାଥ ଗିରି, ଅବସରପ୍ରାପ୍ତ ଶିକ୍ଷକ ନନ୍ଦଦୁଲାଲ ବେଜ, ରବୀନ୍ଦ୍ର ପରିଡ଼ା, ନିତ୍ୟାନନ୍ଦ କର, ପଦ୍ମଲୋଚନ ମାଝୀ ଓ ସୌମ୍ୟାରାଣୀ ମଙ୍ଗଳ ପ୍ରମୁଖ ଯୋଗ ଦେଇ ଡ. ଆମ୍ବେଦକରଙ୍କ ଜୀବନୀ, ସମ୍ବିଧାନ ରଚନାରେ ତାଙ୍କ ଅମୂଲ୍ୟ ଅବଦାନ ଓ ସମାଜ ସୁଧାରରେ ତାଙ୍କ ଭୂମିକା ବିଷୟରେ ଅଲୋଚନା କରିଥିଲେ।

**ରାଜଘାଟ :** ବସ୍ତା ବ୍ଲକ ଭେଲୋରାସ୍ଥିତ ମା' ତାରିଣୀ କଲ୍ୟାଣ ମଣ୍ଡପରେ ଆମ୍ବେଦକର ବିଚାର ମଞ୍ଚ ପକ୍ଷରୁ ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ



ଆମ୍ବେଦକରଙ୍କ ସ୍ୱପ୍ନର ଭାରତ ଓ ଆମ ସମ୍ବିଧାନ ସମ୍ପର୍କୀତ ଆଲୋଚନା କରାଯାଇଥିଲା। ସଭାରେ ଭେଲୋରା ସରପଞ୍ଚ ଦୁର୍ଗାରାଣୀ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରବୀଣ କୁମାର ଦାସମହାପାତ୍ର, ମୁଖ୍ୟ ବକ୍ତା ଓଡ଼ିଶା ହାଇକୋର୍ଟର ଆଇନଜୀବୀ ସରୋଜ ସେଠୀ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଉର୍ମିଳା ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ରବୀନ୍ଦ୍ର କୁମାର ଭଞ୍ଜ ମଞ୍ଚ ଆହ୍ୱାନ କରିଥିବା ବେଳେ ଏମସିଏମ୍ ଏକାଡେମୀ ପ୍ରତିଷ୍ଠାତା ବିକର୍ତ୍ତନ କବି ସଂଗୀତ ପରିବେଷଣ କରିଥିଲେ। କୁନି କଳାକାର ବିଶ୍ୱ କଲ୍ୟାଣୀ ସାହୁ ସ୍ୱାଗତ ନୃତ୍ୟ କରିଥିଲେ। ଅଭିମନ୍ୟୁ ଅଣ୍ଡିଆ, ବିରଞ୍ଜନ ଦାସ ମହାପାତ୍ର, ଅଞ୍ଜଳି ପ୍ରଧାନ, ସୁଶାନ୍ତ ସାହୁ, ଗୌରୀ ଶଙ୍କର ଜେନା, କାର୍ତ୍ତିକ ଚନ୍ଦ୍ର ପାତ୍ର, ନାରାୟଣ କିସ୍କୁ, ବୁଦ୍ଧିରାମ ମାଝୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ନୂତନ ବ୍ୟବସାୟ ଆରମ୍ଭ କରି ପାରନ୍ତି । ଇଚ୍ଛା ମୁତାବକ କାମ ହେବ । ଆଶା କରିଥିବା ଦିଗରୁ ଧନ ମିଳିବ । ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ । ଲୋକ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଅଚାନକ ଖର୍ଚ୍ଚ ବଢ଼ିପାରେ । ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିପାରନ୍ତି । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ ।

**କର୍କଟ:** ଯୋଜନା ମୁତାବକ କାମ କରନ୍ତୁ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇ ପାରେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଅତିଥି ସତ୍କାର କରିପାରନ୍ତି ।

**ସିଂହ:** ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ମାନସମ୍ମାନ ବୃଦ୍ଧି ପାଇବ ।

**କନ୍ୟା:** ଯୋଜନା ମୁତାବକ କାମ କରନ୍ତୁ । ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ । ଉଦ୍ଧାର ଦେଇଥିବା ଟଙ୍କା ଫେରି ପାଇବେ । ପରଚର୍ଚ୍ଚାଠାରୁ ଦୂରେଇ ରୁହନ୍ତୁ ।

**ତୁଳା:** ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ । ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ । ପେଟଜନିତ ସମସ୍ୟା ହୋଇପାରେ । ଦାନ ଧର୍ମ କରନ୍ତୁ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ । ଲକ୍ଷ୍ୟ ପୂରା ହେବ । କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ । ପୁରୁଣା ନିବେଶରୁ ଲାଭ ମିଳିପାରେ । ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ ।

**ଧନୁ:** ଅଟକି ଥିବା ଧନ ଫେରି ପାଇବେ । ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଚକ୍ଷୁ ସମସ୍ୟା ଭୋଗି ପାରନ୍ତି । ଆପଣଙ୍କ ମନୋସ୍କାମନା ପୂର୍ଣ୍ଣ ହେବ ।

**ମକର:** କିଛି ଘଟଣା ଆପଣଙ୍କ ଚିନ୍ତାକୁ ବଢ଼ାଇପାରେ । ନିଜକୁ ଶାନ୍ତ ରଖନ୍ତୁ । ଦିନଟି ସୁଖପ୍ରଦାନ କରିବ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ । ଲୋକସମ୍ପର୍କ ବୃଦ୍ଧି ପାଇବ ।

**କୁମ୍ଭ:** ନୂତନ ବ୍ୟବସାୟ ଆରମ୍ଭ କରିବା ପାଇଁ ବର୍ତ୍ତମାନ ସମୟ ଅନୁକୂଳ । ଅଚାନକ ଖୁସି ଖବର ମିଳିପାରେ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ ।

**ମୀନ:** ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ । ଅଯଥା ଖର୍ଚ୍ଚ କରିପାରନ୍ତି । ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ ।

## ଆଜିର ଦିନରେ

- ୧୪୬୯ - ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକଙ୍କ ଜନ୍ମ ।
- ୧୮୧୭ - ଆମେରିକାରେ ମୂକବଧିରଙ୍କ ପାଇଁ ପ୍ରଥମ ସ୍କୁଲ ଖୋଲାଗଲା ।
- ୧୯୨୩ - ମଧୁମେହ ରୋଗୀଙ୍କ ପାଇଁ ଇନ୍‌ସୁଲିନ୍ ବଜାରରେ ଉପଲବ୍ଧ ହେଲା ।
- ୧୯୪୮ - ହିମାଚଳ ପ୍ରଦେଶ ରାଜ୍ୟର ଗଠନ ହୋଇଥିଲା ।
- ୨୦୧୨ - ପାକିସ୍ତାନର ଏକ ଜେଲ୍ ଉପରେ ଆକ୍ରମଣ ପରେ ୪୦୦ ଆତଙ୍କବାଦୀ ଫେରାର୍ ହୋଇଗଲେ ।

## 'ରାକା'

# ଅଲ୍ଲୁଙ୍କୁ ୧୭୫, ଦୀପିକାଙ୍କୁ ୨୫





ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ ଫିଲ୍ମ 'ରାକା'ର ପୋଷ୍ଟର୍ ଜାରି ହେବା ପରେ ତାଙ୍କ ଲୁକ୍ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଏହା ଏକ ହାଇ ବଜେଟ୍‌ର ସାଇନ୍ସ ଫିକ୍ସନ୍ ଫିଲ୍ମ ହେବ । ଏଥିରେ ଅଲ୍ଲୁଙ୍କ ବିପକ୍ଷରେ ଦୀପିକା ପାଦୁ୍ୟକୋନ୍ ନଜର ଆସିବେ । ଏହି ଫିଲ୍ମ ପାଇଁ ଦୀପିକାଙ୍କୁ ଅଲ୍ଲୁ ଅପେକ୍ଷା ବହୁତ କମ୍ ପାରିଶ୍ରମିକ ମିଳିଥିବା ଚର୍ଚ୍ଚା ହେଉଛି । ସେ ଅଲ୍ଲୁଙ୍କଠାରୁ ସାତ ଗୁଣ କମ୍ ପାରିଶ୍ରମିକ ନେଇଥିବା କୁହାଯାଉଛି । ଅଲ୍ଲୁ ଏହି ଫିଲ୍ମ ପାଇଁ ୧୭୫ କୋଟି ନେଇଥିବାବେଳେ ଦୀପିକା ୨୫ କୋଟି ନେଇଛନ୍ତି । ଏଥିରେ ରଶ୍ମିକା ମନ୍ଦାନା ମଧ୍ୟ ଅଭିନୟ କରୁଛନ୍ତି । ରଶ୍ମିକା ଏହି ଫିଲ୍ମ ପାଇଁ ୫-୭ କୋଟି ନେଇଛନ୍ତି । ତେବେ ଏହି ଫିଲ୍ମରେ କଳାକାରମାନଙ୍କ ଫିସ୍ ସାମ୍ନାକୁ ଆସିବା ପରେ ପୁଣି ଥରେ ଇଣ୍ଡଷ୍ଟ୍ରୀରେ ମହିଳା, ପୁରୁଷ କଳାକାରମାନଙ୍କ ମଧ୍ୟରେ ପାରିଶ୍ରମିକକୁ ନେଇ ଥିବା ଅସମାନତା କଥା ସାମ୍ନାକୁ ଆସିଛି । ଅନେକ ଫିଲ୍ମରେ ମହିଳାମାନେ ଲିଡ୍ ରୋଲରେ ଥାଇ ମଧ୍ୟ ହିରୋ ବା ନାୟକଙ୍କଠାରୁ ଅପେକ୍ଷାକୃତ କମ୍ ପାରିଶ୍ରମିକ ପାଇଥାନ୍ତି । ଏହି ଫିଲ୍ମର ବଜେଟ୍ ରହିଛି ୭୦୦ କୋଟି । ଏଥିରେ ଅଲ୍ଲୁ ଚାରୋଟି (ପୁଲିସ୍, ପିତା, ଦୃଷ୍ଟିବାଧିତ ବ୍ୟକ୍ତି ଓ ଅଧା ରାକ୍ଷସ) ଭୂମିକାରେ ନଜର ଆସିବେ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ସାଉଥ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ଏଟ୍‌ଲି ।

## ନିଛକ ପ୍ରେମ

# ମୃତ ପୁଅର ବିବାହ କରାଉଛନ୍ତି ପିତାମାତା



ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁ ପରେ ଲୋକେ ସେମାନଙ୍କ ସ୍ମୃତିକୁ ସବୁଦିନ ସାଇତି ରଖିବା ପାଇଁ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନା କରିଥାନ୍ତି । ଏହି କ୍ରମରେ ତେଲେଙ୍ଗାନା, ମେହବୁବାବାଦରେ ରହୁଥିବା ଏକ ଦମ୍ପତି ଆଜିକୁ ଦୀର୍ଘ ୨୩ ବର୍ଷ ହେଲାଣି ମୃତ ପୁଅର ବିବାହ ଉତ୍ସବ ପାଳନ କରି ଚର୍ଚ୍ଚାକୁ ଆସିଛନ୍ତି । ଲାଲୁ ଏବଂ ସୁକ୍କମ୍ମାଙ୍କ ପୁଅ ରାମ କୋଟି ୨୦୦୩ ମସିହାରେ ସବୁଦିନ ପାଇଁ ଆଖି ବୁଜିଥିଲେ । ଜୀବିତାବସ୍ଥାରେ ରାମ କୋଟି ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ । ପରିବାରର ବିରୋଧ ଯୋଗୁଁ ଉଭୟଙ୍କର ବିବାହ ହୋଇ ପାରି ନ ଥିଲା । ଏହି ଦୁଃଖରେ ଭାଙ୍ଗିପଡ଼ି ରାମ କୋଟି ଆତ୍ମହତ୍ୟା କରିଥିଲେ । କିଛି ସମୟ ମଧ୍ୟରେ ରାମ କୋଟିଙ୍କ ପ୍ରେମିକା ମଧ୍ୟ ଆତ୍ମହତ୍ୟା କରିଥିଲେ । ଏହି ଘଟଣା ପରେ ଉଭୟଙ୍କ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ । ହେଲେ ସେବେଠାରୁ ଏକ ପରମ୍ପରା ଆରମ୍ଭ ହେଲା ଯାହା ଆଜିବି ଚର୍ଚ୍ଚାରେ ରହିଛି । ଦିନେ ସୁକ୍କମ୍ମାଙ୍କ ସ୍ୱପ୍ନରେ ତାଙ୍କ ପୁଅ ଆସି ମନ୍ଦିର ତୋଳାଇବା ପାଇଁ କହିବା ସହ ବିବାହ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ କହିଥିଲେ । ଏହାପରେ ପରିବାର ଲୋକେ ଘରେ ଏକ ଛୋଟ ମନ୍ଦିର ତିଆରି କଲେ । ଏହି ମନ୍ଦିରରେ ରାମ କୋଟି ଏବଂ ତା'ର ପ୍ରେମିକାଙ୍କ ପ୍ରତିମୂର୍ତ୍ତୀ ସ୍ଥାପନା କଲେ । ପ୍ରତିବର୍ଷ ପବିତ୍ର ରାମନବମୀ ଦିନ ପରିବାର ଲୋକେ ପୁଅ ଓ ତାଙ୍କ ପ୍ରେମିକାର ବିବାହ କରାଇଥାନ୍ତି । ପାରମ୍ପରିକ ବିବାହ ଭଳି ଏହା ହୋଇଥାଏ । ମେହବୁବାବାଦ ଏବଂ ଏହାର ଆଖାପାଖ ଗାଁର ଲୋକେ ପ୍ରତି ବର୍ଷ ଏହି ବିବାହରେ ସାମିଲ ହୋଇଥାନ୍ତି । ଗାଁ ଲୋକ ଏହାକୁ ବିଶ୍ୱାସ ଏବଂ ପ୍ରେମର ପ୍ରତୀକ ବୋଲି ମାନିଥାନ୍ତି । କେବଳ ସେତିକି ନୁହେଁ, ଏହି ଘଟଣା ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବେଶ୍ ଭାବବିହ୍ୱଳ କରିଥାଏ । ତେବେ ତେଲେଙ୍ଗାର ଏହି କାହାଣୀ ନିଛକ ପ୍ରେମର ଅନ୍ତ ନାହିଁ ବୋଲି ଦର୍ଶାଇଥାଏ । ପୁଅକୁ ସବୁଦିନ ଲାଗି ହରାଇବା ପରେ ଲାଲୁ ଏବଂ ସୁକମ୍ମା ଏଭଳି ଏକ ପରମ୍ପରା ମାଧ୍ୟମରେ ନିଜ ପୁଅର ସ୍ମୃତିକୁ ଜୀବିତ ରଖିଛନ୍ତି ।

# କର୍ମଚାରୀଙ୍କୁ ଉପହାରରେ ଅଡି






ଚେନ୍ନାଇର ଏକ କମ୍ପାନି ତା'ର କର୍ମଚାରୀଙ୍କୁ ଉପହାରରେ ଯାହା ପ୍ରଦାନ କରିଛି, ତାହା ଏବେ ଚର୍ଚ୍ଚା ସାଉଁଟୁଛି । ଏହି କମ୍ପାନି କର୍ମଚାରୀଙ୍କୁ ମିଠା କି କୌଣସି ଗିଫ୍ଟ ହ୍ୟାମ୍ପର ନୁହେଁ, ବରଂ ବେଶ୍ ଦାମୀ କାର୍ ଉପହାରରେ ପ୍ରଦାନ କରିଛି । ରେଫେକ୍ସ ଗ୍ରୁପ୍ ତା'ର ୧୨ ଜଣ କର୍ମଚାରୀଙ୍କୁ ଉପହାରରେ ଅଡି ଏ୪ ପ୍ରଦାନ କରିଛି । ତେବେ ଏହି ଗାଡ଼ିର ଦାମ୍ ପାଖାପାଖି ୬୦ ଲକ୍ଷ ହେବ । ଏହି ଦାମୀ କାର୍ କେବଳ କମ୍ପାନିର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯାଇ ନାହିଁ । ବର୍ଷ ବର୍ଷ ଧରି କମ୍ପାନି ପାଇଁ କଠିନ ପରିଶ୍ରମ କରିଥିବା ତଥା କଠିନ ପରିସ୍ଥିତିରେ କମ୍ପାନି ସହିତ ଛିଡ଼ା ହୋଇଥିବା କିଛି କର୍ମଚାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି । କହିବାକୁ ଗଲେ, ଏହି ଉପହାର ସେହି ବିଶ୍ୱସ୍ତ କର୍ମଚାରୀମାନଙ୍କ ପାଇଁ ଯେଉଁମାନେ 'ରେଫେକ୍ସ ଗ୍ରୁପ୍'କୁ ଉପରକୁ ନେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଅନ୍ୟପଟେ ଆଜିର ସମୟରେ ଅଧିକାଂଶ କମ୍ପାନି ଟାର୍ଗେଟ୍ କଥା କହୁଥିବାବେଳେ ରେଫେକ୍ସର ଏହି ପଦକ୍ଷେପ ଅନ୍ୟ କମ୍ପାନି ଲାଗି ଉଦାହାରଣ ସୃଷ୍ଟି କରିଛି । କମ୍ପାନି ଏକଥା ବି ଦର୍ଶାଇଛି ଯେ, 'କର୍ମଚାରୀଙ୍କୁ ସମ୍ମାନ ଦେଲେ ସେମାନେ ଏହାକୁ ପରିବାର ଭଳି ଭାବି କାମ କରିବେ । ସେହିପରି ଏହା କେବଳ କାର୍ ନୁହେଁ, ବରଂ ୧୨ଟି ପରିବାରର ଖୁସିର ଚାବି ।' ଅନ୍ୟପଟେ ପରିଶ୍ରମ କେବେ ବୃଥା ଯାଏ ନାହିଁ ବୋଲି ଏହା ଦର୍ଶାଇଛି ।

## ସମ୍ଭାବନା

# ଅନ୍‌ଲାଇନ୍ ଏଆଇ କୋର୍ସ

**ଡିଜିଟାଲ ଯୁଗରେ ନୂଆ ନୂଆ କୋର୍ସର ଚାହିଦା ବଢ଼ୁଛି । ଏହି ପରିବର୍ତ୍ତନକୁ ଦୃଷ୍ଟିରେ ରଖି ହାଭାର୍ଡ ବିଶ୍ୱବିଦ୍ୟାଳୟ ଏଆଇ, ଡାଟା ସାଇନ୍ସ ଏବଂ ପୋଗ୍ରାମିଂରେ ଆଗ୍ରହ ରଖୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ମାଗଣା ଅନ୍‌ଲାଇନ କୋର୍ସ ଆରମ୍ଭ କରିଛି । ଏହି ଫ୍ରି ଅନ୍‌ଲାଇନ୍ କୋର୍ସ ମେସିନ ଲର୍ଣ୍ଣିଂ ଭଳି ନୂଆ ଟେକ୍ନିକ୍‌କୁ ଆହୁରି ଉନ୍ନତ କରିବ ।**



ଏହି କୋର୍ସ ମାଧ୍ୟମରେ ଏଆଇ ଶିଖିବା ସହଜ ଓ ବ୍ୟବସ୍ଥିତ ଉପାୟରେ ସମ୍ଭବ ହେବ । ଏହାର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହାକୁ କେବେ ବି ଏବଂ କେଉଁଠୁ ବି କରାଯାଇପାରିବ । କର୍ମଜୀବୀ ନିଜ ସମୟ ଅନୁସାରେ ଶିଖିପାରିବେ ଏବଂ ନିଜ କୌଶଳ ବୃଦ୍ଧି କରିପାରିବେ । ସେହିପରିଏହି କୋର୍ସ ମାଧ୍ୟମରେ ଏଆଇ ଏବଂ ମେସିନ ଲର୍ଣ୍ଣିଂକୁ ବ୍ୟବସାୟରେ କିଭଳି ବ୍ୟବହାର କରାଯିବ । ଏଆଇ ସାହାଯ୍ୟରେ ଲମ୍ବା ଅବଧିର ବ୍ୟବସାୟ ରଣନୀତି କିଭଳି ପ୍ରସ୍ତୁତ କରାଯିବ । ଏହାସହ ଡାଟା ବିଶ୍ଳେଷଣ, ପ୍ୟାଟର୍ଣ୍ଣ ଚିହ୍ନଟ ଭଳି ଗୁରୁତ୍ୱପୂର୍ଣ୍ଣ କୌଶଳ ବିକଶିତ କରି ହେବ ।

ଏହା ଚାକିରିର ନୂଆ ଅବସର ସୃଷ୍ଟି କରିବ । ସେହିପରି ନୂଆ କୌଶଳ ମାଧ୍ୟମରେ ଫ୍ରିଲାନ୍ସିଂ କାମ ଆରମ୍ଭ କରିପାରିବେ । ଏହି ଛୋଟ ଅନ୍‌ଲାଇନ୍ କୋର୍ସ ନୂଆ ଟେକ୍ନିକ ଶିଖାଇ ନ ଥାଏ, ବରଂ ଲଗାତାର ଶିଖିବା ଲାଗି ପ୍ରେରଣା ପ୍ରଦାନ କରେ । ଏହାଦ୍ୱାରା ସମୟ ସହିତ ଅପଡେଟ୍ ରହିବା ସମ୍ଭବ ହୁଏ ଏବଂ ସକାରାତ୍ମକ ଚିନ୍ତାଧାରା ବିକଶିତ ହୁଏ ।

ଏନେଇ ହାଭାର୍ଡ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବା ଫ୍ରି ଅନଲାଇନ କୋର୍ସ ସୂଚି ଦେଖିପାରିବେ । ଏଠାରେ ବିଭିନ୍ନ ବିଷୟ ସହିତ ଜଡ଼ିତ ଅନେକ କୋର୍ସ ମିଳିବ । ଏଥିରେ ନିଜ ରୁଚି ଏବଂ ଆବଶ୍ୟକତା ଅନୁସାରେ କୌଣସି କୋର୍ସର ଚୟନ କରିପାରିବେ । ଏଥିରେ କୋର୍ସର ଅବଧି, ବିଷୟ ବସ୍ତୁ, ଶିଖିବା ଲକ୍ଷ୍ୟ ସ୍ପଷ୍ଟ ଭାବେ ଲେଖାଯାଇଛି ।

# ହ୍ୱାଟ୍ସଆପ୍‌ର ନୂଆ ଫିଚର୍



ହ୍ୱାଟ୍ସଆପ୍ ଏବେ କାର୍ ଚାଳକଙ୍କ ପାଇଁ ଏକ ନୂଆ ଫିଚର୍ ଆଣିଛି । 'କାର୍ ପ୍ଲେ' ଲାଗି ହ୍ୱାଟ୍ସଆପ୍ ଏକ ଅଲଗା ଆପ୍ ଲଞ୍ଚ କରିଛି । ଏହି ଫିଚର ମାଧ୍ୟମରେ ବ୍ୟବହାରକାରୀ କାର୍‌ର ଇଫୋଟେନମେଣ୍ଟ ସିଷ୍ଟମରୁ ହିଁ ହ୍ୱାଟ୍ସଆପ୍ କଲ୍ ଓ ମେସେଜ୍ କରିପାରିବେ । ତେବେ ଏ ଲାଗି ଆପ୍‌ଟି ଆଇଫୋନ୍ କାର୍ ପ୍ଲେ ସହିତ ସଂଯୋଗ ହେବା ଦରକାର । ହ୍ୱାଟ୍ସଆପ୍ ଆଇଓଏସ୍ ଲାଗି ନୂଆ ଅପଡେଟ୍ ଜାରି କରି ଏହି କାର୍ ପ୍ଲେ ଆପ୍‌କୁ ସାମିଲ କରିଛି । ସେହିପରି ହ୍ୱାଟ୍ସଆପ୍-ଫର୍-କାର୍-ପ୍ଲେ ଏଣ୍ଡଟୁ ଏଣ୍ଡ ଏନକ୍ରିପସନକୁ ସପୋର୍ଟ କରେ । କାର୍‌ପ୍ଲେ ହ୍ୱାଟ୍ସଆପ୍‌ରେ ଚାଟ୍ ଏବଂ କଲ୍ ହିଷ୍ଟ୍ରିର ଦୁଇଟି ଅଲଗା ଅଲଗା ସେକସନ ଦିଆଯାଇଛି । ଏହାଦ୍ୱାରା ଚାଳକ ଏକଥା ସହଜରେ ଦେଖିପାରେ ଯେ, ହ୍ୱାଟ୍ସଆପ୍‌ରେ ସେ କାହା ସହିତ କଥା ହୋଇଛି । ଆଉ ଏକ ବିଶେଷତ୍ୱ ହେଉଛି ହ୍ୱାଟ୍ସଆପ୍ କଲକୁ ସିଧା କାର୍ ଡ୍ୟାସବୋର୍ଡ ସହିତ ସଂଯୋଗ କରାଯାଇପାରିବ । ଅବଶ୍ୟ ଚାଟ୍ ଖୋଲି ମେସେଜ ପଢ଼ିବା ପାଇଁ ଗାଡ଼ିକୁ ରୋକିବାକୁ ପଡ଼ିବ । ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସେହିପରି ବ୍ୟବହାରକାରୀ ସିଧା ଭଏସ ମାଧ୍ୟମରେ ଉତ୍ତର ରଖିପାରିବେ । ପୂର୍ବରୁ ବ୍ୟବହାରକାରୀ ସିରି ଦ୍ୱାରା ମେସେଜ ପଢୁଥିଲେ ଏବଂ ତା' ମାଧ୍ୟମରେ ଉତ୍ତର ରଖୁଥିଲେ । ହେଲେ ଏବେ ଏହି ଆପ୍ ମାଧ୍ୟମରେ ସିଧା କଥାବାର୍ତ୍ତା ମାଧ୍ୟମରେ ଉତ୍ତର ରଖିବେ । ଏହାବ୍ୟତୀତ ହ୍ୱାଟ୍ସଆପ୍ ଏବଂ ଫୋନର ସାଧାରଣ କଲ୍ ଗୋଟିଏ ପେଜ୍‌ରେ ଦୃଷ୍ଟିଗୋଚର ହେବ । କହିବାକୁ ଗଲେ ଏହି ଫିଚର୍‌କୁ ଏଭଳି ଭାବେ ଡିଜାଇନ କରାଯାଇଛି ଯେ, ଚାଳକ ଫୋନ୍ ନ ଛୁଇଁ ଲୋକଙ୍କ ସହିତ ଯୋଡ଼ି ହୋଇପାରିବେ ।

## ଛଟେଇର ନୂଆ ବିକଳ୍ପ

# 'କ୍ୱାଇଟ୍ ଫାୟାରିଂ'



**ଅଫିସ୍‌ରେ ଛଟେଇ କଥା ଉଠିଲେ ସାଧାରଣତଃ ପ୍ରତ୍ୟେକ କର୍ମଚାରୀ ଶଙ୍କା ତଥା ଭୟଭୀତରେ ରହନ୍ତି । ତେବେ ଆଜିକାଲି କର୍ମଚାରୀଙ୍କୁ ସିଧା ବାହାର କରିବା ପରିବର୍ତ୍ତେ ଏକ ନୂତନ ରଣନୀତିର ସାହାରା ନିଆଯାଉଛି । ଏହାର ନାଁ 'କ୍ୱାଇଟ୍ ଫାୟାରିଂ' ।**

**ଯୋଜନାବଦ୍ଧ ରଣନୀତି:** କ୍ୱାଇଟ୍ ଫାୟରିଂ ହେଉଛି କମ୍ପାନିର ଏକ ଯୋଜନାବଦ୍ଧ ରଣନୀତି । ଏହା ଦ୍ୱାରା କୌଣସି କର୍ମଚାରୀଙ୍କୁ ସିଧା ଚାକିରିରୁ ବାହାର କରାଯାଏ ନାହିଁ । ବରଂ ଏମିତି ଏକ ପରିସ୍ଥିତି ସୃଷ୍ଟି କରାଯାଏ, ଯେମିତି କର୍ମଚାରୀ ନିଜେ ବିରକ୍ତି ହୋଇ ଚାକିରି ଛାଡ଼ି ଦେବ । ଅବଶ୍ୟ ଏବେ ବହୁତ କର୍ମଚାରୀ ଏହାର ଶିକାର ହେଉଛନ୍ତି । ଏଥିରେ ଶିକାର କର୍ମଚାରୀଙ୍କ ପଦୋନ୍ନତି କି ଦରମା ବୃଦ୍ଧି ଘଟେ ନାହିଁ । କର୍ମଚାରୀ କିଛି କହିଲେ ତାହାର କୌଣସି ଉତ୍ତର ରଖାଯାଏ ନାହିଁ । ଏନେଇ ଧୀରେ ଧୀରେ କର୍ମଚାରୀଙ୍କୁ ସମସ୍ତ ଜିନିଷଠାରୁ ଦୂରେଇ ରଖାଯାଏ । ଏଇ ଯେମିତି ମିଟିଂରେ ସାମିଲ କରା ନ ଯିବା । ଏହିପ୍ରକାରେ ସବୁକିଛି ଅଚାନକ ଘଟିଥାଏ । କେବଳ ସେତିକି ନୁହେଁ, କ୍ୱାଇଟ୍ ଫାୟରିଂ ଶିକାର କର୍ମଚାରୀଙ୍କ ସହିତ ସହକର୍ମୀ, ମାଲିକ, ମ୍ୟାନେଜର ଧୀରେ ଧୀରେ କଥାବାର୍ତ୍ତା କମ୍ କରନ୍ତି ।

**ଗୁରୁତ୍ୱ କମିଯାଏ:** ନିରବରେ ଯେଉଁ କର୍ମଚାରୀଙ୍କୁ ଅଫିସ୍‌ରୁ ବାହାର କରିବାର ଥାଏ, ମ୍ୟାନେଜମେଣ୍ଟ ସେହି କର୍ମଚାରୀଙ୍କଠାରୁ ଦୂରତ୍ୱ ରକ୍ଷା କରିବା ଆରମ୍ଭ କରେ । ଫଳରେ ଅଚାନକ ଅଫିସ୍‌ରେ ଗୁରୁତ୍ୱ କମିଯାଏ । ଏଭଳି କର୍ମଚାରୀଙ୍କର ଟିମ୍‌ରେ ମତାମତ ଗ୍ରହଣ କରାଯାଏ ନାହିଁ । ଏପରିକି କୌଣସି ମ୍ୟାନେଜର ନିଜ ପାଖକୁ ଡାକି କଥା ହେବେ ନାହିଁ କିମ୍ବା କାମ ସୁଧାରିବାର ଚେତାବନୀ ଦିଆଯାଏ ନାହିଁ । ଧୀରେ ଧୀରେ ଆଗକୁ ଯିବା ରୋକିଦିଆଯାଏ । ତେବେ ଏଭଳି ଯଦି କୌଣସି କମ୍ପାନିରେ କାହା ସହ ଘଟୁଛି, ସମ୍ପୃକ୍ତ କର୍ମଚାରୀଙ୍କୁ କମ୍ପାନି ବାହାର କରିବା ଯୋଜନା କରୁଥାଇପାରେ । ତେଣୁ ସତର୍କ ରହିବା ଉଚିତ ।

**ମାନସିକ ସ୍ଥିତି ହୁଏ ପ୍ରଭାବିତ:** କ୍ୱାଇଟ୍ ଫାୟାରିଂରେ କର୍ମଚାରୀଙ୍କୁ ବାହାର କରିବା ନେଇ କୌଣସି କାଗଜପତ୍ର ପ୍ରମାଣ ରହେ ନାହିଁ । ଏହା ଏତେ ଚୁପ୍‌ଚାପ ଭାବେ କରାଯାଏ, କର୍ମଚାରୀ ବୁଝିପାରେ ନାହିଁ ଯେ, କମ୍ପାନିର ଉଦ୍ଦେଶ୍ୟ କ'ଣ? ଅବଶ୍ୟ ଏହାକୁ ଅନେକ ନୂଆ ଟ୍ରେଣ୍ଡ ବୋଲି ଭାବୁଛନ୍ତି, କିନ୍ତୁ ଏହା ମ୍ୟାନେଜମେଣ୍ଟର ପୁରୁଣା ଓ ଦୁର୍ବଳ ରଣନୀତି । ଏହାର ପ୍ରଭାବ କର୍ମଚାରୀଙ୍କ ମାନସିକ ସ୍ଥିତି ଉପରେ ପଡ଼େ । କର୍ମଚାରୀ ଆତ୍ମବିଶ୍ୱାସ ହରାଏ ଏବଂ ସେ ଅବସାଦର ଶିକାର ହୁଏ । ଏହା ଦ୍ୱାରା କମ୍ପାନିର ପରିବେଶ ଖରାପ ହୁଏ ।

# ସଫଳ ନେତୃତ୍ୱ କିଭଳି ନେବେ



**ସଫଳ ଲିଡର୍ ହେବା ପାଇଁ ପରିବର୍ତ୍ତନ ପ୍ରତି ଦୃଷ୍ଟିକୋଣ ରହିବା ଜରୁରି । ଶୁଣିବା, ମତାମତ ନେବା ଏବଂ ଅନ୍ୟର ଭାବନାକୁ ବୁଝିବା ଅଭ୍ୟାସ ନିଜ ଭିତରେ ବିକଶିତ କରିବା ଦରକାର । ଏହା ଦ୍ୱାରା ନେତୃତ୍ୱ ନେବାର କୌଶଳ ମଜଭୁତ ହୁଏ ।**

- ଲୋକଙ୍କ ଭଲ ଚିନ୍ତା କରିବା ଏବଂ ଆଗକୁ ବଢ଼ିବାକୁ ସୁଯୋଗ ଦେବା ହିଁ ଜଣେ ଉତ୍ତମ ଲିଡର୍‌ର ଲକ୍ଷଣ ।
- ଲିଡର୍ ହେବା ପାଇଁ ଆତ୍ମବିଶ୍ୱାସ ରହିବା ଜରୁରି ।
- ସଫଳ ଲିଡର୍ ପାଇଁ କମ୍ୟୁନିକେସନ ସ୍କିଲ୍ ଆବଶ୍ୟକ । ସରଳ ଓ ସ୍ପଷ୍ଟ ଭାବେ ନିଜ କଥା ରଖନ୍ତୁ । ଏହା ଦ୍ୱାରା ଟିମ୍ ସଦସ୍ୟଙ୍କୁ ସହଜରେ ସବୁ ପ୍ରସଙ୍ଗ ବୁଝିବା ସହଜ ହୁଏ ।
- ଉତ୍ତମ ଲିଡର୍ ପ୍ରତ୍ୟେକ ପରିସ୍ଥିତିରେ ଦାୟିତ୍ୱ ନେବାରେ ଆଗକୁ ବଢ଼ନ୍ତି ।
- ସେହିପରି କଠିନ ସମୟରେ ଠିକ୍ ନିର୍ଣ୍ଣୟ ନେବା କ୍ଷମତା ରହିବା ଜରୁରି ।
- କେହି ଦିନକରେ ଲିଡର ହୋଇ ଯାନ୍ତି ନାହିଁ । ତେଣୁ ଏନେଇ ଲଗାତାର ପରିଶ୍ରମ, ଧୈର୍ଯ୍ୟ, ଉତ୍ତମ ଚିନ୍ତାଧାରା ଆବଶ୍ୟକ ।
- ଏହା ବାଦ୍ ସଚ୍ଚୋଟତା ହେଉଛି ନେତୃତ୍ୱ ନେବାର ମୁଖ୍ୟ କାରକ ।

### ଚେନ୍ନଇ ସୁପର କିଙ୍ଗସ ବନାମ କୋଲକାତା ନାଇଟ୍ ରାଇଡର୍ସ

# ସଞ୍ଜୁ ସାମ୍‌ସନ୍ ଅର୍ଦ୍ଧଶତକରୁ ବଞ୍ଚିତ



ଚେନ୍ନଇ,୧୪।୪(ଏଜେନ୍ସି): କେକେଆର୍ (କୋଲକାତା ନାଇଟ ରାଇଡର୍ସ) ବିପକ୍ଷ ଆଇପିଏଲ୍‌ର ୨୨ତମ ଲିଗ୍ ମ୍ୟାଚ୍‌ରେ ସିଏସ୍‌କେ (ଚେନ୍ନଇ ସୁପର କିଙ୍ଗ୍‌ସ) ପ୍ରଥମେ ବ୍ୟାଟିଂ କରି ଭଲ ଆରମ୍ଭ କରିଛି। ରିପୋର୍ଟ ଲେଖା ହେଲା ବେଳକୁ ସିଏସ୍‌କେ ୧୭ ଓଭରରେ ୪ୱିକେଟ ହରାଇ ୧୬୯ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଡିୱାଲ୍ଡ ବ୍ରେଭିସ୍ ୪୧ ଓ ଶିବମ ଦୁବେ ୧ ରନ୍ କରି ଖେଳୁଥିଲେ। ସିଏସ୍‌କେକୁ ପୁଣିଥରେ ନିରାଶ କରିଥିବା ଅଧିନାୟକ ଋତୁରାଜ ଗାଏକ୍ୱାଡ ୭ ଓ ଦ୍ରୁତଗତିରେ ବ୍ୟାଟ୍‌ଚାଳନା କରିଥିବା ଆୟୁଷ ମାହତ୍ରେ ୧୭ ବଲ୍‌ରୁ ୬ଚୌକା ଓ ୨ ଛକା ସହ ୩୮ ଏବଂ ସର୍ଫରାଜ ଖାନ୍ ୨୩ ରନ୍ କରିଆଉଟ ହୋଇଥିଲେ। ପୂର୍ବ ମୁକାବିଲାରେ ଚଳିତ ଆଇପିଏଲ୍‌ରେ ପ୍ରଥମ ଶତକ ହାସଲ କରିଥିବା ସଞ୍ଜୁ ସାମସନ ଏଠାରେ ମାତ୍ର ୨ ରନ୍ ଲାଗି ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ସେ ୩୨ଟି ବଲ୍‌ର ସାମ୍ନା କରି ୪ ଚୌକା ଓ ୩ ଛକା ବଳରେ ୪୮ ରନ୍ କରି ଯୁବ ଫାଷ୍ଟ ବୋଲର କାର୍ତ୍ତିକ ତ୍ୟାଗୀଙ୍କ ଦ୍ୱାରା ବୋଲ୍ଡ ଆଉଟ ହୋଇଯାଇଥିଲେ। ସୁନୀଲ ନାରିନ୍, ବୈଭବ ଅରୋରା ଓ ଅନୁକୂଳ ରୟ ଅନ୍ୟ ୱିକେଟକୁ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ।

ଏହି ମ୍ୟାଚ୍‌ରେ କେକେଆର୍ ଟସ୍ ଜିତିବା ପରେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ଫିଟ୍ ହୋଇଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ଏଠାରେ ଖେଳିବାକୁ ସୁଯୋଗ ଦେଇଛି। ଏହି ମୁକାବିଲା ପୂର୍ବରୁ ସିଏସ୍‌କେ ୪ଟି ମ୍ୟାଚ୍‌ରୁ ମାତ୍ର ଗୋଟିକରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ କେକେଆର ମଧ ୪ଟି ମ୍ୟାଚ୍ ଖେଳି ଗୋଟିଏ ହେଲେ ମ୍ୟାଚ୍‌ରେ ଜିତିପାରି ନାହିଁ। କିନ୍ତୁ ପଞ୍ଜାବ ସହ ବାତିଲ ମ୍ୟାଚ୍‌ରୁ କେକେଆର ପଏଣ୍ଟ ଖାତା ଖୋଲିବାରେ ସମର୍ଥ ହୋଇପାରି ନାହିଁ।

**ରାଜସ୍ଥାନ ବିଜୟରେ ବ୍ରେକ୍**

ହାଇଦରାବାଦ୍: ଡେବ୍ୟୁଟାଣ୍ଟ ଫାଷ୍ଟ ବୋଲର ପ୍ରଫୁଲ୍ଲ ହିଙ୍ଗେ (୪/୩୪) ଓ ସାକିବ ହୁସେନ (୪/୨୪)ଙ୍କ ଘାତକ ବୋଲିଂ ସାଙ୍ଗକୁ ଅଧିନାୟକ ଇଶାନ କିଶାନ (୪୪ବଲ୍‌ରେ ୯୧ରନ୍)ଙ୍କ ଉପଯୋଗୀ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ୨୧ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ୫୭ ରନ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ରାଜସ୍ଥାନର ବିଜୟ ଧାରାରେ ବ୍ରେକ୍ ଲଗାଇଛି ହାଇଦରାବାଦ୍। ଚଳିତ ସିଜନରେ କ୍ରମାଗତ ୪ର୍ଥ ମ୍ୟାଚ୍ ଜିତିବା ପରେ ରାଜସ୍ଥାନ ଏଠାରେ ପ୍ରଥମ ପରାଜୟ ବରଣ କରିଛି। ଅନ୍ୟପକ୍ଷରେ ସଂଘର୍ଷରତ ହାଇଦରାବାଦ୍ ୫ମ ମୁକାବିଲାରୁ ଦ୍ୱିତୀୟ ବିଜୟ ହାସଲ କରିଛି। ରାଜସ୍ଥାନ ଇନିଂସର ପ୍ରଥମ ଓଭରରେ ୩ଟି ସମେତ ମୋଟ ୪ଟି ୱିକେଟ ନେଇଥିବା ପ୍ରଫୁଲ୍ଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

**ଆଜିର ଆଇପିଏଲ୍ ମ୍ୟାଚ୍**

ବେଙ୍ଗାଲୁରୁ ବନାମ ଲକ୍ଷ୍ନୌ
ଭେନ୍ୟୁ - ବେଙ୍ଗାଲୁରୁ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ରାଜସ୍ଥାନ | ୫ | ୪ | ୧ | ୦ | ୮ | +୦.୮୮୯ |
| ପଞ୍ଜାବ | ୪ | ୩ | ୦ | ୧ | ୭ | +୦.୭୨୦ |
| ବେଙ୍ଗାଲୁରୁ | ୪ | ୩ | ୧ | ୦ | ୬ | +୧.୧୪୮ |
| ହାଇଦରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ | ୪ | ୨ | ୨ | ୦ | ୪ | -୦.୪୨୭ |
| ମୁମ୍ବଇ | ୪ | ୧ | ୩ | ୦ | ୨ | -୦.୭୭୨ |
| ଚେନ୍ନଇ* | ୪ | ୧ | ୩ | ୦ | ୨ | -୧.୫୩୨ |
| କୋଲକାତା* | ୪ | ୦ | ୩ | ୧ | ୧ | -୧.୩୧୫ |

## ୧୭ରେ ଯୋଗଦେଇପାରନ୍ତି କମିନ୍ସ

ହାଇଦରବାଦ୍, ୧୪।୪ (ଏଜେନ୍ସି): ସନ୍‌ରାଇଜର୍ସ ହାଇଦରାବାଦ୍‌ର ଅଧିନାୟକ ପ୍ୟାଟ କମିନ୍ସ ଆଇପିଏଲ୍ ଖେଳିବା ଲାଗି ଏପ୍ରିଲ ୧୭ରେ ଦଳ ସହ ଯୋଗଦେଇ ପାରନ୍ତି ବୋଲି ଆଶା କରାଯାଉଛି। ଭାରତରୁ ଫେରିଯିବା ପରେ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ତାଙ୍କର ଚିକିତ୍ସା କରାଯାଇଥିଲା ଓ ସେ ଏବେ ପୁରା ସୁସ୍ଥ ଥିବା କଥା ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ଜଣାଇ ଦିଆଯାଇଛି। ଅଷ୍ଟ୍ରେଲିଆରେ



ତାଙ୍କର ଫିଟ୍‌ନେସ୍ ପରୀକ୍ଷା କରାଯିବ। ଏଥିରେ ସେ ଯଦି ପାସ୍ କରନ୍ତି, ତେବେ ୧୭ରେ ଦଳ ସହ ହାଇଦରାବାଦ୍‌ରେ ଯୋଗଦେବାର ସମ୍ଭାବନା ରହିଛି। ୧୮ରେ ଘରୋଇ ମାଟିରେ ସନ୍‌ରାଇଜର୍ସ ମ୍ୟାଚ୍ ଖେଳିବ। ଏଥିରେ କମିନ୍ସ ଖେଳିଲେ ଦଳର ପେସ୍ ବୋଲିଂ ଶକ୍ତି ବୃଦ୍ଧି ପାଇବ।

### ଦର୍ଶକଙ୍କୁ ନିରାଶ କଲେ ସୂର୍ଯ୍ୟବଂଶୀ

## ନୂଆ ଆଶା ଦେଲେ ପ୍ରଫୁଲ୍ଲ ହିଙ୍ଗେ

ହାଇଦରାବାଦ୍,୧୪।୪(ଏଜେନ୍ସି): ଏଠାରେ ସୋମବାର ଖେଳାଯାଇଥିବା ରାଜସ୍ଥାନ ରୟାଲ୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମୁକାବିଲାରେ ଇତିହାସ ସୃଷ୍ଟି ହୋଇଛି। ଏହାକୁ ସୃଷ୍ଟି କରିଛନ୍ତି ହାଇଦରାବାଦ୍‌ର ବୋଲର ପ୍ରଫୁଲ୍ଲ ହିଙ୍ଗେ। ରାଜସ୍ଥାନ ଆଗରେ ହାଇଦରାବାଦ୍ ୨୧୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପୂରଣ କରିବା ଲାଗି ରାଜସ୍ଥାନର ବୈଭବ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ ବ୍ୟାଟିଂ କରିବାକୁ ଆସିଥିଲେ। ବୋଲିଂ ଭାର ଥିଲା ୨୩ ବର୍ଷୀୟ ଫାଷ୍ଟ ବୋଲର ପ୍ରଫୁଲ୍ଲ ହିଙ୍ଗେଙ୍କ ଉପରେ। ଏହି ଓଭରର ଦ୍ୱିତୀୟ ବଲ୍‌ରେ ସୂର୍ଯ୍ୟବଂଶୀ, ଚତୁର୍ଥ ବଲରେ ଧ୍ରୁବ ଜୁରେଲ ଓ ଷଷ୍ଠ ବଲ୍‌ରେ ଲୁହାନ-ଡ୍ରେ ପ୍ରିଟୋରିଅସ୍ ଆଉଟ ହୋଇଯାଇଥିଲେ। ୧ ରନ୍‌ରେ ୩ଟି ୱିକେଟ ନେବା ପରେ ପ୍ରଫୁଲ୍ଲ ହିଙ୍ଗେ ଜଣେ ଡେବ୍ୟୁଟାଣ୍ଟ ବୋଲରରୁ ତାରକା ପାଲଟିଯାଇଥିଲେ। ଆଇପିଏଲ୍‌ର ୧୯ ବର୍ଷର ଇତିହାସରେ ସେ ପ୍ରଥମ ବୋଲର ଭାବେ ଇନିଂସର ପ୍ରଥମ ଓଭରରେ ୩ଟି ୱିକେଟ ପାଇଥିଲେ। ଏତିକିରେ ରାଜସ୍ଥାନର ଦୁର୍ଦ୍ଦଶା ଯାଇ ନ ଥିଲା। ଆଉ ଜଣେ ଡେବ୍ୟୁଟାଣ୍ଟ ସାକିବ ହୁସେନ ଇନିଂସ ଦ୍ୱିତୀୟ ଓଭରରେ ଯଶସ୍ୱୀ ଜୟସ୍ୱାଲଙ୍କୁ ଆଉଟ କରିଦେଇଥିଲେ। ରାଜସ୍ଥାନ ଏହି ସମୟରେ ୨ ରନ୍‌ରେ ୪ଟି ୱିକେଟ ହରାଇଥିଲା। ଇନିଂସର ତୃତୀୟ ଓଭରରେ ପ୍ରଫୁଲ୍ଲ ପୁଣିଥରେ ଯାଦୁ ଦେଖାଇ ରାଜସ୍ଥାନ ଅଧିନାୟକ ରିୟାନ ପରାଗଙ୍କୁ ଆଉଟ କରିଦେଇଥିଲେ। ଏହି ସମୟରେ ଦଳ ୯ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହା ସହ ରାଜସ୍ଥାନ ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା ଓ ୫୭ ରନ୍‌ରେ ଏହି ମୁକାବିଲାକୁ ହାରିଯାଇଥିଲା। ହାଇଦରାବାଦ୍ ପକ୍ଷରୁ ଦୁଇ ଡେବ୍ୟୁଟାଣ୍ଟ ଫାଷ୍ଟ ବୋଲର ପ୍ରଫୁଲ୍ଲ ହିଙ୍ଗେ ଓ ସାକିବ ହୁସେନ ୪ଟି ଲେଖାଏଁ ୱିକେଟ ନେଇଥିଲେ। ସୂର୍ଯ୍ୟବଂଶୀଙ୍କ ବ୍ୟାଟିଂ ଦେଖିବାକୁ ଉତ୍ସାହିତ ଦର୍ଶକ ପ୍ରଫୁଲ୍ଲ ଓ ସାକିବଙ୍କ ଖେଳ ଦେଖିବାକୁ ଅଟକି ଯାଇଥିଲେ।

ଗୋଟିଏ ମ୍ୟାଚ୍‌ରେ ଜଣେ ସାଧାରଣ ଖେଳାଳିରୁ ହିରୋ ବନିଯାଇଥିବା ଏହି ପ୍ରଫୁଲ୍ଲ କିଏ? ଏବେ ସମସ୍ତେ ତାଙ୍କ ସମ୍ପର୍କରେ ଊଣା ଅଧିକେ ଜାଣିସାରିଲେଣି। ପ୍ରଫୁଲ୍ଲ ହିଙ୍ଗେ ହେଉଛନ୍ତି ବିଦର୍ଭ ପକ୍ଷରୁ ଖେଳୁଥିବା ଜଣେ ଫାଷ୍ଟ ବୋଲର। ତାଙ୍କ ପ୍ରତିଭା ଚିହ୍ନଟ କରିଥିଲେ ଅନ୍ୟତମ ଫାଷ୍ଟ ବୋଲର ବରୁନ ଆରୋନ। ଏହା ପୂର୍ବରୁ ସେ ଘରୋଇ କ୍ରିକେଟ ଖେଳୁଥିବାବେଳେ ଆହତ ହୋଇଥିଲେ। ତାଙ୍କ ପିଠିରେ ଗଭୀର ଆଘାତ ଲାଗିଥିଲା। ବରୁଣ ସାର ଏହି ସମୟରେ ଆମଲାଗି ଭଗବାନ ହୋଇ ପହଞ୍ଚିଥିଲେ। ପ୍ରଫୁଲ୍ଲଙ୍କର ସେ ଚିକିତ୍ସା କରିଥିଲେ ଓ ପରେ ମ୍ୟାଚ୍ ଫିଟ୍ କରାଇଥିଲେ। ମ୍ୟାଚ୍ ଖେଳିବା ପରେ ଅଷ୍ଟ୍ରେଲୀୟ କିଂମ୍ବଦନ୍ତୀ ଗ୍ଲେନ୍ ମ୍ୟାକ୍‌ଗ୍ରା'ଙ୍କ ନଜର ତାଙ୍କ ଉପରେ ପଡ଼ିଲା। ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେସନ ମାଧ୍ୟମରେ ତାଙ୍କୁ ଅଷ୍ଟ୍ରେଲିଆରେ ପ୍ରଶିକ୍ଷଣ ଦେବାକୁ ନିଆଯାଇଥିଲା। ସେଠାରେ ପ୍ରଫୁଲ୍ଲଙ୍କ ବୋଲିଂ ଆକ୍ସନରେ ଅନେକ ପରିବର୍ତ୍ତନ ହୋଇଥିଲା ଓ ସେ ବିଦର୍ଭ ରଣଜୀ ଦଳରେ ସ୍ଥାନ ପାଇବାରେ ସମର୍ଥ ହୋଇଥିଲେ। ବରୁଣ ଏହି ପ୍ରତିଭାଙ୍କୁ ସନ୍‌ରାଇଜର୍ସ ମ୍ୟାନେଜମେଣ୍ଟ ଆଗରେ ଉପସ୍ଥାପନା କରିଥିଲେ ଓ ହେଡ୍ କୋଚ୍ ଡାନିଏଲ୍ ଭିଟୋରୀଙ୍କ ତତ୍ତ୍ୱାବଧାନରେ ତାଙ୍କୁ ଟିମ୍‌ରେ ସାମିଲ କରିଥିଲେ। ଏହା ପରେ ଯାହା ଘଟିଛି ତାହା ଏବେ ଇତିହାସ ପାଲଟି ଯାଇଛି।



## ଆୟର୍ଲାଣ୍ଡ ଗସ୍ତରେ ସୁଯୋଗ ପାଇପାରନ୍ତି ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ, ୧୪।୪ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍ ଓ ଆଇପିଏଲ୍‌ରେ ଚହଳ ପକାଇଥିବା ରାଜସ୍ଥାନ ରୟାଲ୍ସର ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ଖୁବଶୀଘ୍ର ଜାତୀୟ ଦଳରେ ସ୍ଥାନ ପାଇପାରନ୍ତି। ଭାରତୀୟ ଦଳର ଆଗାମୀ ଆୟର୍ଲାଣ୍ଡ ଗସ୍ତ ଲାଗି ୧୫ ବର୍ଷୀୟ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିପାରେ। ଏପରିକି ତାଙ୍କ ନାମକୁ ସମ୍ଭାବ୍ୟ ତାଲିକାରେ ରଖାଯାଇଥିବା ନେଇ ରିପୋର୍ଟ ପ୍ରକାଶ



ପାଇଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଆୟର୍ଲାଣ୍ଡ ଗସ୍ତ ଲାଗି ଏହି ଦ୍ୱିତୀୟ ଶ୍ରେଣୀର ଦଳ ପଠାଇବାକୁ ଚିନ୍ତା କରୁଛି। ଏପରି ହେଲେ ବାମହାତୀ ବ୍ୟାଟର ସୂର୍ଯ୍ୟବଂଶୀ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିବାରେ ସର୍ବକନିଷ୍ଠ ଭାରତୀୟ ଖେଳାଳି ହେବେ। ରିପୋର୍ଟ ଅନୁସାରେ ଆୟର୍ଲାଣ୍ଡ ଗସ୍ତ ସମେତ ଜିମ୍ବାୱେ ବିପକ୍ଷ ସିରିଜରେ ମଧ ସୁଯୋଗ ଦେବାକୁ ଚୟନ କମିଟି ଚିନ୍ତା କରୁଛି। ନିକଟରେ ଆଇପିଏଲ୍‌ର ଅଧ୍ୟକ୍ଷ ଅରୁଣ ଧୁମାଲ ମଧ କହିଥିଲେ ଯେ ଭାରତର ସର୍ବକନିଷ୍ଠ ପଦାର୍ପଣକାରୀ କ୍ରିକେଟର୍ ହେବାକୁ ବୈଭବ ଯୋଗ୍ୟତା ରଖିଛନ୍ତି। ଉଲ୍ଲେଖଯୋଗ୍ୟ ସର୍ବକନିଷ୍ଠ ଭାରତୀୟ ପୁରୁଷ କ୍ରିକେଟର୍ ଭାବେ ସଚିନ ତେନ୍ଦୁଲକର (୧୬ ବର୍ଷ ୨୦୫ ଦିନ) ଓ ମହିଳା କ୍ରିକେଟର୍ ଭାବେ ଶେଫାଳି ବର୍ମା (୧୫ ବର୍ଷ ୨୮୩ ଦିନ) ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ।

## ସଞ୍ଜୁ ମାର୍ଚ୍ଚର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୧୪।୪ (ଏଜେନ୍ସି): ଭାରତର ସଞ୍ଜୁ ସାମସନ ମାର୍ଚ୍ଚ ମାସ ଲାଗି ଆଇସିସିର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ବିବେଚିତ ହୋଇଛନ୍ତି। ଭାରତକୁ ୩ୟଥର ଲାଗି ଟି-୨୦ ବିଶ୍ୱକପ ଚାମ୍ପିଅନ କରାଇବାରେ ସାମସନଙ୍କ



ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ସେ ବିଶ୍ୱକପରେ ମୋଟ୍ ୫ଟି ମ୍ୟାଚ୍ ଖେଳି ୮୦.୨୫ ହାରରେ ୩୨୧ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅପରାଜିତ ୯୭, ଇଂଲଣ୍ଡ ସହ ୮୯ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ୮୯ ରନର ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ସାମିଲ ରହିଛି। ବିଶ୍ୱକପ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ସାମସନ ଖେଳି ନ ଥିଲେ। କିନ୍ତୁ ସୁପର୍-୮ରେ ଜିମ୍ବାୱେ ବିପକ୍ଷ ମ୍ୟାଚରେ ସୁଯୋଗ ପାଇଥିବା ସାମସନ ଏହାପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ସାମସନ ତାଙ୍କ କ୍ୟାରିୟରରେ ପ୍ରଥମଥର ଲାଗି ଆଇସିସିର ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି। ଏଥିସହ ଗତ ୫ ମାସରେ ଆଇସିସିର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ପୁରସ୍କାର ୫ଟି ଭିନ୍ନ ଦେଶର ଖେଳାଳି ଜିତିଛନ୍ତି। ଫେବୃଆରୀରେ ପାକିସ୍ତାନର ଶାହିବଜାଦ ଫରହାନ, ଜାନୁଆରୀରେ ଡାରୀଲ ମିଚେଲ, ଡିସେମ୍ବରରେ ମିଚେଲ ଷ୍ଟାର୍କ ଓ ନଭେମ୍ବରରେ ଦକ୍ଷିଣ ଆଫ୍ରିକାର ସାଇମନ ହାର୍ମର ଏହି ପୁରସ୍କାର ବିଜୟୀ ହୋଇଥିଲେ। ଅପରପକ୍ଷରେ ଗତ ମାର୍ଚ୍ଚ ମାସ ଲାଗି ନ୍ୟୁଜିଲାଣ୍ଡ ଅଧିନାୟିକା ଆମେଲିଆ କେର୍ ଶ୍ରେଷ୍ଠ ମହିଳା କ୍ରିକେଟର୍ ହୋଇଛନ୍ତି।

## ପ୍ରଥମଥର ଟପ୍-୨୦ରେ ଆୟୁଷ

ନୂଆଦିଲ୍ଲୀ, ୧୪।୪ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ସେଟ୍ଟୀ କ୍ୟାରିୟରରେ ପ୍ରଥମଥର ଲାଗି ବିଡବ୍ଲ୍ୟୁଏଫ୍ ର୍‍ୟାଙ୍କିଙ୍ଗ୍‌ର ଟପ୍-୨୦ରେ ପ୍ରବେଶ କରିଛନ୍ତି। ସଦ୍ୟ ପ୍ରକାଶିତ ପୁରୁଷ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗରେ ଆୟୁଷ ୧୮ତମ ସ୍ଥାନରେ ରହିଛନ୍ତି। ୨୦ ବର୍ଷୀୟ ଆୟୁଷ ଏକାଥର କେ ୭ଟି ପାହାଚ ଲମ୍ଫ ପ୍ରଦାନ କରିଛନ୍ତି। ନିକଟରେ ଚାଇନାରେ ଶେଷ ହୋଇଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ରେ ଆୟୁଷ ଦମ୍‌ଦାର ପ୍ରଦର୍ଶନ କରି ରୌପ୍ୟ ପଦକ ଜିତିଥିଲେ। ୬୧ ବର୍ଷ ପରେ ପ୍ରଥମ ଭାରତୀୟ ଭାବେ ଏହି ସମ୍ମାନଜନକ ପ୍ରତିଯୋଗିତାର ଫାଇନାଲକୁ ପ୍ରବେଶ କରିଥିବା ଆୟୁଷ ଟାଇଟଲ ଲଢ଼େଇରେ ଚାଇନାର ଶି ୟୁ କ୍ୱିଙ୍କ ନିକଟରୁ ହାରିଯାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ଟପ୍-୧୦ ମାନ୍ୟତାର ଏକାଧିକ ଖେଳାଳିଙ୍କୁ ହରାଇଥିଲେ। ଏପରିକି ସେମିରେ ଏକ ନମ୍ବର ଖେଳାଳି ଥାଇଲାଣ୍ଡର କୁନଲାଭଟ ଭିତିଦର୍ଶନଙ୍କୁ ମାତ୍ ଦେଇଥିଲେ। ଏହି ପ୍ରଭାବୀ ପ୍ରଦର୍ଶନ ଲାଗି ବିଡବ୍ଲ୍ୟୁଏଫ୍ ମାନ୍ୟତାରେ ତାଙ୍କର ଉନ୍ନତି ଘଟିଛି। ଟପ୍-୨୦ରେ ଶୀର୍ଷ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଲକ୍ଷ୍ୟ ସେନ ୧୧ତମ ସ୍ଥାନରେ ରହିଛନ୍ତି।

■ **ମେଜର ସନ୍ଦୀପ ମେମୋରିଆଲ୍ ଟେନିସ**

## ସେମିରେ ସାନଭୀ, ସଂରଚନା, ବର୍ଷିତା

ଭୁବନେଶ୍ୱର, ୧୪।୪ (ସମିସ): ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ୍ ୧୬ ବର୍ଷରୁ କମ୍ ଟେନିସ ଟୁର୍ଣ୍ଣାମେଣ୍ଟର ବାଳିକାବର୍ଗର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ ହୋଇଯାଇଛି। ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ଏକାଡେମୀରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ବାଳିକା ସିଙ୍ଗଲ୍ସରେ ଘରୋଇ ଓଡ଼ିଶାର ୩ଜଣ ଖେଳାଳି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ହେଲେ ସାନଭୀ ମହାନ୍ତି, ସଂରଚନା ଦାସ ଓ ବର୍ଷିତା ବର୍ମା। କ୍ୱାର୍ଟର ଫାଇନାଲରେ ସାନଭୀ ୬-୦, ୬-୪ ସେଟରେ ଆନ୍ଧ୍ର ପ୍ରଦେଶର ପ୍ରିୟା ପାପାଲାଙ୍କୁ, ସଂରଚନା ୬-୦, ୬-୦ ସେଟରେ ପଶ୍ଚିମବଙ୍ଗର ଏଶାନ ଦାସଙ୍କୁ ଏବଂ ବର୍ଷିତା ୬-୩, ୬-୨ ସେଟରେ ପଶ୍ଚିମବଙ୍ଗର ଶ୍ରୀୟା ବାନିକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଅନ୍ୟତମ ଖେଳାଳି ଭାବେ ଉତ୍ତର ପ୍ରଦେଶର ଆଶି ସମସେରୀ ସେମିଫାଇନାଲରେ ପହଞ୍ଚିଛନ୍ତି। ସେହିଭଳି ବାଳକ ସିଙ୍ଗଲ୍ସରେ ଓଡ଼ିଶାର ସୂୟାଶ ପଟ୍ଟନାୟକ ଓ ଆୟୁଷ ପଟ୍ଟନାୟକ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସୂୟାଶ ୬-୧, ୬-୩ ସେଟରେ ଛତିଶଗଡ଼ର ତନଭ୍ୟା ଗୋଏଲଙ୍କୁ ଏବଂ ଆୟୁଷ ୬-୪, ୬-୩ ସେଟରେ ଝାଡ଼ଖଣ୍ଡର ସମୟ ଆଗମନଙ୍କୁ ହରାଇଥିଲେ। ତେବେ ଗୌରୀ ପଣ୍ଡା, ବ୍ରିଜେଶ ପାଢ଼ୀ ଓ ଅର୍ଚିଶମାନ ପଟ୍ଟନାୟକ ପ୍ରି-କ୍ୱାର୍ଟରରେ ହାରି ବିଦାୟ ନେଇଛନ୍ତି।

## ଫାଇନାଲ ରାଉଣ୍ଡରେ ଫାଓ ଏକାଡେମୀ

ଭୁବନେଶ୍ୱର, ୧୪।୪ (ସମିସ): ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଚାଲିଥିବା ୧୮ ବର୍ଷରୁ କମ୍ ଯୁବ ଏଲିଟ ଲିଗ୍‌ର ଫାଇନାଲ ରାଉଣ୍ଡକୁ ଫାଓ ଏକାଡେମୀ ଯୋଗ୍ୟତା ଅର୍ଜନ କରିଛି। ଲିଗ୍ ପର୍ଯର୍ୟାୟରେ ଫାଓ ଏକାଡେମୀ ୧୦ଟି ମ୍ୟାଚ୍ ଖେଳି ୬ ବିଜୟ ସହ ୧୮ ପଏଣ୍ଟ ପାଇ ଟେବଲର ଦ୍ୱିତୀୟ ସ୍ଥାନରେ ରହିବା ସହ ଫାଇନାଲ ରାଉଣ୍ଡକୁ ଟିକଟ୍ ହାସଲ କରିଥିଲା। ଏପ୍ରିଲ ୧୭ରୁ ୨୮ ତାରିଖ ପର୍ଯ୍ୟନ୍ତ ଫାଇନାଲ ଅନୁଷ୍ଠିତ ହେବ। ଏହି ସଫଳତା ଲାଗି ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଏକାଡେମୀର ସମସ୍ତ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି।

### ୱାଇଡ୍, ନୋ ବଲ୍ ରିଭ୍ୟୁକୁ ନେଇ ଆଇପିଏଲ୍‌ରେ ଚିନ୍ତା

## ମ୍ୟାଚ୍ ଟାଇମିଂ ବଢ଼ାଉଛି ମେଡିକାଲ ଟାଇମ୍ ଆଉଟ

ନୂଆଦିଲ୍ଲୀ,୧୪।୪(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୨୦୨୬ ସଂସ୍କରଣର ପ୍ରଥମ ୨୦ଟି ମ୍ୟାଚ୍‌ରେ ଆଇପିଏଲ୍‌ର ପ୍ରାୟ ସମସ୍ତ ରେକର୍ଡ ଭାଙ୍ଗିଦେଇଛି। ରେକର୍ଡ ଭାଙ୍ଗିବା ଭଲ, କିନ୍ତୁ ଏଥିଲାଗି ମ୍ୟାଚ୍ ସମୟ ବୃଦ୍ଧି ହେବା ଘଟଣା ବର୍ତ୍ତମାନ ଆଇପିଏଲ୍‌ର ସବୁଠାରୁ ଚିନ୍ତାଜନକ ବିଷୟରେ ପରିଣତ ହୋଇଛି। ରବିବାର ମୁମ୍ବଇରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବନାମ ମୁମ୍ବଇ ଇଣ୍ଡିଆନ୍ସ ମୁକାବିଲା କୌଣସି ଯଥାର୍ଥ କାରଣ ନ ଥାଇ ସବୁଠାରୁ ଅଧିକ ସମୟ ମ୍ୟାଚ ଖେଳାଯାଇଥିଲା। ୧୧ଟା ପୂର୍ବରୁ ସରିବାକୁ ଥିବା ମ୍ୟାଚ୍ ରାତି ୧୨ଟାରେ ଶେଷ ହୋଇଥିଲା। ମ୍ୟାଚ୍ ଏତେ ସମୟ କାହିଁକି ଡେରିହେଲା ତାହାର କାରଣ ଖୋଜିବାରୁ ୱାଇଡ୍ ଓ ନୋବଲ ରିଭ୍ୟୁ ସହ ମେଡିକାଲ ଟାଇମ୍ ଆଉଟ ମୁଖ୍ୟକାରଣ ବୋଲି ଜଣାପଡ଼ିଥିଲା।

ଆଇପିଏଲ୍ ମ୍ୟାଚ୍‌ରେ ପ୍ରତି ଦଳକୁ ୨ଟି ଲେଖାଏଁ ରିଭ୍ୟୁ ବା ଡିଆର୍‌ଏସ୍ ନେବାର ସୁଯୋଗ ଦିଆଯାଇଛି। ପ୍ରଥମେ ପ୍ରଥମେ ଦଳ ଗୁଡିକ ଖେଳାଳି ଆଉଟ ହେଲାବେଳେ ଡିଆର୍‌ଏସ ନେଉଥିଲେ। କିନ୍ତୁ ଏବେ ୱାଇଡ୍ ଓ ନୋବଲ୍ ଲାଗି ମଧ ଅଧିନାୟକ ରିଭ୍ୟୁ ନେଉଛନ୍ତି। ଯାହା ଫଳରେ ଓଭର ପୁରିବାକୁ ଅଧିକ ସମୟ ନେଉଛି। ସେହିପରି ଟିମ୍ ଗୁଡିକ ମେଡିକାଲ ଟାଇମ୍‌ଆଉଟର ବ୍ୟବହାର କରି ରଣନୀତି ସଜାଡୁଛନ୍ତି। ମେଡିକାଲ ଟାଇମ୍ ଆଉଟର ନିର୍ଦ୍ଦିଷ୍ଟ ସଂଖ୍ୟା ନାହିଁ, କାରଣ କିଏ କେତେବେଳେ ଆହତ ହେବେ ତାହା କହିବା କଷ୍ଟକର। ଏଥିରୁ ଫାଇଦା ନେଉଛନ୍ତି ଟିମ୍ ଗୁଡିକ। ଯାହା ଫଳରେ ମ୍ୟାଚ୍ ସମୟ ବୃଦ୍ଧି ପାଇବାରେ ଲାଗୁଛି। ରବିବାର ମୁମ୍ବଇରେ ଖେଳାଯାଇଥିବା ମ୍ୟାଚ୍‌ରେ ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି। ମୁମ୍ବଇ ଇନିଂସର ଶେଷ ଓଭର ବୋଲିଂ ବେଳେ ଆର୍‌ସିବି ୩ ଥର ମେଡିକାଲ ଟାଇମ୍ ଆଉଟ ନେବା ଏହାର ନଗ୍ନତମ ଉଦାହରଣ।

ମୁମ୍ବଇ ଇନିଂସର ୧୬ତମ ଓଭରରେ ବୋଲିଂ କରୁଥିବା ବେଳେ ଆର୍‌ସିବି ବୋଲର ରସିକ୍ ସଲାମ ଦର ଗୋଡରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର କ୍ରାମ୍ପ ହୋଇଥିବା ଜଣାପଡ଼ିଥିଲା। ଫିଜିଓ ପଡ଼ିଆକୁ ଆସି ତାଙ୍କୁ ଚିକିତ୍ସା କରିଥିଲେ। ଚିକିତ୍ସା ପରେ ସେ ଫିଟ ହେଲେ ଓ ବୋଲିଂ କରିଥିଲେ। ଏହି ବଲ୍‌କୁ ଶେରଫାନ ରଦରଫୋର୍ଡ ଛକା ମାରିବା ପରେ ରସିକ୍‌ଙ୍କ ପୁଣିଥରେ ଚିକିତ୍ସା କରିବାକୁ ପଡ଼ିଥିଲା। ଫଳରେ ଖେଳ ଦ୍ୱିତୀୟ ଥର ବନ୍ଦ କରାଗଲା। ଏହା ପରେ ସେ ନମନ ଧୀରଙ୍କ ୱିକେଟ ନେଇଥିଲେ। ଏହି ଓଭରରେ ତୃତୀୟଥର ଲାଗି ରସିକ ଆହତ ହୋଇଥିଲେ। ମେଡିକାଲ ଟାଇମ୍ ଆଉଟରେ ଫିଜିଓ ପୁଣିଥରେ ଚିକିତ୍ସା କରିବାକୁ ଆସିଥିଲେ। କିନ୍ତୁ ଏଥର ଅମ୍ପାୟାର ଏଥିରେ ହସ୍ତକ୍ଷେପ କରିଥିଲେ। ରସିକ୍‌ଙ୍କୁ ପଡ଼ିଆ ବାହାରେ ଚିକିତ୍ସା କରିବାକୁ କୁହାଗଲା ଓ ତାଙ୍କ ଓଭରକୁ ଆଉ ଜଣେ ବୋଲର ପୂରଣ କରିଥିଲେ। ଏହିଭଳି ବାରମ୍ବାର ଡିଆର୍‌ଏସ୍ ଓ ମେଡିକାଲ ଟାଇମ୍ ଆଉଟ ନେବା ପ୍ରାୟ ଏକ ଧାରାରେ ପଡ଼ିଗଲାଣି। ଯାହା ଫଳରେ ମ୍ୟାଚ୍ ଆଉ ନିର୍ଦ୍ଧାରିତ ସମୟରେ ଶେଷ ହୋଇ ପାରୁ ନାହିଁ।

ଆଇପିଏଲ୍ ପ୍ଲେଇଂ କଣ୍ଡିସନ ଅନୁଯାୟୀ ଆଇପିଏଲ୍‌ରେ ଗୋଟିଏ ମ୍ୟାଚ୍ ୨୦୦ ମିନିଟ୍ ଖେଳାଯିବ। ଏହା ମଧ୍ୟରୁ ପ୍ରତ୍ୟେକ ଇନିଂସ ୯୦ ମିନିଟ୍ ଲେଖାଏଁ ଓ ବିରତି ୨୦ ମିନିଟ୍ ରହିବ। ୯୦ ମିନିଟ୍ ଖେଳରେ ଅଢ଼େଇ ମିନିଟ୍ ଲେଖାଏଁ ୨ଥର ଷ୍ଟ୍ରାଟେଜିକ୍ ଟାଇମ୍ ଆଉଟ ୫ ମିନିଟ୍ ରହିବ। ଅର୍ଥାତ ଖେଳ ୮୫ ମିନିଟ ହେବ। କିନ୍ତୁ ରନ୍ ହାର ବୃଦ୍ଧି, ନୋ-ୱାଇଡ୍ ଲାଗି ଡିଆର୍‌ଏସ ଏବଂ ବାରମ୍ବାର ମେଡିକାଲ ଟାଇମ୍ ଆଉଟ ନେବା ଫଳରେ ମ୍ୟାଚ୍ ଶେଷ ହେବାକୁ ବିଳମ୍ବ ହେବାରେ ଲାଗିଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS